# ଉତ୍କଳ ପ୍ରସଙ୍ଗ

ଘରୋଇ (ଲୋକସମ୍ପର୍କ) ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର

# ଉତ୍କଳ ପ୍ରସଙ୍ଗ

ଚତୁର୍ଦ୍ଦଶ ଭାଗ—ନବମ ସଂଖ୍ୟା

୧୫ ଏପ୍ରିଲ
୧୯୫୮

ଚୈତ୍ର ୨୫ ଦିନ
୧୮୮୦ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସମ୍ପାଦକ
ଶ୍ରୀ ବଞ୍ଛଦଚରଣ ପଟ୍ଟନାୟକ, ବି. ଏଲ୍.

ଟେଲିଗ୍ରାମ—ପବ୍ଲିସିଟି
ଟେଲିଫୋନ—୧୧ ଓ ୪୦ ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ତିନି ଟଙ୍କା
ପ୍ରତି ସଂଖ୍ୟାର ମୂଲ୍ୟ—୨୫ ନୂଆ ପଇସା

ଘରୋଇ (ଲୋକସମ୍ପର୍କ) ବିଭାଗ
ଓଡ଼ିଶା
ନୂଆ ରାଜଧାନୀ ଭୁବନେଶ୍ୱର

# ସୂଚୀପତ୍ର


୧। ଭୁବନେଶ୍ୱରରେ ଭାରତୀୟ ଐତିହାସିକ ରେକର୍ଡସ କମିଶନ— ...

(କ) ଅଧିବେଶନ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟପାଳଙ୍କ ଭାଷଣ ... ...

(ଖ) ସଭାପତି ଡକ୍ଟର ଶ୍ରୀମାଳୀଙ୍କ ଅଭିଭାଷଣ ... ...

(ଗ) ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭାଷଣ ...

(ଘ) ଶିକ୍ଷାମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ଭାଷଣ ... ...

୨। ଓଡ଼ିଶାର ଶିଳ୍ପଶିକ୍ଷାନୁଷ୍ଠାନ ... ... ...

୩। ଲୁଧିଆନା ସହର କପରି ଗୋଟିଏ ଶିଳ୍ପକେନ୍ଦ୍ରରେ ପରିଣତ ହେଲା ...

୪। ଯୋଜନା-ଯୁଗରେ ଶିଳ୍ପବିକାଶ ... ... ...

୫। ଜାତିଗଠନ କାର୍ଯ୍ୟରେ ସମସ୍ତେ ସାହାଯ୍ୟ କରନ୍ତୁ ... ...

୬। ବର୍ତ୍ତମାନ ମେଟ୍ରିକ ପଦ୍ଧତି ଚଳାଇବାର କାରଣ ... ...

୭। ସମବାୟ ସମାଜବାଦୀ ରାଷ୍ଟ୍ର ... ... ...

୮। ଆମ ରାଜ୍ୟ ... ... ...

୯। ଆମ ଦେଶ ... ... ...

୧୦। ସମସ୍ତଙ୍କ ଜାଣିବାପାଇଁ ... ... ...

୧୧। ବଉଦ୍ଧ ଜିଲ୍ଲାର ଅଗ୍ରଗତି ... ...



ମୁଦ୍ରାକର

ପଣ୍ଡିତ ଅନସୂୟା ପ୍ରସାଦ ପାଠକ

ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ



# ଜାତୀୟ ସଙ୍ଗୀତ

ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା!
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ, ତବ ଶୁଭ
ଆଶିଷ ମାଗେ
ଗାହେ ତବ ଜୟ ଗାଥା।
ଜନ ଗଣ ମଙ୍ଗଳ ଦାୟକ ଜୟ ହେ!
ଭାରତ-ଭାଗ୍ୟ-ବିଧାତା!
ଜୟ ହେ, ଜୟ ହେ, ଜୟ ହେ, ଜୟ ଜୟ ଜୟ ଜୟ ହେ!



# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

# ଓ

# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ ବାର୍ଷିକ ସୁଧ ଶତକଡ଼ା ୬.୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍ ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯାଏ)।

୩। ପନ୍ଦରବର୍ଷିଆ ଆନୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍ ବାର୍ଷିକ ସୁଧ ଶତକଡ଼ା ୨½। ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟକର ଦେବାକୁ ପଡ଼ିବ ନାହିଁ।

**ସ୍ମରଣ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ପରିବାର ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣ ପାଇଁ—

**ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।**




ଚତୁର୍ଦ୍ଦଶ ଯୁଗ—ନବମ ସଂଖ୍ୟା    ଅପ୍ରେଲ ୧୫, ୧୯୫୮

## ଭୁବନେଶ୍ୱରରେ
# ଭାରତୀୟ ଐତିହାସିକ ରେକର୍ଡ଼ସ କମିଶନ

### ୩୩ଶ ଅଧିବେଶନ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟପାଳଙ୍କ ଉଦ୍‌ବୋଧନ

**ଇତିହାସର ସତର୍କ ବାଣୀ---ବିଜ୍ଞାନ ଓ ଶିଳ୍ପ ଧ୍ୱଂସ ପାଇଁ ବିନିଯୋଗ ନ ହେଉ**



ରାଜ୍ୟପାଳ ଶ୍ରୀ ସୁକଥଣ୍କର ଭାରତୀୟ ଐତିହାସିକ ରେକର୍ଡ଼ସ କମିଶନର ୩୩ଶ ଅଧିବେଶନ ଉଦ୍‌ଘାଟନ କରି କହିଲେ, ଆଠବର୍ଷ ପୂର୍ବେ ଯେତେବେଳେ ଓଡ଼ିଶାରେ କମିଶନ ବସିଥିଲା, ସେତେବେଳକୁ ଦେଶ ସ୍ୱାଧୀନତା ଲାଭ କରିବାର ମାତ୍ର ଦୁଇବର୍ଷ ଅତିବାହିତ ହୋଇଥାଏ । ତାର ମାତ୍ର ୧୩ ବର୍ଷ ପୂର୍ବରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଜନ୍ମଲାଭ କରିଥାଏ । ତେଣୁ ଭାରତୀୟ ଐତିହାସିକ ରେକର୍ଡ଼ସ କମିଶନ ଯେଉଁସବୁ ସ୍ୱତନ୍ତ୍ର ସମସ୍ୟା ସହିତ ଅଧିକ ପ୍ରତ୍ୟକ୍ଷ ଓ ନିବିଡ଼ ଭାବରେ ସମ୍ପୃକ୍ତ, ସେଥିପ୍ରତି ଧ୍ୟାନ ଦେବାଲାଗି ନୂତନ ରାଜ୍ୟର ସରକାର ଅଧିକ ସମୟ ପାଇ ନଥିଲେ । ସେହି ଦିନଠାରୁ ଐତିହାସିକ ନଥିପତ୍ରଗୁଡ଼ିକୁ ଉପଯୁକ୍ତ ଭାବରେ ପେଶ୍ କରିବା ପାଇଁ ବ୍ୟବସ୍ଥା କରାଯାଉଛି ଓ କରାଯାଉଥିବ ବୋଲି ସେ ଘୋଷଣା କରିଥିଲେ ।

ଓଡ଼ିଶାର ନୂଆ ରାଜଧାନୀରେ ନିର୍ମିତ ହେଉଥିବା ସେକ୍ରେଟେରିଏଟ୍ ଭବନରେ ମାହାଫିଜ୍‌ଖାନା ପାଇଁ ଯଥେଷ୍ଟ ସ୍ଥାନ ରଖିବାକୁ ଆୟୋଜନ କରାଯାଉଛି ।

ନିକଟ ଭବିଷ୍ୟତରେ ଭୁବନେଶ୍ୱରଠାରେ ଗୋଟିଏ ମ୍ୟୁଜିୟମ ନିର୍ମାଣର ପ୍ରସ୍ତାବ ମଧ୍ୟ ରହିଛି । ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବିଛୁରି ହୋଇ ରହିଥିବା ନଥିପତ୍ରଗୁଡ଼ିକ ଏହି ମହାଫେଜଖାନା ଓ ମ୍ୟୁଜିୟମ୍ ମଧ୍ୟରେ ରହି ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଐତିହାସିକ ନଥିପତ୍ରଗୁଡ଼ିକର କେବଳ ଐତିହାସିକ ଗୁରୁତ୍ୱ ଛଡ଼ା କୌଣସି ବାସ୍ତବ ମୂଲ୍ୟ ନାହିଁ ବୋଲି ଯେଉଁ ଅଭିମତ ପ୍ରକାଶ ପାଉଛି, ସେ ତାର ଘୋର ବିରୋଧୀ । ହିବ୍ରୁରେ ପୁରୁଣା ବାଇବଲ ରେକର୍ଡର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ପରେ ଇସ୍ରାଏଲରେ ଅନେକଗୁଡ଼ିଏ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ପରେ ମରୁଭୂମିରେ ପରିଣତ ହୋଇଯାଇଥିଲେ ମଧ୍ୟ ପୂର୍ବେ କେଉଁ କେଉଁ ସ୍ଥାନରେ ଜଳ ଓ ଖାଦ୍ୟ ସୁଲଭ ଥିଲା ଏବଂ ଘନ-ଜନବସତି ଥିଲା ତାହା ଜାଣିବାପାଇଁ ଏହି ରେକର୍ଡରୁ ତଥ୍ୟ ମିଳିଥିଲା । ଆମର ବିଭିନ୍ନ ଯୋଜନା ଓ ପରିକଳ୍ପନା ସମ୍ପର୍କରେ ଆମର ପୁରାତନ ନଥିପତ୍ର-ଗୁଡ଼ିକ କେତେକ ପ୍ରୟୋଜନୀୟ ତଥ୍ୟ ଯୋଗାଇ ପାରେ ।

ବ୍ରିଟିଶ ଶାସନ କାଳର ପ୍ରଥମ ଅବସ୍ଥାରେ ପାରାଦ୍ୱୀପଠାରେ ଗୋଟିଏ ସାମୁଦ୍ରିକ ବନ୍ଦର ନିର୍ମାଣର ପ୍ରସ୍ତାବ ଥିଲା । ଆଗ କାଳରେ ପାରାଦ୍ୱୀପଠାରୁ କଲିକତାକୁ ଓ ବିଦେଶର ବହୁତ ସ୍ଥାନକୁ ବହୁ ପରିମାଣରେ ବାଣିଜ୍ୟିକ ଦ୍ରବ୍ୟ ପଠା ଯାଉଥିଲା । ବର୍ତ୍ତମାନ ପାରାଦ୍ୱୀପଠାରେ ଗୋଟିଏ ବନ୍ଦର ନିର୍ମାଣପାଇଁ ଯେଉଁମାନେ ଲଗି ପଡ଼ିଛନ୍ତି ସେମାନଙ୍କ ପକ୍ଷରେ ଉକ୍ତ ପ୍ରସ୍ତାବ ସଂପର୍କୀୟ ତଥ୍ୟାବଳୀ ପ୍ରୟୋଜନ ହୋଇପାରେ । ସେହିପରି ବ୍ରିଟିଶ ଅମଳରେ ବିହାର ବଙ୍ଗଳାରୁ ଶାସନ ବିଭାଗକୁ ପୃଥକ କରିବା କଥା ମଝିରେ ମଝିରେ ବିବେଚନା କରାଯାଇଥିଲା ଏବଂ ମଝିରେ ମଝିରେ କିଛି ଆନୁଷ୍ଠାନିକ ବ୍ୟବସ୍ଥାର ସଂଶୋଧନ କରାଯାଇଥିଲା । ବର୍ତ୍ତମାନ ଏଇ ସମ୍ପର୍କୀୟ ସଂସ୍କାର କାର୍ଯ୍ୟକାରୀ କରିବା ଦିଗରେ ସେ ସବୁ ତଥ୍ୟ ଆମମାନଙ୍କର ବିଶେଷ ଦରକାରରେ ଆସିପାରେ ।

ଶେଷରେ ସେ କହିଥିଲେ ଯେ କେହି କେହି ଇତିହାସକୁ ଦର୍ଶନରୂପେ ବର୍ଣ୍ଣନା କରିଛନ୍ତି । ନାନା ଉଦାହରଣ ସାହାଯ୍ୟରେ ଇତିହାସ ଆମକୁ ଶିକ୍ଷା ଦେଇଥାଏ ଏବଂ ନାନା ଘଟଣାର ପରିଣତି ଦେଖି ଆମେ ସାବଧାନ ହୋଇଥାଉ । ବର୍ତ୍ତମାନ ପରିସ୍ଥିତିରୁ ଦେଖାଯାଏ ଯେ ଜଗତ ଉଦାହରଣରୁ କୌଣସି ଶିକ୍ଷା ଲାଭ କରି ନାହିଁ କିମ୍ବା ଇତିହାସର ସତର୍କବାଣୀ ପ୍ରତି କର୍ଣ୍ଣପାତ କରିନାହିଁ । ଆଜି ବିଜ୍ଞାନ ଓ ଶିଳ୍ପ ବିଦ୍ୟା ସାହାଯ୍ୟରେ ଧ୍ୱଂସର ଅସ୍ତ୍ର ପ୍ରସ୍ତୁତ କରାଯାଉଛି । ଇତିହାସର ଶିକ୍ଷା ଗ୍ରହଣ କଲେ ଆମର ଯଥେଷ୍ଟ ଉପକାର ସାଧିତ ହୁଅନ୍ତା ଏବଂ ଶାନ୍ତି ଓ ସମୃଦ୍ଧି ଦିଗରେ ବିଜ୍ଞାନ ଓ ଶିଳ୍ପ ବିଦ୍ୟାକୁ ବିନିଯୋଗ କରାଯାଇ ପାରନ୍ତା ।

## ( ୨ )

# ସଭାପତି ଡକ୍ଟର ଶ୍ରୀମାଳୀଙ୍କ ଅଭିଭାଷଣ

## ଓଡ଼ିଶାର ଇତିହାସ ଭାରତୀୟ ସଭ୍ୟତାର ଅରୁଣୋଦୟର ସ୍ମାରକ



ଭୁବନେଶ୍ୱରଠାରେ ଗତ ମାର୍ଚ୍ଚ ମାସ ୨୩ ତାରିଖରେ ଅନୁଷ୍ଠିତ ଭାରତୀୟ ଐତିହାସିକ ରେକର୍ଡସ୍ କମିଶନର ୩୩ଶ ଅଧିବେଶନରେ ସଭାପତିତ୍ୱ କରି ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ. ଶ୍ରୀମାଳୀ କହିଲେ, ଆଜ ଦୁଃଖର ସନ୍ଧାନକାରଣରେ ଭାରତୀୟ ଐତିହାସିକ ରେକର୍ଡସ୍ କମିଶନର ବୈଠକ ବସୁଛି । ମୌଲାନା ଅବୁଲ କାଲମ ଆଜାଦ ଗତ ଦଶବର୍ଷ ହେଲା କମିଶନର ସଭାପତି ଥିଲେ । ତାଙ୍କ ମୃତ୍ୟୁ ଫଳରେ ଆମେ କେବଳ ଜଣେ ସୁଦକ୍ଷ ସଭାପତିଙ୍କୁ ହରାଇ ନାହୁଁ, ଦେଶର ସାମ୍ପ୍ରତିକ ଇତିହାସକୁ ରୂପ ଦେବା କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରିଥିବା ଜଣେ ମହାନ୍ ବ୍ୟକ୍ତିଙ୍କୁ ହରାଇ ବସିଛୁ । ତାଙ୍କ ମୃତ୍ୟୁରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ତାହା ସହଜରେ ପୂରଣ ହୋଇପାରିବ ନାହିଁ ।

ଡକ୍ଟର ଶ୍ରୀମାଳୀ କହିଲେ, ଓଡ଼ିଶାରେ ଏହା ଦ୍ୱିତୀୟ ଥର ପାଇଁ ଭାରତୀୟ ଇତିହାସ ରେକର୍ଡସ୍ କମିଶନର ଅଧିବେଶନ ବସୁଛି । ଗତ ୧୯୪୯ ମସିହାରେ କଟକଠାରେ ମଧ୍ୟ ଏକ ଅଧିବେଶନ ବସିଥିଲା । ଇତିହାସ ଗବେଷକମାନଙ୍କ ସମ୍ମେଳନ ଲାଗି ଓଡ଼ିଶାହିଁ ଉପଯୁକ୍ତ କ୍ଷେତ୍ର । ଓଡ଼ିଶାର ଇତିହାସ ଅଧ୍ୟୟନ କଲେ ଭାରତୀୟ ସଭ୍ୟତାର ଅରୁଣୋଦୟ କଥା ସ୍ମୃତି-ପଥାରୂଢ଼ ହୁଏ । ଏକ ସମୃଦ୍ଧିମନ୍ତ ଐତିହ୍ୟର ଗୌରବର ଭଗ୍ନାବଶେଷମାନ ସମଗ୍ର ରାଜ୍ୟରେ ଇତସ୍ତତଃ ଦୃଷ୍ଟିଗୋଚର ହୋଇଥାଏ । ପ୍ରତ୍ନତତ୍ତ୍ୱବିତ୍‌ମାନେ ଶିଶୁପାଳଗଡ଼ଠାରେ ମୌର୍ଯ୍ୟ ଯୁଗୀୟ ସଭ୍ୟତାର ଅବଶେଷ ଖୋଳି ବାହାର କରିଛନ୍ତି । ଉଦୟଗିରି ହାତୀଗୁମ୍ଫାର ଶିଳାଲିପିରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଜଣେ ଶକ୍ତିଶାଳୀ ଏକଛତ୍ରପତିଙ୍କ ଦିଗ୍‌ବିଜୟର ପ୍ରମାଣ ମିଳେ । ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାମାନଙ୍କରେ ଯେଉଁ କଳା ଓ ସ୍ଥାପତ୍ୟ ଦେଖିବାକୁ ମିଳେ, ସେଥିରେ ଓଡ଼ିଶାର ଲୋକମାନଙ୍କ ସଂସ୍କୃତି ଫୁଟି ଉଠୁଛି । ଏକ ସମୟରେ ଓଡ଼ିଶା ଯେ ଅତି ସମୃଦ୍ଧିମନ୍ତ ଓ ସଂସ୍କୃତିସମ୍ପନ୍ନ ଥିଲା, ତାହା ଏଗୁଡ଼ିକ ନୀରବ ଭାଷାରେ ଜଣାଇ ଦେଉଥାନ୍ତି । କୋଣାର୍କ ଓ ଭୁବନେଶ୍ୱରରେ ଥିବା ମନ୍ଦିରଗୁଡ଼ିକ ଭାରତୀୟ କଳାର ସର୍ବୋତ୍ତମ ନିଦର୍ଶନ । ଓଡ଼ିଶାର ସ୍ଥାପତ୍ୟରେ ପ୍ରାଚୀନ ଗ୍ରୀସ୍ ଓ ନବଜାଗ୍ରତ ଇଟାଲୀୟ (ଚତୁର୍ଦ୍ଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ୟୁରୋପରେ ଶିଳ୍ପ ଓ ସାହିତ୍ୟର ପୁନରଭ୍ୟୁଦୟ ହୋଇଥିଲା) ସମ୍ମିଳିତ ରୂପ କଳା-ପ୍ରକାଶ ପରିପୂର୍ଣ୍ଣତା ଲାଭ କରିଛି । ପନ୍ଦର ଶହ ବର୍ଷରୁ ଅଧିକ କାଳ ଧରି ଓଡ଼ିଶାରେ ବଳଶାଳୀ ଓ ଶକ୍ତିଶାଳୀ ରାଜତ୍ୱ ଚାଲିଥିଲା । ଲୋକେ ଥିଲେ ଅଧ୍ୟବସାୟୀ ଓ ପରିଶ୍ରମୀ ଏବଂ ଧନସମ୍ପଦ ରାଜ୍ୟରେ ପୂରି ରହିଥିଲା । ଗଙ୍ଗାଠାରୁ ମହାନଦୀର ଉଭୟ ପାର୍ଶ୍ୱଦେଶରେ

ଓଡ଼ିଶାର ସମୃଦ୍ଧି ଓ ସଭ୍ୟତାର ଭୂରି ଭୂରି ପ୍ରମାଣ ଦେଇ ଯାଇଥିଲା । କିନ୍ତୁ ବହିରାଗତ ଅଭିଯାନ ଫଳରେ ଓଡ଼ିଶାର ଗୌରବରବି କ୍ରମେ କ୍ରମେ ଅସ୍ତମିତ ହୋଇଗଲେ । ଅରାଜକତା ସଙ୍ଗକୁ ଅତିବୃଷ୍ଟି ଓ ଅନାବୃଷ୍ଟି ଅବସ୍ଥାକୁ ଆହୁରି ସଙ୍କଟଜନକ କରି ତୋଳିଲେ । ଶେଷରେ ୧୮୦୩ ମସିହାରେ ଓଡ଼ିଶା ପ୍ରଦେଶ ଇଂରେଜମାନଙ୍କ କବଳୀଭୂତ ହେଲା ।

ଏକ ମହାନ୍ ସଭ୍ୟତାର ଉତ୍ଥାନ ଓ ପତନ ଓଡ଼ିଶା ଦେଖିଛି । କି ଗୌରବମୟ ଯୁଗ ମଧ୍ୟ ଦେଇ ଭାରତୀୟ ସଭ୍ୟତା ଦିନେ ଗତି କରିଥିଲା, ତାହା କୋଣାର୍କ ଓ ଭୁବନେଶ୍ୱର ମନ୍ଦିର ଆମକୁ ସ୍ମରଣ କରାଇ ଦିଏ । ତାପରେ ଆସିଲା ଅଧଃପତନ ଏବଂ ଶେଷରେ ଆମେ ପରାଧୀନ ହେଲୁ । ସ୍ୱାଧୀନତା ଲାଭ ପରେ ଆଜି ହୀରାକୁଦ ବନ୍ଧ ଓ ରାଉରକେଲା ଯୋଜନାପ୍ରତି ଦୃଷ୍ଟିପାତ କଲେ ଦୃଢ଼ତାର ସହିତ କୁହାଯାଇପାରେ ଯେ ସଭ୍ୟତାର ଚକ ପୁଣି ଘୁରିଛି ଏବଂ ଆମେ ଯଦି ନିରବଚ୍ଛିନ୍ନ ଭାବରେ କଠିନ ପରିଶ୍ରମ କରୁ ଏବଂ ଆମର ସୃଜନଶକ୍ତିକୁ କାର୍ଯ୍ୟରେ ଲଗାଉ, ତେବେ ଆମର ଭବିଷ୍ୟତ ପୁଣି ଗୌରବମୟ ହୋଇ ଉଠିବ ।

ରାଜ୍ୟ ସରକାରଙ୍କ ବହୁ ଯତ୍ନବଳରେ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ସମ୍ପଦ ସୁରକ୍ଷିତ ହୋଇଛି । ଭୁବନେଶ୍ୱରରେ ଅବସ୍ଥିତ ଓଡ଼ିଶା ମ୍ୟୁଜିଅମ୍‌ରେ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ବହୁ ମୂର୍ତ୍ତିଫଳକ ସଂଗୃହୀତ ହୋଇ ରହିଛି । ଅବଶ୍ୟ ଐତିହାସିକ ଗବେଷଣା ପାଇଁ ବିଶେଷ ପ୍ରୟୋଜନୀୟ ଐତିହାସିକ ସାମଗ୍ରୀର ଅଭାବ ଏଠାରେ ପରିଲକ୍ଷିତ ହୁଏ । ସେସବୁ ଏପର୍ଯ୍ୟନ୍ତ ଅଜ୍ଞାତ ଅବସ୍ଥାରେ ରହିଛି । ଓଡ଼ିଶା ସରକାରୀ ପ୍ରାଚୀନ ଲେଖାଗାର ( ଓଡ଼ିଶା ଷ୍ଟେଟ୍ ଆରକାଇଭସ୍ ) ୧୯୩୮ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ହେଲା । ସଂଗୃହୀତ ହୋଇ ଏହି ଅଫିସରେ ଥିବା ପ୍ରାଚୀନ ଲେଖାଗୁଡ଼ିକ ଐତିହାସିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏଥିମଧ୍ୟରୁ କେତେଗୁଡ଼ିଏ ମୋଗଲ ଯୁଗର । ପାରସୀ, ମରାଠୀ ଓ ଓଡ଼ିଆ ଭାଷାରେ ଲେଖା ହୋଇଥିବା ଏହି ନଥିପତ୍ରଗୁଡ଼ିକ ସାବଧାନତାର ସହିତ ଅଧ୍ୟୟନ କରାଗଲେ ତାହା ଭାରତର, ବିଶେଷତଃ ଓଡ଼ିଶାର ଇତିହାସ ପୁନର୍ଗଠନ-ବ୍ରତୀ ପଣ୍ଡିତମଣ୍ଡଳୀର ବିଶେଷ ସହାୟକ ହେବ । ମୁଁ ଜାଣିବାକୁ ପାଇଛି ଯେ ରାଜ୍ୟ ରେକର୍ଡସ୍ ଅଫିସ ପକ୍ଷରୁ "ଓଡ଼ିଶା ରେକର୍ଡସ୍ ସିରିଜ" ନାମରେ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପ୍ରକାଶ କରାଯାଉଛି । ଭାରତୀୟ ଐତିହାସିକ ରେକର୍ଡସ କମିଶନର ପ୍ରସ୍ତାବ ଅନୁଯାୟୀ ଏହା କରାଯାଉଛି । ମୂଲ୍ୟବାନ ପ୍ରାଚୀନ ଲେଖାମାନ ଖୋଜି ବାହାର କରି ସାଇତି ରଖିବା ପାଇଁ ରାଜ୍ୟ ସରକାର ଗୋଟିଏ ଆଞ୍ଚଳିକ ରେକର୍ଡସ ସର୍ଭେ କମିଟି ଗଠନ କରିଛନ୍ତି । ଫଳରେ ବ୍ୟକ୍ତିଗତ ଜିମାରେ ଥିବା ପତ୍ର ମଧ୍ୟ ସରକାରଙ୍କ ଦୃଷ୍ଟି ଏଡ଼ାଇ ଯାଇ ପାରୁନାହିଁ । ଉକ୍ତ ସର୍ଭେ କମିଟି ପକ୍ଷରୁ ବହୁ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବାନ ନଥିପତ୍ର ଖୋଜି ବାହାର କରାଯାଇଛି ।

କମିଶନର ଅତୀତ କାର୍ଯ୍ୟକଳାପ ବିଷୟ ଉଲ୍ଲେଖ କରି ଡକ୍ଟର ଶ୍ରୀମାଳୀ କହିଥିଲେ ଯେ କମିଶନ ଗଠନ ହେବାର ୩୦ ବର୍ଷ ହୋଇଗଲାଣି । ଦେଶର ଐତିହାସିକ ଗବେଷଣା ଦିଗରେ ଏହା ପଥପ୍ରଦର୍ଶକ ହୋଇଛି ବୋଲି ଯେ କେହି ନିଶ୍ଚୟ ବିଶ୍ୱାସ କରିବ । ଏହି କମିଶନର ପ୍ରଚେଷ୍ଟା ଫଳରେ ଭାରତର ପ୍ରାଚୀନ ଲେଖାଗାରଟିକୁ ଗୋଟିଏ ଆଧୁନିକ ପ୍ରାଚୀନ ନଥିପ ଭଣ୍ଡାରରେ ପରିଣତ କରିବାକୁ ଭାରତ ସରକାର ବ୍ୟବସ୍ଥା ଗ୍ରହଣ କଲେ । ବର୍ତ୍ତମାନ ପ୍ରାଚୀନ ନଥିପ ସମ୍ପର୍କୀୟ ଅଧ୍ୟୟନ ପ୍ରତି ବିଶେଷଜ୍ଞ ଓ ଶୌଖୀ ଲୋକମାନଙ୍କ ଦୃଷ୍ଟି ଅଧିକତର ଆକର୍ଷିତ ହେଉଛି ।

ଭାରତର ପ୍ରାଚୀନ ଲେଖାଗାରର ବିଭି କାର୍ଯ୍ୟକଳାପ ବିଷୟ ଉଲ୍ଲେଖ କରି ଡକ୍ଟର ଶ୍ରୀମା

କହିଲେ ଯେ ଭାରତ ସରକାରଙ୍କ ସବୁ ମନ୍ତ୍ରଣାଳୟ ସେମାନଙ୍କର ୪୦ ବର୍ଷ ଆଗର ସବୁ ନଥିପତ୍ର ଗବେଷଣା ପାଇଁ ଦେବାକୁ ରାଜି ହୋଇଛନ୍ତି । ସ୍ୱରାଷ୍ଟ୍ର ଓ ବୈଦେଶିକ ମନ୍ତ୍ରଣାଳୟର ୧୯୦୧ ମସିହା ପୂର୍ବ ରେକର୍ଡର ଅଧିକାଂଶ ବର୍ତ୍ତମାନ ପଣ୍ଡିତମାନଙ୍କୁ ଯୋଗାଇ ଦିଆଯାଇଛି । ସାଧାରଣ ସ୍ୱାର୍ଥଦୃଷ୍ଟିରୁ ଜାତୀୟ ପ୍ରାଚୀନ ଲେଖାଗାରର ନଥିପତ୍ର ଖୋଲି ରଖିବାର ନୀତି ଗ୍ରହଣ କରିବା ପାଇଁ ସରକାର ଇଚ୍ଛା କରିଛନ୍ତି । ଐତିହାସିକ ଓ ନଥିପତ୍ରବିତ୍‌ମାନେ ଏହି ନୀତିକୁ ସ୍ୱାଗତ କରିବେ ବୋଲି ମୁଁ ଆଶା କରୁଛି । ଉକ୍ତ ବିଭାଗ ନିଜର ଉନ୍ନୟନ ପରିକଳ୍ପନାଗୁଡ଼ିକ କାର୍ଯ୍ୟକାରୀ କରିବା ଦିଗରେ ଆଗେଇ ଚାଲିଛି । ଜାତୀୟ ପ୍ରାଚୀନ ଲେଖାଗାର ସଂପ୍ରସାରଣ ଉଦ୍ଦେଶ୍ୟରେ ଏଥିରେ ଆଜି ଏକ ଶାଖା ନିର୍ମାଣ ପ୍ରସ୍ତାବକୁ ଭାରତ ସରକାର ମଞ୍ଜୁର କରିଛନ୍ତି । ବିଦେଶରୁ ଭାରତୀୟ ସ୍ୱାର୍ଥସମ୍ବଳିତ ନଥିପତ୍ରର ଶବପତ୍ରୀ ( ମାଇକ୍ରୋଫିଲ ) ସଂଗ୍ରହ ପାଇଁ ଏକ କାର୍ଯ୍ୟକ୍ରମ ରହିଛି । ମାତ୍ର ବୈଦେଶିକ ମୁଦ୍ରା ଅଭାବରୁ ସେ କାର୍ଯ୍ୟକ୍ରମ ବିଶେଷ ଆଗେଇ ପାରିନାହିଁ । ଯାହାହେଉ ୧୯୫୭ ମସିହାରେ ବିଦେଶରୁ ୨୪୮ ରିଲ ଶବପତ୍ରୀ ମିଳିଛି । ବିଦେଶରେ ବ୍ୟକ୍ତିଗତ ଜମାରେ ଥିବା କେତେକ ନଥିପତ୍ର ମଧ୍ୟ ମିଳିଛି । ସେଥିମଧ୍ୟରେ ମହାତ୍ମା ଗାନ୍ଧୀ ଶ୍ରୀମତୀ ଏସ୍‌ଥେର ମେନେନଙ୍କ ନିକଟକୁ ଲେଖିଥିବା ୧୯୬ ଖଣ୍ଡ ଚିଠି ବିଶେଷ ଗୁରୁତ୍ୱପୂର୍ଣ୍ଣ । ନେଦରଲାଣ୍ଡ ସରକାରଙ୍କଠାରୁ ଏହା ଉପହାରରୂପେ ମିଳିଛି । ସିପାହୀବିଦ୍ରୋହ ପୂର୍ବ ସମୟର ରେକର୍ଡପତ୍ରର ଶବପତ୍ରୀ ସଂଗ୍ରହ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଚାଲିଛି । ଏହାପରେ ଡକ୍ଟର ଶ୍ରୀମାଳୀ ଜାତୀୟ ପ୍ରାଚୀନ ଲେଖାଗାରର ପ୍ରକାଶନ ବିଭାଗ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ନଥିପତ୍ର ରକ୍ଷଣାବେକ୍ଷଣ ଓ ମରାମତି ବ୍ୟବସ୍ଥା ଆଦି ବିଷୟ ଉଲ୍ଲେଖ କରିଥିଲେ ।

ଶେଷରେ ସେ କହିଲେ, ଐତିହାସିକ ଅଧ୍ୟୟନର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ମୁଁ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଐତିହାସିକମାନେ ଅତୀତ ଘଟଣାବଳୀ ସମ୍ପର୍କରେ ଏତେ ବେଶୀ ଚିନ୍ତିତ ଥାଆନ୍ତି ଯେ ବେଳେ ବେଳେ ସେମାନେ ବର୍ତ୍ତମାନ ଓ ଭବିଷ୍ୟତକୁ ପାଶୋରି ବସନ୍ତି । ଐତିହାସିକମାନେ ସାଧାରଣତଃ ଅତୀତର ଆବରଣ ଖୋଲିବା ଦିଗରେ ବିଶେଷ ଉତ୍ସାହୀ । କିନ୍ତୁ ଅତୀତର ଅଧ୍ୟୟନ ବର୍ତ୍ତମାନ ଜୀବନର ସମସ୍ୟାବଳୀ ସମାଧାନ ଦିଗରେ କେତେଦୂର ସହାୟକ ହେବ, ତାହା ବର୍ତ୍ତମାନର ବଂଶଧର-ମାନେ ଜାଣିବାକୁ ଆଗ୍ରହୀ । ତେଣୁ ଅତୀତର ଅଧ୍ୟୟନ ଏଭଳି ରଚନାତ୍ମକ ହେବା ଆବଶ୍ୟକ ଯାହା ଆଧୁନିକ ସଭ୍ୟତାର ଜଟିଳ ସମସ୍ୟା ସମାଧାନ ପଥରେ ଆଲୋକପାତ କରିବ ।

ଦ୍ୱିତୀୟ ମହାଯୁଦ୍ଧ ଫଳରେ ଜଗତରେ ବହୁ ପରିବର୍ତ୍ତନ ଘଟିଛି । ଉପନିବେଶବାଦର ଲୋପ ଫଳରେ ଏସିଆ, ଆଫ୍ରିକା, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ବହୁ ଦେଶ ଆନ୍ତର୍ଜାତିକ ବ୍ୟାପାରରେ ସେମାନଙ୍କ ନିଜ ନିଜ ଆସନ ଲାଭ କରି ପାରିଛନ୍ତି ଏବଂ ଇତିହାସର ଭବିଷ୍ୟତ ଗତିପଥ ନିର୍ଦ୍ଧାରଣରେ ସେମାନଙ୍କ ପ୍ରଭାବ ପକାଉଛନ୍ତି । ଆମ ବୈଦେଶିକ ନୀତିର ମୂଳଭିତ୍ତି ''ପଞ୍ଚଶୀଳ''କୁ ବର୍ତ୍ତମାନ ବହୁଦେଶ ଗ୍ରହଣ କରିସାରିଲେଣି । ଅତୀତରେ ଐତିହାସିକମାନେ ନିଜର ସଭ୍ୟତା ମଧ୍ୟରେ ନିଜକୁ ଆବଦ୍ଧ କରି ରଖୁଥିଲେ । ଫଳରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ମଧ୍ୟ ସୀମାବଦ୍ଧ ହୋଇ ଯାଉଥିଲା; କିନ୍ତୁ ଭବିଷ୍ୟତର ଐତିହାସିକ-ମାନଙ୍କୁ ଏ ସୀମାରେଖା ଭାଙ୍ଗି ସମସ୍ତ ଦେଶ ଓ ସମସ୍ତ ଯୁଗ ବିଷୟରେ ଅଧ୍ୟୟନ କରିବାକୁ ପଡ଼ିବ ।

ବିଭିନ୍ନ ସଭ୍ୟତା ପରସ୍ପରଠାରୁ ଭିନ୍ନ ହୋଇଥିଲେହେଁ ସବୁର କଳ୍ପନା କଳା ନିଜସ୍ୱ ରହିଛି । ସମସ୍ତ ସଭ୍ୟତାର ଉତ୍‌ଥାନ ଓ ପତନ ଘଟୁଛି । ସବୁ

ବଡ଼ ବଡ଼ ସଭ୍ୟତାର ଇତିହାସରେ ଏହି ଉତ୍‌ଥାନ-ପତନର ଏତେ ପୁନରାବୃତ୍ତି ହେଲାଣି ଯେ କୌଣସି ସଭ୍ୟତାର ଇତିହାସ ସଂପର୍କରେ ଗର୍ବ ଅନୁଭବ କରିବା ବୃଥା । ଆଧୁନିକ ଐତିହାସିକମାନଙ୍କୁ ମାନବିକ ଦୃଷ୍ଟିରୁ ନିଜର କର୍ତ୍ତବ୍ୟ ସଂପାଦନ କରିବାକୁ ହେବ । ସେ ଦିଗରେ ଭାରତୀୟ ଐତିହାସି ରେକର୍ଡ୍‌ସ୍ କମିଶନର ଦାୟିତ୍ୱ ମଧ୍ୟ ଯଥେଷ୍ଟ । ଶି ପରିବର୍ତ୍ତନଶୀଳ ଜଗତରେ ଭାରତୀୟ ଐତିହାସି ରେକର୍ଡ୍‌ସ୍ କମିଶନ ନିଜର କର୍ତ୍ତବ୍ୟ ଯଥାଯ ସମ୍ପାଦନ କରିବ ବୋଲି ମୋର ବିଶ୍ୱାସ ।

---

## ( ୩ )

### ଅଭ୍ୟର୍ଥନା ସମିତିର ସଭାପତି

## ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭାଷଣ

### ଆଜିର ଇତିହାସ ରାଜା ଓ ସାମନ୍ତମାନଙ୍କ ଇତିହାସ ନୁହେଁ; ଏହା ହେଉଛି ଜନତାର ଇତିହାସ



ଭୁବନେଶ୍ୱରଠାରେ ଅନୁଷ୍ଠିତ ଭାରତୀୟ ଐତିହାସିକ ରେକର୍ଡ୍‌ସ୍ କମିଶନର ୩୩ଶ ଅଧିବେଶନରେ ଅଭ୍ୟର୍ଥନା ସମିତିର ସଭାପତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ କହିଥିଲେ ଯେ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ କଲେକ୍ଟରେଟମାନଙ୍କରେ ଏବଂ କଟକ କମିଶନରଙ୍କ ଅଫିସରେ ସେହି ରେକର୍ଡମାନ ରହିଛି, ତାହା ଅ ଗୁରୁତ୍ୱପୂର୍ଣ୍ଣ । ଜୟପୁରରେ ଥିବା ନଥିପତ୍ର ଯେପରି ମରହଟ୍ଟା ଇତିହାସ ଉପରେ ଯଥେଷ୍ଟ ଆଲୋକପାତ କରେ ଏବଂ ସେ ଯୁଗର ଇତିହାସ ସଂପର୍କରେ ପେଶୱା ଦପ୍ତରଦ୍ୱାରା ପ୍ରଦତ୍ତ ଜ୍ଞାନକୁ ଅଧି ସୁସମୃଦ୍ଧ କରେ, ସେହିପରି ଓଡ଼ିଶାରେ ଥିବା ମରହ ରେକର୍ଡମାନ ସମଗ୍ର ମରହଟ୍ଟା ଇତିହାସ ଉପରେ ଆଲୋକପାତ କରିବ ବୋଲି ଆଶା କରାଯାଏ । ସେହିପରି ଏଠାରେ ଥିବା ମୁସଲମାନ ଯୁଗର ନଥିପତ୍ର ମଧ୍ୟ ସେ ଯୁଗର ଇତିହାସ ଉପରେ ଆଲୋକପାତ କରିପାରେ ।

ଭୁବନେଶ୍ୱରରେ ଆମେ ଏକ ଆଧୁନିକ ମିଉଜିଅ ସ୍ଥାପନ କରିବାକୁ ସ୍ଥିର କରିଛୁ । ରାଷ୍ଟ୍ରପତି ଡକ୍ଟ ରାଜେନ୍ଦ୍ର ପ୍ରସାଦଙ୍କଦ୍ୱାରା ଏହି ମ୍ୟୁଜିଅମ୍‌ର ଭି ସ୍ଥାପିତ ହୋଇସାରିଛି । ଏହି ମ୍ୟୁଜିଅମ୍‌ର ନକ୍ସ ଏପରିଭାବେ ପ୍ରସ୍ତୁତ ହୋଇଛି, ଯେପରିକି ଏହା ଗୋଟିଏ ଅଂଶରେ ମଧ୍ୟଯୁଗ ଓ ଆଧୁନିକ ଯୁଗ

ରେକର୍ଡ଼ମାନ ସୁରକ୍ଷିତ ହେବ ଏବଂ ଉତ୍କଳର କାଗଜପତ୍ର ସଂଗ୍ରହ ଓ ଅଧ୍ୟୟନ କରିବାପାଇଁ ଏକ ଗବେଷଣା ବିଭାଗ ରହିବ । ଭାରତ ସରକାରଙ୍କଠାରୁ ଯେଉଁ ସାହାଯ୍ୟ ଆଶା କରାଯାଉଛି, ତାହା ମିଳିଗଲେ ଏହି ବର୍ଷ ଶେଷ ସୁଦ୍ଧା ମ୍ୟୁଜିଅମର ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ଆମେ ଆଶା କରୁ ।

## ମୌଲାନା ଆଜାଦ ଓ ପଣ୍ଡିତ ମିଶ୍ର

ଡକ୍ଟର ମହତାବ ସ୍ୱର୍ଗୀୟ ମୌଲାନା ଆବୁଲ କାଲାମ ଆଜାଦ ଓ ସ୍ୱର୍ଗୀୟ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ମୌଲାନା ଆଜାଦ କେବଳ ଯେ ଆରବ ଭାଷାରେ ଜଣେ ବିଶିଷ୍ଟ ପଣ୍ଡିତ ଥିଲେ, ତାହା ନୁହେଁ । ସେ ଇତିହାସ ଓ ପ୍ରତ୍ନତତ୍ତ୍ୱରେ ମଧ୍ୟ ଜଣେ ବିଶିଷ୍ଟ ଜ୍ଞାନୀ ଓ ପୃଷ୍ଠପୋଷକ ଥିଲେ । ତାଙ୍କର ପୃଷ୍ଠପୋଷକତାରେ ୧୯୪୮ ମସିହାରେ ଭୁବନେଶ୍ୱର ନିକଟରେ ଶିଶୁପାଳଗଡ଼ର ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା । କେବଳ ଓଡ଼ିଶା ରାଜ୍ୟ ପାଇଁ ନୁହେଁ, ବ୍ୟକ୍ତିଗତ ଭାବେ ମୋ ପ୍ରତି ମଧ୍ୟ ତାଙ୍କର ଗଭୀର ସ୍ନେହ ଓ ସହାନୁଭୂତି ରହିଥିଲା । ତାଙ୍କର ବିୟୋଗରେ ଦେଶ ଜଣେ ବିଶିଷ୍ଟ ନେତାଙ୍କୁ ହରାଇଲା ଏବଂ ମୁଁ ଜଣେ ଅଭିଭାବକ ଓ ଶୁଭକାଂକ୍ଷୀଙ୍କୁ ହରାଇଲି । ୧୯୪୮ ମସିହାରେ ସ୍ୱର୍ଗୀୟ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିଲାବେଳେ ଶିକ୍ଷା ବିଭାଗରେ ଐତିହାସିକ ଗବେଷଣା ଶାଖା ପ୍ରଥମଥର ପାଇଁ ଖୋଲାଯାଇଥିଲା । ଐତିହାସିକ ଗବେଷଣା କାର୍ଯ୍ୟରେ ପଣ୍ଡିତ ମିଶ୍ରଙ୍କର ଯେଉଁ ଉତ୍ସାହ ଥିଲା, ତାହା ଓଡ଼ିଶାରେ ସ୍ମରଣୀୟ ହୋଇ ରହିବ । ପାର୍ଲାମେଣ୍ଟ ସଦସ୍ୟ ସ୍ୱର୍ଗୀୟ ଭୁବନାନନ୍ଦ ଦାସଙ୍କ କଥା ମଧ୍ୟ ଆଜି ମୋର ମନେପଡ଼େ । ଗବେଷଣା କାର୍ଯ୍ୟରେ ସେ ପ୍ରତ୍ୟକ୍ଷଭାବେ ସଂପୃକ୍ତ ନ ଥିଲେ ସୁଦ୍ଧା ଓଡ଼ିଶାପାଇଁ ଏକ ବିଶିଷ୍ଟ ସ୍ଥାନ ପ୍ରତିଷ୍ଠା କରିବାପାଇଁ ତାଙ୍କର ଯେଉଁ ଅଦମ୍ୟ ଉତ୍ସାହ ରହିଥିଲା, ତାହା କେବେ ଭୁଲିଯିବାର ନୁହେ ।

## ଭାରତୀୟ ସଂସ୍କୃତିର ପୀଠସ୍ଥଳୀ ଭୁବନେଶ୍ୱର

ଓଡ଼ିଶା ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ଐତିହାସିକ ରେକର୍ଡ଼ସ୍ କମିଶନର ସଭ୍ୟମାନଙ୍କୁ ଭୁବନେଶ୍ୱରକୁ ସ୍ୱାଗତ କରି ସମଗ୍ର ଭାରତବର୍ଷରେ ଏହି ସ୍ଥାନର ବୈଶିଷ୍ଟ୍ୟ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେ କହିଲେ ଏହି ଭୁବନେଶ୍ୱରରେ ପୂର୍ବ ୨୫୦୦ ବର୍ଷର ଇତିହାସ ପଥର ରୂପାୟିତ ହୋଇଉଠିଛି, ତାହା ସହଜରେ ଦୃଷ୍ଟିଗୋଚର ହୁଏ । ଏହି ସ୍ଥାନରେହିଁ ସମ୍ରାଟ ଅଶୋକ ନିଜ ଜୀବନର ମାର୍ଗ ପରିବର୍ତ୍ତନ କରିଥିଲେ । ଏହି ସ୍ଥାନରୁହିଁ ଭାରତର ବିଭିନ୍ନ ସ୍ଥାନକୁ ଖାରବେଳଙ୍କର ବିଜୟ ଅଭିଯାନ ଆରମ୍ଭ ହୋଇଥିଲା । ଏହିଠାରେ କେଶରୀ ବଂଶୀୟ ରାଜାମାନେ ଯେଉଁ ଚମତ୍କାର ଓ ଆଡ଼ମ୍ବରପୂର୍ଣ୍ଣ ମନ୍ଦିରମାନ ନିର୍ମାଣ କରି ଯାଇଛନ୍ତି, ତାହା କାଳକାଳକୁ ରହିଯାଇଛି । ଗତ ହଜାର ହଜାର ବର୍ଷ ମଧ୍ୟରେ ଏହିଠାରେ ବୌଦ୍ଧ, ଜୈନ, ଶୈବ ଓ ବୈଷ୍ଣବ ଧର୍ମ ଗୋଟିକ ପରେ ଗୋଟିଏ ସମୃଦ୍ଧିଲାଭ କରିଛି । ବିଭିନ୍ନ ଧର୍ମ ପ୍ରଥା ଓ ସଂସ୍କୃତିର ଯେଉଁ ସମନ୍ୱୟ ଏଠାରେ ଆରମ୍ଭ ହୋଇଥିଲା, ତା'ଫଳରେ ସୃଷ୍ଟି ହୋଇଛି ଆଜିକାର ଭାରତୀୟ ସଂସ୍କୃତି ।

ଇତିପୂର୍ବରୁ ଐତିହାସିକ ରେକର୍ଡ଼ କମିଶନର ବୈଠକ କଟକରେ ଅନୁଷ୍ଠିତ ହୋଇଥିଲା । କମିଶନକୁ ଦ୍ୱିତୀୟ ଥର ପାଇଁ ଓଡ଼ିଶାକୁ ସ୍ୱାଗତ କରିବାର ସୁଯୋଗ ପାଇଁ ଡକ୍ଟର ମହତାବ ବିଶେଷ ଆନନ୍ଦ ପ୍ରକାଶ କରିଥିଲେ । ସେ କହିଲେ ଅତୀତ ସମ୍ପର୍କରେ ପଣ୍ଡିତମାନେ ନିରବଚ୍ଛିନ୍ନ ଭାବେ ଯେଉଁ ଗବେଷଣା ଚଳାଇଛନ୍ତି, ତାହା ଫଳରେ ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ଯଥେଷ୍ଟ ଶିକ୍ଷା ମିଳିବ । କିମ୍ବଦନ୍ତୀ ଓ

ଶୁଣାକଥା ଉପରେ ଇତିହାସ ଗଠନର ଯୁଗ ଚାଲିଗଲାଣି । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପ୍ରବର୍ତ୍ତନ ହେବା ଫଳରେ ବର୍ତ୍ତମାନ ରେକର୍ଡ଼ ଓ ନଥିପତ୍ରହିଁ ଇତିହାସ ଗଠନର ଭିତ୍ତିରୂପେ ପରିଗଣିତ ହେଉଛି ।

ଲର୍ଡ଼ କର୍ଜନ ବଡ଼ଲାଟ ଥିଲାବେଳେ ଇତିହାସ ଅଧ୍ୟୟନ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିଲା ସତ; କିନ୍ତୁ ନଥିପତ୍ର ସଂଗ୍ରହ ଓ ଅଧ୍ୟୟନ ପାଇଁ ଧାରାବାହିକଭାବେ କାର୍ଯ୍ୟ କରିବାର ଏକ ସଂସ୍ଥା ଗଠନ କରିବାକୁ ପ୍ରାୟ ୫୦ ବର୍ଷ ଲାଗିଗଲା । ଗତ କେତେ ବର୍ଷ ମଧ୍ୟରେ ସଂଗୃହୀତ କେତେକ ରେକର୍ଡ଼ ଇତିହାସର କେତେକ ଅଜ୍ଞାତ ବିଷୟକୁ ପରିଷ୍କାର କରି ଦେଇଛି । ଜୟପୁର ରେକର୍ଡ଼ ଓ ମୋଗଲ ରେକର୍ଡ଼ ନ ଥିଲେ ମରହଟ୍ଟା ଓ ମୋଗଲ ଇତିହାସର ଅନେକ ବିଷୟ ଲୋକଲୋଚନର ଅନ୍ତରାଳରେ ରହି ଯାଇଥାଆନ୍ତା । ବର୍ତ୍ତମାନ ବ୍ରିଟିଶ ଯୁଗର ସମସ୍ତ ରେକର୍ଡ଼ ସଂଗ୍ରହ ଓ ଅଧ୍ୟୟନ କରାଯିବା ଉଚିତ । ଭାରତ ଇତିହାସରେ ଗତ ଦୁଇ ଶତାବ୍ଦୀ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ସଂଗ୍ରହ କାର୍ଯ୍ୟ ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଉଚିତ ।

## ଜନତାର ଇତିହାସ

ବହୁ ଦୂରରୁ ଆସି ବ୍ରିଟିଶ ଲୋକେ କିପରି ଏ ଦେଶରେ ଦୃଢ଼ ଶାସନ ଜାରି କଲେ, ତାହାର କେତେକ ତଥ୍ୟ ଓଡ଼ିଶାର କେତେକ ପୁରୁଣା ଜମିଦାରଙ୍କ ନିକଟରେ ଥିବା ରେକର୍ଡ଼ରୁ ଜଣାପଡ଼ୁଛି । ଏହି ରେକର୍ଡ଼ ନଗଣ୍ୟ ହେଲେ ସୁଦ୍ଧା ଏଥିରୁ ପରୋକ୍ଷଭାବେ ଦେଶର ତତ୍କାଳୀନ ଆର୍ଥିକ ଓ ସାମାଜିକ ଜୀବନର ଏକ ଚିତ୍ର ମିଳେ । ଆଜିର ଇତିହାସ ରଜା ଓ ସାମନ୍ତମାନଙ୍କ ଇତିହାସ ନୁହେଁ । ଏହା ହେଉଛି ଜନତାର ଇତିହାସ ଏବଂ ଏହାକୁ ଗମ୍ଭୀରଭାବେ ଅଧ୍ୟୟନ କରିବା ଉଚିତ । ଏହି ଦୃଷ୍ଟିରୁ ଦାନପତ୍ର ଓ ଚିଠା ଆକାରରେ ଥିବା ରେକର୍ଡ଼ ସବୁ ମଧ୍ୟ ଗୁରୁତ୍ୱହୀନ ନୁହେଁ । ଏହି ସବୁ ରେକର୍ଡ଼ର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ପ୍ରତି ଐତିହାସିକ ରେକର୍ଡ଼ କମିଶନ ଦୃଷ୍ଟି ଦେଇଛନ୍ତି ଏବଂ ଅନେକାଂଶରେ ସଫଳ ହୋଇଛନ୍ତି ବୋଲି ମୋର ଦୃଢ଼ ବିଶ୍ୱାସ ।

## ବାଲେଶ୍ୱର ରେକର୍ଡ଼ର ଗୁରୁତ୍ୱ

ବାଲେଶ୍ୱର କଲେକ୍ଟରେଟ୍‌ରେ ଥିବା ବ୍ରିଟିଶ ଯୁଗର ଅନେକ ରେକର୍ଡ଼ ଅତି ଗୁରୁତ୍ୱପୂର୍ଣ୍ଣ । ଏକଦା ବାଲେଶ୍ୱର ଦିନାମାର, ଓଲନ୍ଦାଜ, ପର୍ତ୍ତୁଗୀଜ ଓ ଫରାସୀମାନଙ୍କର ମଧ୍ୟ ଘାଟିସ୍ଥଳ ଥିଲା । ଶେଷରେ ସେମାନଙ୍କୁ ବହିଷ୍କାର କରି ବ୍ରିଟିଶ୍ ଏଠାରେ ନିଜର କର୍ତ୍ତୃତ୍ୱ ଜାରି କଲା । ଏହି ସବୁ ଘଟଣାସମ୍ବନ୍ଧରେ ଯେଉଁ ରେକର୍ଡ଼ ବାଲେଶ୍ୱରରେ ରହିଛି, ତାହା ତତ୍କାଳୀନ ଇତିହାସ ପ୍ରସ୍ତୁତରେ ଯେ ବିଶେଷ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । ପୂର୍ବତନ ଗଡ଼ଜାତ ରାଜାମାନଙ୍କ ନିକଟରେ ମଧ୍ୟ ଅତି ମୂଲ୍ୟବାନ୍ ରେକର୍ଡ଼ମାନ ରହିଛି ।

୧୯୫୦ ମସିହାରେ ଓଡ଼ିଶା ସରକାର ଶିକ୍ଷା ବିଭାଗରେ ଐତିହାସିକ ଗବେଷଣା ବିଭାଗ ଖୋଲିଥିଲେ । ସେହିଦିନଠାରୁ ଏହି ଗବେଷଣା ବିଭାଗ ଅନେକ କାର୍ଯ୍ୟ କରିଛି ସତ; କିନ୍ତୁ ଆହୁରି ଅନେକ କାର୍ଯ୍ୟ ବାକି ଅଛି । ଏହି ବିଭାଗର ଐତିହାସିକ ରେକର୍ଡ଼ କମିଶନଙ୍କ ସାହାଯ୍ୟ ବିଶେଷ ଆବଶ୍ୟକ ବୋଲି ଡକ୍ଟର ମହତାବ ଉପସଂହାରରେ କହିଥିଲେ ।



୧୯୫୮ ମାର୍ଚ୍ଚ ୨୩ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଭାରତୀୟ ଐତିହାସିକ ରେକର୍ଡ଼ସ କମିସନର
୩୪ଶ ଅଧିବେଶନରେ ସଭାପତି ଭାରତର ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ୍. ଶ୍ରୀମାଳୀ ଅଭିଭାଷଣ ପ୍ରଦାନ କରୁଅଛନ୍ତି



ଓଡ଼ିଶାର କୌଣସି ଗ୍ରାମରେ ସମୂହବିକାଶ ଯୋଜନାଦ୍ୱାରା
ସଂସ୍ଥାପିତ ଗୋଟିଏ ହସ୍ତଶିଳ୍ପ କେନ୍ଦ୍ରରେ ଯୁବତୀମାନେ
ଗୋଟିଏ 'ପ୍ରସ୍ତୁତିକଳାର୍ .ପ୍ରାଚୀନ ଶିଳ୍ପ ଶିକ୍ଷା କରୁଛନ୍ତି

## ( ୪ )

### ଦୁର୍ଲଭ ଐତିହାସିକ ନଥିପତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରି

# ଶିକ୍ଷାମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ଭାଷଣ

### ଆମ ସମୁଜ୍ଜ୍ୱଳ ଅତୀତର ଜ୍ଞାନ ଗରିମା ଐତିହାସିକ ଅଧ୍ୟୟନଦ୍ୱାରା ସ୍ପଷ୍ଟରୁ ସ୍ପଷ୍ଟତର ହେଉଛି



ଭାରତୀୟ ଐତିହାସିକ ରେକର୍ଡ଼ସ କମିଶନ ପକ୍ଷରୁ ଦ୍ୱାରା ୩୩ଶ ଅଧିବେଶନ ଉପଲକ୍ଷେ ଆୟୋଜିତ ଐତିହାସିକ ନଥିପତ୍ର ଓ ପାଣ୍ଡୁଲିପି ପ୍ରଦର୍ଶନୀ ଓଡ଼ିଶାର ରାଜସ୍ୱ; ଆଇନ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଅସୁସ୍ଥତା ବଶତଃ ସେ ନିଜେ ଉପସ୍ଥିତ ହୋଇ ନପାରିବାରୁ ଓଡ଼ିଶାର ନଦୀ - ଉପତ୍ୟକା ଉନ୍ନୟନ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଶ୍ରୀ ପାଣିଗ୍ରାହୀଙ୍କ ଭାଷଣଟି ପାଠକରି ଆନୁଷ୍ଠାନିକ ଭାବରେ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ ।

ଭାରତର ଜାତୀୟ ପ୍ରାଚୀନ ଲେଖାଗାର, ଦେଶରକ୍ଷା ମନ୍ତ୍ରଣାଳୟର ଐତିହାସିକ ଶାଖା, ବିହାର କେନ୍ଦ୍ର ନଥିପତ୍ର ଅଫିସ, ଓଡ଼ିଶା ରାଜ୍ୟ ପ୍ରାଚୀନ ଲେଖାଗାର, ଓଡ଼ିଶା ଷ୍ଟେଟ୍ ମ୍ୟୁଜିଅମ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ପୁରୀର ଜଗନ୍ନାଥ ଐତିହାସିକ ଗବେଷଣା ସମିତିର ମିଳିତ ପ୍ରଚେଷ୍ଟାରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି । ରେକର୍ଡ଼ସ କମିଶନର ପ୍ରତ୍ୟେକ ଅଧିବେଶନ କାଳରେ ଏହିଭଳି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାଏ ।

ଶିକ୍ଷାମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ତାଙ୍କର କ୍ଷୁଦ୍ର ଭାଷଣରେ କହିଥିଲେ ଯେ ଆଧିପତ୍ୟ ଲାଭ ସଂଗ୍ରାମରେ ଓଡ଼ିଶାର ଅଧିବାସୀମାନେ ନେତୃତ୍ୱ ଗ୍ରହଣ କରିଥିଲେ । କିନ୍ତୁ ଆଜି ସେମାନେ କାହିଁକି ଜଡ଼, ନିଶ୍ଚେଷ୍ଟ ଓ ନିରୁତ୍ସାହ ହୋଇ ପଡ଼ିଛନ୍ତି, ତାହା ଅନୁସଂଧାନ କରିବା ପ୍ରଚେଷ୍ଟାରେ ଓଡ଼ିଶା ସରକାର ସବୁ ପ୍ରକାରେ ସାହାଯ୍ୟ ଓ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି । ଇତିହାସ ଛାତ୍ରମାନଙ୍କ ପକ୍ଷରେ ଏହା ଏକ ସମସ୍ୟା ହୋଇ ଛିଡ଼ା ହୋଇଛି ବୋଲି ସେ କହିଥିଲେ ।

ଶିକ୍ଷିତ ଓ ସୁଦକ୍ଷ ପ୍ରାଚୀନ ଲେଖକମାନଙ୍କ ଅଭାବରୁ ଓଡ଼ିଶାର ବିଭିନ୍ନ ରେକର୍ଡ଼ ରୁମ୍‌ରେ ଯେଉଁସବୁ ମୂଲ୍ୟବାନ ନଥିପତ୍ର ରହିଛି, ସେ ସବୁର ସୁବ୍ୟବସ୍ଥିତ ସମୀକ୍ଷା କରାଯାଇ ପାରୁନାହିଁ । ଏସବୁ ଜନସାଧାରଣଙ୍କ ଉପଯୋଗପାଇଁ କି କି ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ, ତାହା ରେକର୍ଡ଼ସ କମିଶନ ବିଚାର କରିବା କଥା । ପାରସି ଓ ଉର୍ଦ୍ଦୁ ଲେଖାର ସୁଦକ୍ଷ ବ୍ୟାଖ୍ୟାକାରୀ ପଣ୍ଡିତମାନେ ସେଥିପାଇଁ ଦରକାର ହୋଇପାରନ୍ତି । ଯେଉଁସବୁ ନଥିପତ୍ର ଏ ପର୍ଯ୍ୟନ୍ତ ବ୍ୟାଖ୍ୟା କରା ନ ଯାଇଛି, ସେ ସବୁକର ବ୍ୟାଖ୍ୟା କରାଗଲେ ଓଡ଼ିଶା

ଇତିହାସର ଅଜ୍ଞାତ ଯୁଗ ଉପରେ ଆଲୋକପାତ କରାଯାଇ ପାରିବ ।

ସେ କହିଲେ, ଐତିହାସିକ ଅଧ୍ୟୟନର ଲକ୍ଷ୍ୟ ହେଲା ଅତୀତ ସଂପର୍କରେ ସତ୍ୟାନୁସନ୍ଧାନ କରିବା । ଭାରତୀୟ ଐତିହାସିକ ରେକର୍ଡସ କମିଶନ ଏ ଦିଗରେ ବହୁ ମୂଲ୍ୟବାନ କାର୍ଯ୍ୟ ସଂପାଦନ କରୁଛି । ଆମର ସମୁଜ୍ଜ୍ୱଳ ଅତୀତର ଜ୍ଞାନ ଗରିମା ଦିନକୁ ଦିନ ସ୍ପଷ୍ଟତର ହୋଇଉଠୁଛି । ଅତୀତର ପୁଙ୍ଖାନୁପୁଙ୍ଖ ଅନୁସଂଧାନ ପାଇଁ ବ୍ୟକ୍ତିଗତ ଭାବରେ ପଣ୍ଡିତମାନଙ୍କ ପକ୍ଷରୁ ଏବଂ ବିଭିନ୍ନ ସଂସ୍ଥାଗୁଡ଼ିକ ପକ୍ଷରୁ ଅଧିକ ପ୍ରଚେଷ୍ଟା କରାଯାଉଛି । କାରଣ ବର୍ତ୍ତମାନକୁ ବୁଝିବାପାଇଁ ଅତୀତର ଜ୍ଞାନ ସେ କୁଞ୍ଚିକାଠି ଏହା ଦିନକୁ ଦିନ ଅଧିକ ଉପଲବ୍ଧ କରାଯାଉଛି ।

## ପ୍ରଦର୍ଶନୀ

ଏହି ପ୍ରଦର୍ଶନୀରେ ଯେଉଁସବୁ ନଥିପତ୍ର ଓ ପାଣ୍ଡୁଲିପି ପ୍ରଦର୍ଶିତ ହୋଇଛି ସେଗୁଡ଼ିକର ଐତିହାସିକ ଗୁରୁତ୍ୱ ଯଥେଷ୍ଟ ବେଶୀ । ଜାତୀୟ ପ୍ରାଚୀନ ଲେଖାଗାରର ନଥିପତ୍ରଗୁଡ଼ିକ ମୁଖ୍ୟତଃ ପ୍ରାକ୍ ୧୮୩୪ ମସିହାର ହେଲେ ମଧ୍ୟ କମ୍ପାନୀ ଶାସନ କାଳର ଯେଉଁସବୁ ନଥିପତ୍ର ଏଠାରେ ପ୍ରଦର୍ଶନ କରାଯାଇଛି, ସେ ଗୁଡ଼ିକ ସାଧାରଣଙ୍କ ପକ୍ଷରେ ବିଶେଷ ଚିତ୍ତାକର୍ଷକ ହେବ । କୋରା ଓ ଆଲ୍ଲାହାବାଦ ସମର୍ପଣ କରିଦେବାପାଇଁ ଅଯୋଧ୍ୟାର ନବାବ ଉଜୀରଙ୍କ ନିକଟକୁ ୱାରେନ ହେଷ୍ଟିଂସଙ୍କ ନିଜ ନାମାଙ୍କିତ ଚିଠି ଏବଂ ଭାରତୀୟ ଶତ୍ରୁମାନଙ୍କ ବିରୁଦ୍ଧରେ ଇଂରେଜ ସାହାଯ୍ୟ ଲାଭ ପାଇଁ ନାନାଫର୍ଣ୍ଣାବିସ୍ ଓ ମହାଦଜୀ ସିନ୍ଧିଆଙ୍କ ଚିଠିଗୁଡ଼ିକ ଏଠାରେ ପ୍ରଦର୍ଶିତ ହୋଇଛି । ଶିକ୍ଷା ଓ ଫୌଜଦାରୀ କାର୍ଯ୍ୟବିଧି ସମ୍ପର୍କରେ ମ୍ୟାକଲେଙ୍କ ନିଜ ହାତଲେଖା ଖଣ୍ଡେ ଦଲିଲ୍ ଏଠାରେ

ପ୍ରଦର୍ଶିତ ହୋଇଛି । ସେଥିରୁ ବ୍ରିଟିଶ ଶାସ
ରଚନାତ୍ମକ ଦିଗ ବିଷୟରେ ଏକ ସ୍ପଷ୍ଟ ଚିତ୍ର ଦେଖିବ
ମିଳେ । ଦ୍ୱାରକାନାଥ ଠାକୁର, ପି. ଦତ୍, ଡା
ହେୟାର ପ୍ରଭୃତି କଲିକତାର ବ୍ରିଟିଶ ଓ ଭାର
ନାଗରିକଙ୍କର ଖଣ୍ଡିଏ ଦରଖାସ୍ତ ଏଇ ପ୍ରଦର୍ଶନ
ରଖାଯାଇଛି । ଭାରତରେ ସୁସଂଗଠିତ ଜନମ
ପ୍ରାଥମିକ ଜାଗରଣର ଚିତ୍ର ଏଥିରୁ ଦେଖିବାକୁ ମି
୧୮୫୭ ଆନ୍ଦୋଳନର କେତେକ ନଥିପତ୍ର
ଏଠାରେ ରହିଛି । ଇଂରେଜମାନଙ୍କ ବିରୁଦ୍ଧ
ଉଠିବା ପାଇଁ ସମସ୍ତ ଭାରତବାସୀଙ୍କୁ ଆହ୍ୱାନ
ଦିଲ୍ଲୀ ନାଗରିକମାନଙ୍କର ଏକ ଘୋଷଣାପତ୍ର
ଦାକ୍ଷିଣାତ୍ୟ ଓ କର୍ଣ୍ଣାଟକର ଲୋକମାନଙ୍କୁ ଅନୁ
ଆହ୍ୱାନ ଜଣାଇ ନାନାସାହେବଙ୍କ ଏକ ଘୋଷଣା
ସେଗୁଡ଼ିକ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ । ୧୯
ମସିହା ଅକ୍ଟୋବର ୩୦ ତାରିଖରେ ରାଣୀ ଲକ୍ଷ୍ମୀବା
ମୃତ୍ୟୁ ବିଷୟରେ ସାର ରବର୍ଟ ହାମିଲଟନ୍ ଲେଖିଥ
ଖଣ୍ଡେ ରିପୋର୍ଟ ମଧ୍ୟ ଏଠାରେ ପ୍ରଦର୍ଶିତ ହୋଇ
ଶାହା ଆଲମ୍ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବଙ୍ଗ, ବି
ଓ ଓଡ଼ିଶାର ଦେୱାନୀ ମଞ୍ଜୁର୍ କରିଥିବା ଐତିହା
ନଥିପତ୍ର ମଧ୍ୟ ଏଠାରେ ରହିଛି । ଭାରତର ଜା
ପ୍ରାଚୀନ ଲେଖାଗାରକୁ ବିହାର ସରକାର ଦେଇ
ମହାତ୍ମା ଗାନ୍ଧୀଙ୍କର କେତେକ ପତ୍ର ଏଠାରେ ପ୍ରଦ
ହୋଇଛି । ମୋତିହାରୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକ
ଦେଇଥିବା ଖଣ୍ଡିଏ ପତ୍ର ତାହା ମଧ୍ୟରେ ରହି
ଚମ୍ପାରନ ସତ୍ୟାଗ୍ରହର ଆରମ୍ଭ ବିଷୟ ସେ
ଜଣାଯାଏ ।

ଓଡ଼ିଶା ଇତିହାସର ମୋଗଲ, ମରହଟ୍ଟ
ବ୍ରିଟିଶ୍ ଅମଳର କେତେକ ନଥିପତ୍ର ଏଠା
ପ୍ରଦର୍ଶିତ ହୋଇଛି । ବ୍ରିଟିଶ ଅମଳର ଯେଉଁ
ନଥିପତ୍ର ଏଠାରେ ରହିଛି, ସେଥିରୁ ଓଡ଼ିଶାରେ
କାଳର ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନର

ମିଳିଥାଏ । ସେଗୁଡ଼ିକ ମଧ୍ୟରେ ୧୮୧୭ ମସିହାର ପାଇକ ବିଦ୍ରୋହ ସମ୍ପର୍କୀୟ ଚିଠିପତ୍ର ଏବଂ ୧୮୧୮ ମସିହାର ଖଣ୍ଡେ ସଭା ରିପୋର୍ଟ ଅନ୍ତର୍ଭୁକ୍ତ । ମେରିଆ ଓ ଅନ୍ୟ କେତେକ ଜାତି ମଧ୍ୟରେ ଚଳୁଥିବା ନରବଳି ପ୍ରଥା ସମ୍ପର୍କରେ କେତେକ ନଥିପତ୍ର ମଧ୍ୟ ଏଠାରେ ପ୍ରଦର୍ଶିତ ହୋଇଛି । ଓଡ଼ିଶାର ଲିଖିତ ତାଳପତ୍ର ପୋଥି ଗୁଡ଼ିକ ପ୍ରଦର୍ଶନୀର ବିଶେଷ ଆକର୍ଷଣୀୟ ବସ୍ତୁ । ପ୍ରଦର୍ଶିତ ହୋଇଥିବା କେତେକ ଓଡ଼ିଆ ପାଣ୍ଡୁଲିପି ବଙ୍ଗଳା ଅକ୍ଷରରେ ମଧ୍ୟ ଲେଖା ଯାଇଛି । ଓଡ଼ିଆ ଅକ୍ଷରରେ ଲେଖା ଯାଇଥିବା ସଂସ୍କୃତ ଭାଗବତର ଖଣ୍ଡିଏ ପାଣ୍ଡୁଲିପି ମଧ୍ୟ ଏଠାରେ ରହିଛି ।

## ମନ୍ଦିର ପ୍ରବେଶ ଆନ୍ଦୋଳନ

ବିଗତ ୧୯୨୩ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କୋକୋନଡ଼ା ଅଧିବେଶନରେ ହରିଜନମାନଙ୍କ ମନ୍ଦିର ପ୍ରବେଶ ସପକ୍ଷରେ ଗୋଟିଏ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଏହାକୁ କାର୍ଯ୍ୟକାରୀ କରିବାପାଇଁ ଗୋଟିଏ କମିଟି ଗଠନ କରାଯାଇଥିଲା ।

କିନ୍ତୁ ଗାନ୍ଧିଜୀଙ୍କ ଅନଶନ ଏବଂ ୧୯୩୨ ମସିହାର ପୁନା ଚୁକ୍ତି ସମ୍ପାଦନ ପର ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଉପଯୁକ୍ତ ଭାବରେ ସକ୍ରିୟ ହୋଇ ଉଠି ପାରି ନ ଥିଲା ।

ଏହି ଐତିହାସିକ ଘଟଣାର ପରେ ପରେ ବରୋଦା, କୋହ୍ଲାପୁର, ସାନ୍ଦୁର, ଗୋଆଲିଅର ଇନ୍ଦୋର, ଜାମ୍ମୁ ଓ କାଶ୍ମୀର ଆଦି ପୂର୍ବତନ ଦେଶୀୟ ରାଜ୍ୟଗୁଡ଼ିକର ସମସ୍ତ ସାଧାରଣ ଦେବାଳୟ ହରିଜନମାନଙ୍କ ପାଇଁ ଉନ୍ମୁକ୍ତ କରି ଦିଆଗଲା । ଏହି ସମୟର ସବୁଠାରୁ ବଡ଼ ଘଟଣା ହେଉଛି ୧୯୩୬ ମସିହାରେ ପୂର୍ବତନ ତ୍ରିବାଙ୍କୁର ରାଜ୍ୟର ୧୫୨୬ଟି ମନ୍ଦିର ହରିଜନମାନଙ୍କ ପାଇଁ ଖୋଲି ଦିଆଗଲା ।

# ଓଡ଼ିଶାରେ ଶିଳ୍ପଶିକ୍ଷାନୁଷ୍ଠାନ

ପ୍ରଥମ ଯୋଜନାକାଳରେ ଜଳସେଚନ, ବିଦ୍ୟୁତ୍‌ଶକ୍ତି ଓ କୃଷି ଦିଗରେ ସଫଳତାର ସହିତ କାର୍ଯ୍ୟ କରାଯାଇ ପାରିଥିଲା । ଏହା ଫଳରେ ଦେଶରେ ବହୁ ପ୍ରକାର ଶିଳ୍ପ ବିକାଶପାଇଁ ବାଟ ଫିଟିଯାଇଛି । ତେଣୁ ଶିଳ୍ପକୁ କେନ୍ଦ୍ର କରି ଦ୍ୱିତୀୟ ଯୋଜନାର ପରିକଳ୍ପନା କରାଯାଇଛି ଓ ସେଥିରେ ଶିଳ୍ପବିକାଶକୁ ଏକ ମୁଖ୍ୟ ସ୍ଥାନ ଦିଆଯାଇଛି । ଦ୍ୱିତୀୟ ଯୋଜନା-କାଳରେ ସାଧାରଣ କ୍ଷେତ୍ରରେ ଯେତେ ଖର୍ଚ୍ଚ ହେବାର ଲକ୍ଷ୍ୟ ଅଛି, ସେଥିରୁ ପ୍ରାୟ ଅଧେ ଭାଗ କେବଳ ଶିଳ୍ପ, ଖଣିଜ, ପରିବହନ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନୟନପାଇଁ ରଖାଯାଇଛି ।

ଏକ ବ୍ୟାପକ ଯୋଜନାର ପରିସର ମଧ୍ୟରେ ଶିଳ୍ପ ମାଧ୍ୟମରେ କୌଣସି ଦେଶର ଉନ୍ନୟନ କରିବାକୁ ହେଲେ ଲୋକଶକ୍ତି, ଜାତୀୟ ସମ୍ପଦ ଓ ଅର୍ଥ ଆବଶ୍ୟକ ହୁଏ । ଦେଶର ସମ୍ପଦଗୁଡ଼ିକର ବ୍ୟାପକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରିବାପାଇଁ ଏବଂ ଜାତୀୟ ସ୍ୱାର୍ଥଦୃଷ୍ଟିରୁ ସେଗୁଡ଼ିକୁ ଶିଳ୍ପକାର୍ଯ୍ୟରେ ବିନିଯୋଗ କରିବାପାଇଁ ବୈଷୟିକ ଓ ଯୋଗ୍ୟତା ସମ୍ପନ୍ନ କର୍ମଚାରୀ, ଦକ୍ଷ ଶ୍ରମିକ ଏବଂ ପରିଚାଳକ ଦରକାର । ଆଉ ମଧ୍ୟ ରହିଥିବା ଶିଳ୍ପଗୁଡ଼ିକୁ ଆଧୁନିକ ଓ ପୁନର୍ଗଠିତ କରିବା ନିମନ୍ତେ ବୈଷୟିକ ଦକ୍ଷତା ଅତ୍ୟାବଶ୍ୟକ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ତିଆରି କରିବାପାଇଁ ଆମ ଦେଶରେ ବହୁସଂଖ୍ୟକ ଶିଳ୍ପ କାରଖାନା ରହିଛି ବା ରହିବ । ଏହି ସବୁ କାରଖାନାରେ ଯେଉଁ କଳକବ୍ଜା ବ୍ୟବହାର କରାଯାଏ, ସେଗୁଡ଼ିକୁ ତିଆରି କରିବାପାଇଁ ମଧ୍ୟ ଯନ୍ତ୍ରପାତି ଆବଶ୍ୟକ । ଶେଷୋକ୍ତ ଯନ୍ତ୍ରପାତି ତିଆରି କରିବା ଦିଗରେ ଶିଳ୍ପର ବିକାଶପାଇଁ ମଧ୍ୟ ଦକ୍ଷ କାରିଗର ଦରକାର । କେବଳ ମୂଳଧନ ଓ
ଆର୍ଥିକ ସମ୍ବଳ ଦେଶର ଉନ୍ନୟନପାଇଁ କୌ
କାମରେ ଆସିବ ନାହିଁ । ସେଗୁଡ଼ିକୁ ପୂର୍ଣ୍ଣଭାବ
କାର୍ଯ୍ୟରେ ଲଗାଇବାପାଇଁ ତାଲିମପ୍ରାପ୍ତ ଲେ
ଦରକାର ।

ବର୍ତ୍ତମାନ ଆମ ରାଜ୍ୟ ବିଷୟ ବିଚାର କରାଯାଉ
ଆମ ରାଜ୍ୟର ଶତକଡ଼ା ୯୮ ଭାଗ ଲୋକ ଗାଁଗହଳ
ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଶତକଡ଼ା ୮୦
ଲୋକ କୃଷି ଉପରେ ନିର୍ଭର କରନ୍ତି । ଓଡ଼ିଶା
ମୁଣ୍ଡପିଛା ଚାଷହେବା ଯୋଗ୍ୟ ଜମିର ପରିମାଣ ୧
ଏକର ମାତ୍ର ହୋଇଥିବାରୁ ରାଜ୍ୟରେ କୃଷିମୂ
ଅର୍ଥନୀତିର ଅଭିବୃଦ୍ଧି ଦିଗରେ ଆମେ ବିଶେଷ
କରିବାକୁ ସମର୍ଥ ହୋଇ ପାରିବା ନାହିଁ । ଆମ ରାଜ୍
ଲୋକସଂଖ୍ୟା ବଢ଼ି ଚାଲିଛି (ବର୍ଷକୁ ପ୍ରାୟ ୧.
ହିସାବରେ); ଅଥଚ କୃଷି ଉତ୍ପନ୍ନର ପରିମାଣ ପୂର୍ବ
ରହିଛି । ଏଣୁ କୃଷିକୁ ଅବଲମ୍ବନ କରି ପ୍ରଜା
ଆର୍ଥିକ ସମ୍ବଳ ବଢ଼ାଇବାରେ ଆମେ ବି
କୃତକାର୍ଯ୍ୟ ହୋଇ ପାରିବା ନାହିଁ । ତେଣୁ ବର୍ତ୍ତମ
କୃଷି ଉପରୁ ଚାପ କମାଇଦେବା ଦରକାର ପରି
ଜମିଗୁଡ଼ିକ ଯେପରିଭାବେ ଟୁକୁରା ଟୁକୁରା ହୋଇଗ
ସେ ଅବସ୍ଥାରେ ଏହାକୁ ଆଉରି ଟୁକୁରା କରି
ଦେବା ଉଚିତ ନୁହେଁ । ଫଳତଃ ଲୋକମାନଙ୍କ
ନୂଆ ନୂଆ ବ୍ୟବସାୟର ବାଟ ଖୋଲିଦେଇ ଲୋ
ଯେପରି ସେଥିରେ ଅନୁପ୍ରାଣିତ ହେବେ, ତ
ଦେଖିବା ଦରକାର । ଲୋକମାନଙ୍କୁ ବ୍ୟବ
କୌଶଳ ଶିକ୍ଷାଦେବା ନିମନ୍ତେ ଏବଂ ସେମାନ
ଜୀବନଧାରଣର ମାନ ଓ ପଲ୍ଲୀର ଅର୍ଥନୀ
ବଢ଼ାଇବା ନିମନ୍ତେ କ୍ରମେ ଗାଁଗହଳରେ କୁ
କୁଟୀର ଶିଳ୍ପ ପ୍ରତିଷ୍ଠାନ କରିବାଦ୍ୱାରା ସହଜ
ସୁବିଧାରେ ଉକ୍ତ ଲକ୍ଷ୍ୟ ହାସଲ ହୋଇପାରିବ ।

ଏହିସବୁ ଶିଳ୍ପ ବସାଇବା ନିମନ୍ତେ ସର୍ବାଦୌ ସେ ଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଆମର ତାଲିମପ୍ରାପ୍ତ କାରିଗର ଦରକାର । କେବଳ ଶିଳ୍ପ-ଶିକ୍ଷାନୁଷ୍ଠାନ ଓ ତାଲିମ ତଥା ଉତ୍ପାଦନ କେନ୍ଦ୍ରମାନ ପ୍ରତିଷ୍ଠା କରିବାଦ୍ୱାରାହିଁ ଏହା ସାଧିତ ହୋଇପାରିବ । ଏହି ଉଦ୍ଦେଶ୍ୟରେ ନୂଆ ନୂଆ ଶିଳ୍ପଶିକ୍ଷାନୁଷ୍ଠାନ ଓ ଶିଳ୍ପ ବିଦ୍ୟାଳୟ ଖୋଲିବା, ପୁରୁଣା ତାଲିମ ଅନୁଷ୍ଠାନଗୁଡ଼ିକୁ ଉନ୍ନତ କରିବା, ନୂଆ ନୂଆ ଧନ୍ଦା ବିଦ୍ୟାଳୟ ବସାଇବା ଓ ପୁରୁଣାଗୁଡ଼ିକର ପରିଚାଳନା କରିବା ଏବଂ ବେସରକାରୀ ଶିଳ୍ପୋଦ୍ୟୋଗୀମାନଙ୍କଦ୍ୱାରା ପରିଚାଳିତ ବୈଷୟିକ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦେବା ବାବଦରେ ରାଜ୍ୟ ସରକାର ଦ୍ୱିତୀୟ ଯୋଜନାକାଳରେ ମୋଟ ୧୧୬.୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ସ୍ଥିର କରିଛନ୍ତି । ଏ ଦିଗରେ କେନ୍ଦ୍ରରୁ ଯେଉଁ ସାହାଯ୍ୟ ମିଳିବ ତାହା ଉକ୍ତ ହିସାବରେ ନିଆଯାଇଛି ।

ପ୍ରଥମତଃ ଏହି ଅନୁଷ୍ଠାନମାନଙ୍କରେ ରାଜ୍ୟର ଯୁବକମାନଙ୍କୁ ବିଭିନ୍ନ ବୈଷୟିକ ଓ ବୃତ୍ତିମୂଳକ ବ୍ୟବସାୟ ଶିକ୍ଷା ଦେବାର ଲକ୍ଷ୍ୟ ରହିଛି । ଏଠାରେ ସେମାନେ ନିଜର ସଂଗଠନ ପ୍ରବୃତ୍ତିର ବିକାଶ ପାଇଁ ଯଥେଷ୍ଟ ସୁଯୋଗ ପାଇବେ । ଦ୍ୱିତୀୟତଃ ଯାହାର ଯେଉଁ ଦିଗରେ ଦକ୍ଷତା ବା ଶ୍ରଦ୍ଧା ଅଛି, ତାକୁ ସେ ଦିଗରେ ଶିକ୍ଷାଦେବା ମଧ୍ୟ ଏସବୁ ଅନୁଷ୍ଠାନଗୁଡ଼ିକର ଉଦ୍ଦେଶ୍ୟ । ତାହାହେଲେ ଯାହାର ଯେଉଁଥିରେ ଅଭିରୁଚି ଅଛି, ସେ ସେହିଭଳି କାମରେ ନିଯୁକ୍ତ ରହି ଅର୍ଥଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବ । ତୃତୀୟତଃ ବର୍ଷର ବହୁ ସମୟ ଯେଉଁମାନେ କୃଷିକ୍ଷେତ୍ରରେ କାମ କରି ଚଳନ୍ତି, ଅଧିକାଂଶ ସମୟ ବସିରହୁଛନ୍ତି, ସେମାନଙ୍କ ମନରେ ଏହାଦ୍ୱାରା କାମ କରିବାପାଇଁ ସ୍ପୃହା ଜନ୍ମିବ । ଯଦି ଉତ୍ପାଦନ କାର୍ଯ୍ୟରେ ଲୋକଶକ୍ତିକୁ ଲଗାଯାଏ ଏବଂ ସେମାନଙ୍କୁ ସାଧାରଣ ବ୍ୟବହାର୍ଯ୍ୟ ଓ ଦରକାରୀ ଜିନିଷ ତିଆରି କରିବାକୁ ତାଲିମ ଦିଆଯାଏ, ତେବେ ସେମାନେ ନିଜ ନିଜର ଆୟ ଓ ଜୀବନଧାରଣର ମାନ ବଢ଼ାଇ ପାରିବା ସଙ୍ଗେ ସଙ୍ଗେ ଜାତୀୟ ସମ୍ପଦ ବଢ଼ାଇବା ଦିଗରେ ମଧ୍ୟ ଯଥେଷ୍ଟ ସାହାଯ୍ୟ କରିପାରିବେ । ଆଉ ମଧ୍ୟ ଏହା ଫଳରେ ରାଜ୍ୟରେ ସହଜରେ ମିଳୁଥିବା କୋଇଲା, ଲୁହା ଓ ମାଙ୍ଗାନିଜ ପ୍ରଭୃତି ପ୍ରଚୁର ଖଣିଜ ସମ୍ପଦର ବିନିଯୋଗ କରାଯାଇ ପାରିବ ।

## ଇଂଜିନିୟରିଙ୍ଗ ସ୍କୁଲ

ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭର ଠିକ୍ ପୂର୍ବେ ଓଡ଼ିଶାରେ ଗୋଟିଏ ମାତ୍ର ଇଞ୍ଜିନିୟରିଙ୍ଗ ସ୍କୁଲ ଥିଲା ଓ ଏଥିରୁ ବର୍ଷକୁ ପ୍ରାୟ ୧୦୦ଜଣ ଓଭରସିୟର ବାହାରୁଥିଲେ । ପ୍ରଥମ ଯୋଜନାକାଳରେ ଏଠାରେ ସ୍ଥାନ ସଂଖ୍ୟା ୧୫୦କୁ ବଢ଼ାଇ ଦିଆଗଲା । ବର୍ତ୍ତମାନ ଏଠାରେ ବାର୍ଷିକ ପ୍ରାୟ ୧୮୦ ଜଣ ଛାତ୍ର ସିଭିଲ୍, ମେକାନିକାଲ ଓ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଙ୍ଗ ବିଷୟରେ ତିନି ବର୍ଷିଆ ଉପାଧି ବା ଡିପ୍ଲୋମା ପାଠ୍ୟକ୍ରମରେ ତାଲିମ ପାଉଅଛନ୍ତି । ପ୍ରଥମ ଯୋଜନା-କାଳରେ ଏ ସବୁ ବିଷୟରେ ବର୍ଷକୁ ପ୍ରାୟ ୬୦ ଜଣ ଛାତ୍ରଙ୍କୁ ତାଲିମ୍ ଦେବାକୁ ଆଉ ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ଝାରସୁଗୁଡ଼ାଠାରେ ଖୋଲାଯାଇଥିଲା । ଚଳିତ ବର୍ଷ ଏହାର ଛାତ୍ରସଂଖ୍ୟା ୧୮୦କୁ ବଢ଼ାଇ ଦିଆଯାଇଛି । ଏହି ସ୍କୁଲଟିର ପରିଚାଳନା କାର୍ଯ୍ୟ ଏକ କମିଟି ଉପରେ ନ୍ୟସ୍ତ ରହିଛି । ଉତ୍ତର ବିଭାଗର କମିଶନର ଉକ୍ତ କମିଟିର ସଭାପତି ଅଟନ୍ତି । ସମୁଦାୟ ଖର୍ଚ୍ଚ ସରକାରଙ୍କଠାରୁ ଗ୍ରାଣ୍ଟ ରୂପରେ ମିଳେ । ସେହିପରି ସିଭିଲ, ମେକାନିକାଲ୍ ଓ ଇଞ୍ଜିନିୟରିଂ ଓଭରସିଅର ତାଲିମ କରିବାପାଇଁ ୧୯୫୭ ମସିହାରେ ବ୍ରହ୍ମପୁରଠାରେ ଆଉ ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ଖୋଲାଯାଇଛି । ପୂର୍ବେ ଏଠାରେ ବାର୍ଷିକ ୬୦ଜଣ ଛାତ୍ରଙ୍କ ପଢ଼ିବାପାଇଁ ସ୍ଥାନ ଥିଲା । ଚଳିତ ବର୍ଷ ଏହି ସଂଖ୍ୟାକୁ ୧୮୦କୁ ବଢ଼ାଇ ଦିଆଯାଇଛି । ଏହି ସ୍କୁଲଟି

ମଧ୍ୟ ଏକ ବଟରୋଲ ପରିଚାଳନା କମିଟିର ପରିଚାଳନାଧୀନ ଏବଂ ଏହାର ଖର୍ଚ୍ଚ ତୁଲାଇବାପାଇଁ ସରକାର ସାହାଯ୍ୟ ଦେଉଛନ୍ତି । ଦ୍ୱିତୀୟ ଯୋଜନାକାଳରେ ରାଜ୍ୟରେ ଆଉ ତେନୋଟି ଇଞ୍ଜିନିୟରିଂ ସ୍କୁଲ ଖୋଲିବାର ପ୍ରସ୍ତାବ ଅଛି । ବର୍ତ୍ତମାନ ରହିଥିବା ସ୍କୁଲଗୁଡ଼ିକର ସଂପ୍ରସାରଣ ନିମନ୍ତେ ଦ୍ୱିତୀୟ ଯୋଜନା କାଳରେ ଖର୍ଚ୍ଚ ହେବାପାଇଁ ମୋଟ ୩୩ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

## ଶିଳ୍ପତାଲିମ କେନ୍ଦ୍ର

କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ସମ୍ପର୍କୀୟ କାରିଗର କାର୍ଯ୍ୟରେ ଯେପରି ଉନ୍ନତ ପ୍ରଣାଳୀ ଅନୁସରଣ କରାଯିବ ଓ ଗ୍ରାମବାସୀମାନେ ପରମ୍ପରାକ୍ରମେ ଯେଉଁ ଶିଳ୍ପ ଧନ୍ଦାରେ ନିଯୁକ୍ତ ଅଛନ୍ତି, ସେଥିରେ ସେମାନେ ଯେପରି ବେକାର ହୋଇ ନରହନ୍ତି ତହିଁର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସରକାର ବ୍ରହ୍ମପୁର, କଟକ, ବାରିପଦା ଓ ତକତପୁରଠାରେ ଗୋଟିଏ ଲେଖାଏଁ ଶିଳ୍ପ ତାଲିମକେନ୍ଦ୍ର ଖୋଲିଛନ୍ତି । ତକତପୁର କେନ୍ଦ୍ରରେ ପ୍ରଧାନତଃ ଏ ରାଜ୍ୟରେ କେବଳ ଆଦିବାସୀ ଛାତ୍ରମାନଙ୍କୁ ଶିଳ୍ପକାର୍ଯ୍ୟରେ ତାଲିମ ଦିଆଯିବ । ଏହି କେନ୍ଦ୍ରମାନଙ୍କରେ ସାଧାରଣ ବୟସ୍କ ବ୍ୟକ୍ତି, ସ୍ଥାନଚ୍ୟୁତ ବ୍ୟକ୍ତି ଓ ଆଦିବାସୀ ଛାତ୍ର ମିଶି ପ୍ରାୟ ୨୩୭ ଜଣ ବ୍ୟକ୍ତିଙ୍କୁ ବଢ଼େଇକାମ, କମାରକାମ, ଇଲେକ୍ଟ୍ରିସିଆନ୍, ଫିଟର, ୱେଲ୍ଡର୍ ଓ ଟର୍ଣ୍ଣର, ଡ୍ରାଫ୍ଟସ୍‌ମ୍ୟାନ — ମେକାନିକ ଓ ଅମିନ ପ୍ରଭୃତି କାମରେ ୨ ବର୍ଷ ଶିକ୍ଷା ଦିଆଯାଉଛି । ଏହି ଦୁଇବର୍ଷ ଭିତରୁ ୬ମାସ ସେମାନେ କାରଖାନା ବା କାର୍ଯ୍ୟ କ୍ଷେତ୍ରରେ ତାଲିମ ପାଉଛନ୍ତି । ସରକାର ଏକଚତୁର୍ଥାଂଶ ଶିକ୍ଷାର୍ଥୀଙ୍କୁ ମାସିକ ପ୍ରତ୍ୟେକ ଟ୨୫୵ ହିସାବରେ ବୃତ୍ତି ଦେଉଛନ୍ତି । କିନ୍ତୁ ସ୍ଥାନଚ୍ୟୁତ ବ୍ୟକ୍ତି ଓ ଆଦିବାସୀ ଶିକ୍ଷାର୍ଥୀମାନଙ୍କୁ ମାସିକ ଟ୩୦୵ ହିସାବରେ ବୃତ୍ତି ଦିଆଯାଉଛି । ପଞ୍ଚବାର୍ଷିକ ଯୋଜନା-କାଳରେ ବାଲେଶ୍ୱର ଓ ରାଉରକେଲା ଅଞ୍ଚଳରେ ଯେଉଁସବୁ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠିତ ହେବ, ସେଥିପାଇଁ ଫୋରମ୍ୟାନ, ସୁପରଭାଇଜର ଓ ଅନ୍ୟାନ୍ୟ କାରିଗର ଯୋଗାଇବା ପାଇଁ ଉକ୍ତ ଅଞ୍ଚଳମାନଙ୍କରେ ଚଳିତ ବର୍ଷ ଏହିଭଳି ତାଲିମ କେନ୍ଦ୍ରମାନ ସ୍ଥାପନ କରିବାପାଇଁ ସ୍ଥିର କରାଯାଇଛି । ରାଜ୍ୟର ବିଭିନ୍ନ ଶିଳ୍ପକେନ୍ଦ୍ରରେ ଛାତ୍ରମାନଙ୍କୁ ଶିକ୍ଷାନବିସ ଭାବରେ ତାଲିମ ଦେବାପାଇଁ ଗୋଟିଏ ପ୍ରସ୍ତାବ ଅଛି । ଏହାଛଡ଼ା କଟକ ଇଞ୍ଜିନିୟରିଂ ସ୍କୁଲରେ କାରିଗରମାନଙ୍କୁ ସନ୍ଧ୍ୟାବେଳେ ତାଲିମ ଦେବାପାଇଁ ବ୍ୟବସ୍ଥା କରାଯାଉଛି । ବିଭିନ୍ନ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷାର୍ଥୀମାନଙ୍କ ଭିତରୁ ଯେଉଁମାନଙ୍କର ନିଜ କାର୍ଯ୍ୟ ବିଷୟରେ ପୁସ୍ତକଗତ ଜ୍ଞାନ ନାହିଁ, ସେମାନଙ୍କୁ ତାହା ଶିକ୍ଷା ଦିଆଯିବ ।

## ଶିଳ୍ପସ୍କୁଲ

ଓଡ଼ିଶାରେ ୧୧ଟି ଶିଳ୍ପସ୍କୁଲ ଅଛି । ଏହି ସ୍କୁଲ-ମାନଙ୍କରେ ବାର୍ଷିକ ପ୍ରାୟ ୫୦୦ ଜଣ ଶିକ୍ଷାର୍ଥୀଙ୍କୁ ବଢ଼େଇକାମ, କମାରକାମ, ଦରଜିକାମ, ଲୁଗାବୁଣା, ସୂତା ରଙ୍ଗେଇବା ଓ ଯୋତାତିଆରି ଆଦି କାମ ଶିକ୍ଷା ଦିଆଯାଏ । ବର୍ତ୍ତମାନ ଯେଉଁ ତାଲିମପ୍ରାପ୍ତ ଲୋକମାନେ ଅଛନ୍ତି ସେମାନଙ୍କୁ କାମ ଯୋଗାଇ, ପ୍ରଚଳିତ ଯନ୍ତ୍ରପାତି ବ୍ୟବହାର କରି ଓ କାରିଗରି କାର୍ଯ୍ୟରେ ଉନ୍ନତି-ବିଧାନ କରି ଅଧିକ ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ କରିବା ସକାଶେ ଚଳିତ ବର୍ଷ ଟ ୭୦,୦୦୦୵ ବ୍ୟୟରେ ଏହି ସ୍କୁଲମାନଙ୍କଭିତରୁ ୭ଟିରେ ଆଧୁନିକ ପ୍ରଣାଳୀ ଅବଲମ୍ବନ କରାଯିବ ବୋଲି ସ୍ଥିର କରାଯାଇଛି । ପଞ୍ଚବାର୍ଷିକ ଯୋଜନାକାଳରେ ଏ କାର୍ଯ୍ୟରେ ସର୍ବମୋଟ ଟ୫,୭୦,୦୦୦୵ ବ୍ୟୟ ହେବ । କେନ୍ଦୁଝର ଓ ଜୟପୁରଠାରେ ଆଉ ୨ଟି ନୂଆ ସ୍କୁଲ ସ୍ଥାପନ କରିବାପାଇଁ ସ୍ଥିର କରାଯାଇଛି ।

## ହସ୍ତଶିଳ୍ପ ସ୍କୁଲ

ହସ୍ତଶିଳ୍ପ କାର୍ଯ୍ୟରେ ଲୋକମାନଙ୍କୁ ଉତ୍ସାହିତ କରିବାପାଇଁ ଓ ଯେଉଁ ଗ୍ରାମବାସୀମାନେ ଅଧେଦିନ କାମ ନପାଇ ବେକାର୍ ହୋଇ ବସିଛନ୍ତି, ସେମାନେ କିପରି ଛୋଟ ଛୋଟ ହାତକାମ ଶିଖିପାରିବେ ତହିଁର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସରକାର ୧୦ଟି ହସ୍ତଶିଳ୍ପ ସ୍କୁଲ ସ୍ଥାପନ କରିଛନ୍ତି । ଯୋଜନାକାଳର ପ୍ରଥମ ବର୍ଷ ଏହିପରି ୪ଟି ସ୍କୁଲ ସ୍ଥାପିତ ହୋଇଛି । ଚଳିତ ବର୍ଷ ୩ଟି ସ୍କୁଲ ମଞ୍ଜୁର କରାଯାଇଛି । ଉକ୍ତ ସ୍କୁଲ ଗୁଡ଼ିକରେ ଅଳ୍ପଦିନ ମଧ୍ୟରେ କାମ ଆରମ୍ଭ ହେବ । ଯୋଜନାକାଳ ମଧ୍ୟରେ ଗାଁ ଗହଳ-ମାନଙ୍କରେ ଆଉ ୨୭ ଗୋଟି ଏହିଭଳି ସ୍କୁଲ ଖୋଲାଯିବ ବୋଲି ସ୍ଥିର ହୋଇଛି । ଏହି ସ୍କୁଲମାନଙ୍କରେ ବାଳିକା, ସ୍ତ୍ରୀଲୋକ ଓ ବିଧବାମାନଙ୍କୁ ବାଉଁଶ ଓ ପତ୍ରରେ ତଟେଇ ତିଆରି, ବାଉଁଶ ଓ ବେତରେ ଜିନିଷପତ୍ର ତିଆରି, କାଇଁଚରେ ଜିନିଷ ତିଆରି, ଇଟା ଓ ଟାଇଲ ତିଆରି, କଟା, ନଡ଼ା ଓ ଅନ୍ୟାନ୍ୟ ତନ୍ତୁରେ ଜିନିଷପତ୍ର ତିଆରି ଶିକ୍ଷା ଦିଆଯିବ । ଯେଉଁସବୁ ଜିନିଷ ଅତି ସାଧାରଣ ଯନ୍ତ୍ରପାତିରେ ଗାଁ ଗହଳରେ ମିଳୁଥିବା କଞ୍ଚାମାଲରେ ତିଆରି ହୋଇପାରିବ, ସେହିସବୁ ଜିନିଷ ତିଆରି ବିଷୟରେ ଏହି ସ୍କୁଲମାନଙ୍କରେ ଶିକ୍ଷା ଦିଆଯିବ ।

## ତାଲିମ ଓ ଉତ୍ପାଦନ କେନ୍ଦ୍ର

ଯେଉଁ ବ୍ୟକ୍ତିମାନେ କ୍ଷୁଦ୍ରଶିଳ୍ପ ସ୍ଥାପନ କରିବାପାଇଁ ଇଚ୍ଛୁକ, ସେମାନଙ୍କୁ ସେଗୁଡ଼ିକ ଚଳାଇବା ଓ ରକ୍ଷଣାବେକ୍ଷଣ କରିବା କାର୍ଯ୍ୟରେ ତାଲିମ ଦେବାପାଇଁ ଉକ୍ତ ତାଲିମ କେନ୍ଦ୍ର ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ପ୍ରଥମେ ସ୍ଥାପିତ ହେବାପାଇଁ ସ୍ଥିର କରାଯାଇଥିଲା । ଏହି ତାଲିମ କେନ୍ଦ୍ର କଟକରେ ସ୍ଥାପିତ ହୋଇଛି ଓ ସେଠାରେ ନିମ୍ନଲିଖିତ କାର୍ଯ୍ୟ ଶିକ୍ଷା ଦିଆଯିବ:—

୧ । ବିଦ୍ୟୁତ୍‌ଚାଳିତ ଚେଳଘଣା ।
୨ । ବିଦ୍ୟୁତ୍ ଓ ଡିଜେଲ୍ ଚାଳିତ ପମ୍ପ ।
୩ । ବୋଲ୍‌ଟ, ନଟ୍ ଓ ରିଭେଟ୍ ତିଆରି ।
୪ । ଟିଣପତ୍ରର ପ୍ରଭୃତିରେ ଜିନିଷ ତିଆରି ।
୫ । କଣ୍ଟାତାର, ଜେମ୍ କ୍ଲିପ୍ ଓ ଲୁହାକଣ୍ଟା ତିଆରି ।
୬ । ଲୌହମିଶ୍ରିତ ଓ ଲୌହହୀନ ଧାତୁଦ୍ରବ୍ୟ ।
୭ । ଇଲେକ୍‌ଟ୍ରିକ୍ ରଙ୍ଗ କରିବା ।
୮ । ତାପ-ବ୍ୟବହାର (ହିଟ୍-ଟ୍ରିଟମେଣ୍ଟ) ।

## ଅଟୋମୋବାଇଲ୍ ଓ ଡିଜେଲ୍ ତାଲିମ୍ ଅନୁଷ୍ଠାନ

ଏହି ଅନୁଷ୍ଠାନଟି କଟକରେ ଅବସ୍ଥାପିତ । ଦ୍ୱିତୀୟ ଯୋଜନାକାଳରେ ରାସ୍ତା-ପରିବହନରେ ସମ୍ପ୍ରସାରଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥିପାଇଁ ବହୁସଂଖ୍ୟାରେ ବୈଷୟିକ ଓ କାରିଗରି ଲୋକ ଦରକାର ହେବେ । ଏହି ଆବଶ୍ୟକତା ପୂରଣ ଦିଗରେ ମୋଟର କାରିଗରୀ ଓ ଅଟୋମୋବାଇଲ୍ ଯନ୍ତ୍ରଶିଳ୍ପରେ ଛାତ୍ରମାନଙ୍କୁ ତାଲିମ କରିବାପାଇଁ ଉକ୍ତ ଅନୁଷ୍ଠାନ କାର୍ଯ୍ୟ କରିବ । ବର୍ତ୍ତମାନ ଅବସ୍ଥାରେ ଏଠାରେ ଛାତ୍ରମାନଙ୍କୁ ମୋଟର-କାରିଗର ଭାବେ ତାଲିମ କରାଯାଉଛି, କିନ୍ତୁ ଭବିଷ୍ୟତରେ ଏଠାରେ ଛାତ୍ରମାନଙ୍କୁ ଅଟୋମୋବାଇଲ୍ ଇଞ୍ଜିନିୟରିଂ ବିଷୟରେ ଉଚ୍ଚତର ଉପାଧି ବା ଡିପ୍ଲୋମା-ପାଠ୍ୟକ୍ରମ ଶିକ୍ଷା ଦିଆଯିବ । ଏଥିପାଇଁ ଯୋଜନାକାଳ ମଧ୍ୟରେ ୧୪.୨୫ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଅଛି ।

# ଲୁଧିଆନା ସହର କପରି ଗୋଟିଏ ଶିଳ୍ପ କେନ୍ଦ୍ରରେ ପରିଣତ ହେଲା

ଶ୍ରୀ ଦୀନବନ୍ଧୁ ସାହୁ
( ମନ୍ତ୍ରୀ, ଶିଳ୍ପ, ଖଣି ଓ ଭୂତତ୍ତ୍ୱ ବିଭାଗ )

ଆମ ଦେଶ ଭାଗ ଭାଗ ହେବା ପୂର୍ବରୁ ଲୁଧିଆନା ସହର ଶିଳ୍ପ ପ୍ରସାର ଦିଗରେ ଉନ୍ନତ ନ ଥିଲା । ସେ ସମୟରେ ସେଠାରେ କେବଳ କେତୋଟି ଗେଞ୍ଜି ଓ ମୋଜା ତିଆରି କାରଖାନା ସ୍ଥାପିତ ହୋଇଥିଲା । କିନ୍ତୁ ବର୍ତ୍ତମାନ ଲୁଧିଆନା କେବଳ ପଞ୍ଜାବରେ ନୁହେଁ, ସମଗ୍ର ଭାରତରେ ମଧ୍ୟ ଶିଳ୍ପୋନ୍ନତ ସହରମାନଙ୍କ ମଧ୍ୟରେ ଏକତମ । ପଞ୍ଜାବ ଭାଗ ଭାଗ ହୋଇସିବା ଯୋଗୁଁ ପଶ୍ଚିମ ପଞ୍ଜାବର ବହୁସଂଖ୍ୟକ ଶିଳ୍ପପତି ଲୁଧିଆନାକୁ ଛୁଟି ଆସିଲେ । ଏମାନଙ୍କର ଶିଳ୍ପ ପରିଚାଳନା ଦିଗରେ ଯଥେଷ୍ଟ ଅଭିଜ୍ଞତା ଥିଲା ଓ କେତେକଙ୍କ ହାତରେ ପୁଞ୍ଜି ମଧ୍ୟ ଥିଲା । ଅନ୍ୟ ଶିଳ୍ପପତିମାନେ ଭାରତ ସରକାରଙ୍କ ସାହାଯ୍ୟ ଓ ପୁନର୍ବସତି ବିଭାଗରୁ ମୂଳଧନ ସଂଗ୍ରହ କରିଥିଲେ । ଲୁଧିଆନା ସହର ଓ ତାହାର ଆଖପାଖ ଗ୍ରାମମାନଙ୍କରେ କମାର ଓ ବଢ଼େଇ ଜାତିର ଅନେକ କାରିଗର ଅଛନ୍ତି । ସେମାନେ ସ୍ୱ ସ୍ୱ କାର୍ଯ୍ୟରେ କାରିଗରି କୌଶଳ ହାସଲ କରିଥିଲେ । ବଂଶ-ପରମ୍ପରାକ୍ରମେ କାରିଗରର ପୁଅ ମଧ୍ୟ କାରିଗରି ବିଦ୍ୟାରେ ଧୂରନ୍ଧର ହୋଇ ପାରୁଛି । ଶିଳ୍ପ ଦିଗରେ କାରିଗରମାନେ ପୋଖତ ହୋଇଛନ୍ତି । ଲୁଧିଆନାର କାରିଗରମାନେ ଯେ କୌଣସି ଜଟିଳ ବିଦେଶୀ ମେସିନକୁ ଦେଖି ତାହାର ଅନୁକରଣରେ ମେସିନ୍ ତିଆରି କରିପାରୁଛନ୍ତି । ପଶ୍ଚିମ ପଞ୍ଜାବରୁ ଆସିଥିବା ଶିଳ୍ପପତିମାନେ ଏହି କାରିଗରମାନଙ୍କୁ କାର୍ଯ୍ୟରେ ନିଯୁକ୍ତ କଲେ ଓ ଲୁଧିଆନା ସହରରେ କ୍ଷୁଦ୍ର ଶିଳ୍ପମାନ ସ୍ଥାପନ କଲେ । ଏହି ଶିଳ୍ପଗୁଡ଼ିକ ମଧ୍ୟରୁ କେତେକରେ ଏତେଦୂର ଉନ୍ନତି ଘଟିଛି ଯେ ସେଗୁଡ଼ିକୁ ଆଉ କ୍ଷୁଦ୍ରଶିଳ୍ପ କହିବା ସମୀଚୀନ ହେବ ନାହିଁ । ସେଗୁଡ଼ିକୁ ମଧ୍ୟମ ଶ୍ରେଣୀର ଶିଳ୍ପରୂପେ ଗଣ୍ୟ କରାଯାଇ ପାରିବ । ଲୁଧିଆନାରେ ଗଢ଼ି ଉଠୁଥିବା ଶିଳ୍ପଗୁଡ଼ିକ ଭିତରୁ କେତେକ ଶିଳ୍ପ ବିଷୟରେ ନିମ୍ନରେ ଉଲ୍ଲେଖ କରାଗଲା ।

## ଲୁଧିଆନାରେ କ୍ଷୁଦ୍ର ଶିଳ୍ପ

ସାଇକଲ ପାର୍ଟ ତିଆରି:- ଲୁଧିଆନାରେ ୩୬୦ଟି ଛୋଟ ଛୋଟ କାରଖାନାରେ ସାଇକଲ ପାର୍ଟ ତିଆରି ହେଉଛି । ଏହି କାରଖାନାଗୁଡ଼ିକ ଭିତରୁ ୨୦ଟିରେ ବିଭିନ୍ନ ପାର୍ଟଗୁଡ଼ିକୁ ସମାବେଶ କରାଯାଇ ପୁରା ସାଇକଲ ତିଆରି କରାଯାଉଛି । ଅନ୍ୟାନ୍ୟ କାରଖାନାରେ କେବଳ ଯନ୍ତ୍ରାଂଶମାନ ତିଆରି କରାଯାଉଛି । ଏହି ୩୬୦ଟି କାରଖାନା ମଧ୍ୟରୁ ୨ଟି ହେଉଛି ମଧ୍ୟମ ଶ୍ରେଣୀର ଶିଳ୍ପ । ଏ ଦୁଇଟି ଭାରତ ସରକାରଙ୍କଠାରୁ ଲାଇସେନ୍ସ ପାଇଛନ୍ତି । ଏଥି ମଧ୍ୟରୁ ଆଉ ୫ଟି କ୍ଷୁଦ୍ରଶିଳ୍ପ "ଉନ୍ନୟନ କମିସନର"ଙ୍କ ଦ୍ୱାରା ରେଜିଷ୍ଟ୍ରୀକୃତ ହୋଇଛି । ଅବଶିଷ୍ଟ କାରଖାନାଗୁଡ଼ିକ ଲାଇସେନ୍ସପ୍ରାପ୍ତ ବା ରେଜିଷ୍ଟ୍ରୀକୃତ ହୋଇନାହିଁ । ସେ ସବୁ କାରଖାନାର ମାଲିକମାନଙ୍କୁ କଞ୍ଚାମାଲ ଓ ଯନ୍ତ୍ରପାତି ପାଇଁ ନିଜ ନିଜର ସମ୍ବଳ ଉପରେ ନିର୍ଭର କରିବାକୁ ପଡ଼େ । ମଧ୍ୟମ ଶ୍ରେଣୀର କାରଖାନାମାନଙ୍କରେ "ଇଭନ", "ହିରୋ" ଟ୍ରେଡ଼ମାର୍କରେ ଓ

କ୍ଷୁଦ୍ର କାରଖାନାମାନଙ୍କରେ "ସନ୍ ଫ୍ଲାୱାର, ଫଗଲ" ପ୍ରଭୃତି ଟ୍ରେଡ୍ ମାର୍କରେ ସାଇକଲ ତିଆରି ହୁଏ । ଲୁଧିଆନାରେ ଦୁଇଟି ରୋଲିଂ ମିଲ୍ ବା ଲୁହା ଛଡ଼ ତିଆରି କାରଖାନା ଅଛି । ଏଥିମଧ୍ୟରୁ ଗୋଟିଏ "ଖାନା" ନାମକ ସ୍ଥାନରେ ଅବସ୍ଥିତ । ଉକ୍ତ କ୍ଷୁଦ୍ର ଶିଳ୍ପଗୁଡ଼ିକର ବ୍ୟବହାର ଲାଗି ଯେଉଁସବୁ ଲୁହା ଜିନଷ ଦରକାର ସେଗୁଡ଼ିକ ଏହି ରୋଲିଂ ମିଲ୍‌ମାନେ ଯୋଗାଇଥାନ୍ତି । ସାଇକଲ ତିଆରିପାଇଁ ଯେଉଁସବୁ ଅଂଶ ବା ପାର୍ଟ ଆବଶ୍ୟକ ସେଗୁଡ଼ିକ ଉକ୍ତ ମଧ୍ୟମ ଶ୍ରେଣୀର କାରଖାନାମାନଙ୍କରେ ପ୍ରସ୍ତୁତ ହୁଏନାହିଁ । ପ୍ରତ୍ୟେକ କାରଖାନାରେ ଅଳ୍ପ କେତେକ ପାର୍ଟ ତିଆରି ହୋଇଥାଏ । କିନ୍ତୁ ସାଇକଲ କାରଖାନାମାନଙ୍କରେ ବିଭିନ୍ନ ଛୋଟ କାରଖାନାରେ ତିଆରି ହୋଇଥିବା ବିଭିନ୍ନ ପାର୍ଟଗୁଡ଼ିକୁ ଏକାଠି କରାଯାଇ ଗୋଟିଏ ସାଇକଲ୍ ତିଆରି ହୋଇଥାଏ ଓ ତାହାର ବିକ୍ରିବଟାର ବ୍ୟବସ୍ଥା କରାଯାଇଥାଏ । ଜାପାନରେ ମଧ୍ୟ ସାଇକଲ୍ କାରଖାନାମାନଙ୍କରେ ଏହି ଢଙ୍ଗରେ ସାଇକଲ୍ ତିଆରି ହୋଇଥାଏ । ସେଠାରେ ଛୋଟ ଛୋଟ କାରଖାନାମାନଙ୍କରେ ପାର୍ଟ ତିଆରି ହୋଇ ବଡ଼ ବଡ଼ କାରଖାନାମାନଙ୍କରେ ସେଗୁଡ଼ିକୁ ଠୁଳ କରାଯାଇ ସାଇକଲ୍ ପୂରାପୂରି ତିଆରି ହୁଏ ଓ ବିକ୍ରି ହୁଏ । ସାଇକଲ୍ ପାର୍ଟ ଓ ଅନ୍ୟାନ୍ୟ ଜିନିଷ ତିଆରି କରୁଥିବା ଅନୁଷ୍ଠାନମାନଙ୍କୁ ସାହାଯ୍ୟ କରିବା ପାଇଁ ପଞ୍ଜାବ ସରକାର ଲୁଧିଆନାଠାରେ ଗୋଟିଏ କାରଖାନା ସ୍ଥାପନ କରୁଛନ୍ତି । ଏଠାରେ ଶିଳ୍ପଜାତ ଜିନିଷପତ୍ର ପାଲିସ କରାଯିବ ଓ ସେଗୁଡ଼ିକ କି ଧରଣର, ତାହା ପରୀକ୍ଷା କରି ଦେଖାଯିବ । ପରୀକ୍ଷା କରାଯିବା କାରଖାନାମାନଙ୍କରେ ବିଭିନ୍ନ ଯନ୍ତ୍ରଗୁଡ଼ିକ କେତେ ମଜବୁତ ତାହା ସ୍ଥିର କରାଯିବ ଓ ପାଲିସ କରାଯିବା କାରଖାନାମାନଙ୍କରେ ଯନ୍ତ୍ରାଂଶ ଗୁଡ଼ିକରେ ବିଦ୍ୟୁତ୍ ସାହାଯ୍ୟରେ ରଙ୍ଗ ଦିଆଯିବ ଓ ଢାଳେଇ କରାଯିବ । ଏ ସବୁ କାମ ବ୍ୟୟସାପେକ୍ଷ । ତେଣୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନମାନଙ୍କ ପକ୍ଷରେ ଏ ସବୁ କାମ କରିବା ପାଇଁ କଳ ବସାଇବା ସହଜ ନୁହେଁ । ପରିଶେଷରେ ଆଦର୍ଶ ଧରଣର ଜିନିଷପତ୍ର ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ପୂରଣ ହେଲେ ବିକ୍ରିବଟାର କୌଣସି ଅସୁବିଧା ରହିବ ନାହିଁ ।

୨ । ସିଲେଇ କଳ ତିଆରି :—୧୬୫ଟି କାରଖାନାରେ ସିଲେଇ କଳର ବିଭିନ୍ନ ପାର୍ଟ ବା ଅଂଶ ତିଆରି ହେଉଛି । ଏହି ସବୁ କାରଖାନାମାନଙ୍କ ମଧ୍ୟରୁ ମାତ୍ର ୩୦ଟି କାରଖାନାରେ ସିଲେଇ କଳର ବିଭିନ୍ନ ଅଂଶକୁ ଯୋଡ଼ାଯୋଡ଼ି କରାଯାଇ ପୂରା ମେସିନ ତିଆରି କରାଯାଉଛି । ଅବଶିଷ୍ଟ କାରଖାନାମାନଙ୍କରେ କେବଳ କଳର ବିଭିନ୍ନ ଅଂଶ ତିଆରି ହେଉଛି । ଲୁଧିଆନାରେ ଋତା, ସାନ୍ ରୁବି, ଲକ୍ଷ୍ମୀ ନାମକ ସିଲେଇ କଳମାନ ତିଆରି ହେଉଅଛି । ସିଲେଇ କଳରେ ଲାଗୁଥିବା ବିଭିନ୍ନ ଅଂଶ ମଧ୍ୟରୁ ୧୨ଟି ବିଦେଶରୁ ଆମଦାନି କରାଯାଏ; ଅବଶିଷ୍ଟ ଅଂଶଗୁଡ଼ିକ ଏଠାରେ ତିଆରି ହୁଏ । ସିଲେଇ କଳ ଗୁଡ଼ିକ ଆଦର୍ଶ ଧରଣର ନୁହେଁ । ସେ ଗୁଡ଼ିକୁ ଆଦର୍ଶ ଧରଣର କରିବା ଓ ସେଗୁଡ଼ିକୁ ଜାପାନ୍ସ କ୍ଷୁଦ୍ରଶିଳ୍ପ କର୍ପୋରେଶନ ଜରିଆରେ ବିକ୍ରୟ କରିବା ପାଇଁ ଉଦ୍ୟମ ହେଉଛି । ବର୍ତ୍ତମାନ ସିଲେଇ କଳ ବଜାର ମନ୍ଦା ରହିଥିବା ଜଣାଯାଇଛି ।

୩ । ମଟର ଗାଡ଼ିର ଅଂଶ ଓ ଟ୍ରାକ୍ଟରର ଅଂଶ :—ବର୍ତ୍ତମାନ ୩୦ଟି କାରଖାନାରେ ମଟର୍ ଗାଡ଼ିର ସ୍ପ୍ରିଙ୍ଗ ଓ ବୋଲ୍ଟ ପ୍ରଭୃତି ତିଆରି ହେଉଛି । ୨ଟି କାରଖାନାରେ ଟ୍ରାକ୍ଟରର ପାର୍ଟ ବା ଅଂଶ ତିଆରି ହେଉଛି । ଏସବୁ ଜିନିଷର ବେଶ ଚାହିଦା ରହିଥିବା ଜଣାଯାଇଛି ।

୪ । ଡିଜେଲ ଇଞ୍ଜିନ ତିଆରି :—୧୨ଟି କାରଖାନାରେ ଡିଜେଲ ଇଞ୍ଜିନ ତିଆରି ହେଉଛି । ଲୁଧିଆନାରେ ୩ ଅଶ୍ୱଶକ୍ତିବିଶିଷ୍ଟ ଡିଜେଲ ଇଞ୍ଜିନ

ତିଆରି ହୁଏ । ବିଦେଶରୁ ଏସବୁ ଇଞ୍ଜିନ ଆମଦାନୀ କରିବାରେ ସୁବିଧା ନ ହେଉଥିବାରୁ ଏହି ଦେଶୀ ଇଞ୍ଜିନଗୁଡ଼ିକ ଭଲ ବିକ୍ରି ହେଉଛି ।

୫ । ମେସିନ୍ ଟୁଲ୍ ତିଆରି :—ଅନେକ ଗୁଡ଼ିଏ କାରଖାନାରେ ଭଅଁର କୁନ୍ଦ ପ୍ରସ୍ତୁତ ହତିଆର ତିଆରି ହେଉଛି । ଆଉ କେତେକ କାରଖାନାରେ ତୈଳ ନିଷ୍କାସନ କରିବା ଯନ୍ତ୍ର, ଲୁଗା ଓ ଗେଞ୍ଜି କଳ ପାଇଁ ଆବଶ୍ୟକୀୟ ଯନ୍ତ୍ର ତିଆରି ହେଉଛି । ୮୮୦ଟି କାରଖାନାରେ ଗେଞ୍ଜି ଓ ମୋଜା କରାଯାଉଛି ।

୬ । ଶିଳ୍ପାନୁଷ୍ଠାନର ପରିସର :—ଭଅଁର କୁନ୍ଦ ପ୍ରସ୍ତୁତ ଯନ୍ତ୍ର ତିଆରି ହେଉଥିବା କାରଖାନାରେ ୩୦ରୁ ୫୦ ଜଣ ପର୍ଯ୍ୟନ୍ତ ଶ୍ରମିକ କାର୍ଯ୍ୟ କରନ୍ତି । ଯନ୍ତ୍ରଗୁଡ଼ିକ ଆଦର୍ଶ ଧରଣର ନ ହୋଇଥିଲେ ମଧ୍ୟ ସେଗୁଡ଼ିକ ବିଦେଶରୁ ଆମଦାନୀ ନ ହେଉଥିବା ଯୋଗୁଁ ସୁବିଧାରେ ସେଗୁଡ଼ିକ ବିକ୍ରି ହୋଇଯାଏ ।

ଲୁହା ସରଞ୍ଜାମ ତିଆରି କରୁଥିବା ଆଉ ଗୋଟିଏ କାରଖାନାରେ ମାତ୍ର ୧୦ଜଣ ଶ୍ରମିକ କାମ କରନ୍ତି । ଢଳେଇ ଓ ଘୁଞ୍ଜ କାମ କାରଖାନା ବାହାରେ କରାଯାଏ ଓ ଅବଶିଷ୍ଟ କାମ କାରଖାନାଭିତରେ କରାଯାଏ । ଏହି କାରଖାନାଟି ଛୋଟ ହେଲେ ମଧ୍ୟ ଏଠାରେ ଭଲ ଜିନିଷ ତିଆରି ହେଉଥିବାରୁ ଏହାର ସୁନାମ ରହିଛି ।

ଆଉ ଗୋଟିଏ ସାଇକଲ କାରଖାନାରେ ବର୍ଷକୁ ପ୍ରାୟ ୫୦୦୦ ସାଇକଲ ତିଆରି ହେଉଥିଲେ ମଧ୍ୟ ସେଠାରେ ମୋଟେ ୪୩ ଜଣ ଲୋକ କାମ କରନ୍ତି । ପ୍ରଥମେ ବିଭିନ୍ନ ଅଂଶ ପ୍ରସ୍ତୁତ କରାଯାଇ କାରଖାନାରେ ସେ ଗୁଡ଼ିକୁ ଯୋଡ଼ି ଦିଆଯାଇ ସାଇକଲ ତିଆରି କରାଯାଏ ।

ଓଡ଼ିଶାର କ୍ଷୁଦ୍ର ଶିଳ୍ପପତିମାନେ ଲୁଧିଆନା ଯାଇ ସେଠାରେ ସବୁ କଥା ଦେଖି ପାରନ୍ତି । ସେ ସହରରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପରିଦର୍ଶନ କରିବା ବିଷୟରେ ସ୍ଥାନୀୟ ଅଫିସରମାନେ ସବୁ ପ୍ରକାର ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେଠାରେ ଯେଉଁ ଭିତ୍ତିରେ କ୍ଷୁଦ୍ର ଶିଳ୍ପର ବିକାଶ ସାଧିତ ହେଉଛି ତାହା ଅନୁକରଣୀୟ । ପ୍ରତି କାରଖାନାରେ ଜଣେ ଦୁଇ ଜଣ କୌଶଳୀ କାରିଗର ଅଛନ୍ତି । ସେମାନେ ଅନ୍ୟାନ୍ୟ ଶ୍ରମିକମାନଙ୍କୁ ତାଲିମ କରନ୍ତି କିନ୍ତୁ କାରିଗରମାନେ ନିଜେ କେତେକ ବିଶେଷ ଧରଣର କାର୍ଯ୍ୟ ନିଜେ କରନ୍ତି । ଯଦି ଓଡ଼ିଶାର ଶିଳ୍ପପତିମାନେ ଏହି ପୋଖତ କାରିଗରମାନଙ୍କୁ ନିଜ କାରଖାନାରେ ନିଯୁକ୍ତ କରନ୍ତେ ତାହାହେଲେ ଏଠାରେ ଲୁଧିଆନା ଭଳି କ୍ଷୁଦ୍ର ଶିଳ୍ପର ବିକାଶ ସହଜରେ ହୋଇପାରନ୍ତା । ପଞ୍ଜାବ ସରକାର ତାଙ୍କ ରାଜ୍ୟର ଶିଳ୍ପପତିମାନଙ୍କୁ ବିଶେଷ ଆର୍ଥିକ ସାହାଯ୍ୟ ଦିଅନ୍ତି ନାହିଁ । "ଷ୍ଟେଟ ଏଡ୍-ଟୁ ଇଣ୍ଡଷ୍ଟ୍ରିଜ ଆକ୍ଟ" ଅନୁସାରେ ପ୍ରତି ଶିଳ୍ପ ସରକାରଙ୍କଠାରୁ ସର୍ବୋଚ୍ଚ ଟ ୫୦,୦୦୦୲ ସାହାଯ୍ୟ ପାଇ ପାରିବ । ଚଳିତ ଆର୍ଥିକ ବର୍ଷ ସମଗ୍ର ଲୁଧିଆନା ଜିଲ୍ଲା ପାଇଁ ଏ ବାବଦରେ ୧ ଲକ୍ଷ ୨୫ ହଜାର ଟଙ୍କା ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପ୍ରକାର କ୍ଷୁଦ୍ର ଶିଳ୍ପ ବିଷୟରେ ଗବେଷଣା କରିବା ପାଇଁ ଟ ୨୦୦୦୲ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା ମଧ୍ୟ ଅଛି । କାରିଗରୀ ଶିକ୍ଷା-ପ୍ରାପ୍ତ ଲୋକମାନେ ନିଜର କାରଖାନା ବସାଇବାକୁ ଚାହିଁଲେ ସେମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା ଅଛି; କିନ୍ତୁ ସେମାନେ ସରକାରଙ୍କ ଠାରୁ ଯେତିକି ଆର୍ଥିକ ସାହାଯ୍ୟ ପାଇବାକୁ ଚାହାନ୍ତି ନିଜେ ସେତିକି ଟଙ୍କା ଖଟାଇବା ଦରକାର । କାରଖାନା ଖୋଲିବା ସକାଶେ ଶିଳ୍ପପତିମାନଙ୍କୁ ସ୍ଥାନ ଯୋଗାଇ ଦେବା ପାଇଁ ପଞ୍ଜାବ ସରକାରଙ୍କର ଗୋଟିଏ ଯୋଜନା ଅଛି । ଏ ଯୋଜନା ଅନୁସାରେ ପ୍ରତ୍ୟେକ କ୍ଷେତ୍ରରେ ସରକାର ଟ ୨୦,୦୦୦୲ ପର୍ଯ୍ୟନ୍ତ ଋଣ ଦିଅନ୍ତି । କିନ୍ତୁ ଏ ବାଟରେ ମୋଟରେ ଯେତେ ଖର୍ଚ୍ଚ ହେବ ଶିଳ୍ପପତିମାନେ ତହିଁର ଏକ-ଚତୁର୍ଥାଂଶ ଦେବା ଦରକାର । ରାଜ୍ୟ ସରକାର ଯେଉଁ ସ୍ଥାନ ଠିକ୍ କରିଥିବେ କେବଳ ସେହିଠାରେ କାରଖାନା ବସି ପାରିବ । ଏ ସମ୍ପର୍କରେ ଦିଆଯାଉଥିବା ଋଣ ପାଇଁ ୫½% ସୁଧ ପଡ଼େ ।

# ଯୋଜନା ଯୁଗରେ ଶିଳ୍ପବିକାଶ

**ଶ୍ରୀ ହରିବନ୍ଧୁ ଶତପଥୀ**

ସ୍ୱାଧୀନତା ଲାଭ ପରେ ଦେଶରେ ସମୃଦ୍ଧିବିକାଶର ପରିକଳ୍ପନା ଏବଂ ସେଥିପାଇଁ ଯୋଜନାଗୁଡ଼ିକର ସୃଷ୍ଟି । ବର୍ଷକ ପୂର୍ବରୁ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଆୟୁଷ ଶେଷ ହୋଇଅଛି ଏବଂ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଅଗ୍ରଗତି ଚାଲିଛି । ଏହି ଯୋଜନାର ପରିସର ଯେତିକି ବେଶି, ଏହାର ସଫଳତା ଲାଗି ଜନ-ସହଯୋଗ ସେତିକି ଲୋଡ଼ା ।

## ଅଗ୍ରଗତି ପାଇଁ ନିଷ୍ଠା

ବହୁକାଳ ପରାଧୀନ ହୋଇ ରହିଥିବା ଦେଶ ନିଶ୍ଚୟ ଅବହେଳିତ । ଯାହାର ସ୍ୱାଧୀନ ଚିନ୍ତାଧାରା ନ ଥାଏ, ଯେ ସର୍ବଦା ପରମୁଖକୁ ଅନାଇ ରହିଥାଏ; ତାହାର ଅଗ୍ରଗତିର ପ୍ରଶ୍ନ ଉଠିବ କାହିଁ ? ସୁତରାଂ ଅନ୍ୟାନ୍ୟ ସ୍ୱାଧୀନ ଦେଶ ପରି ନିଜ ଗୋଡ଼ରେ ଠିଆ ହେବା ପାଇଁ ଏ ଦେଶ ପକ୍ଷରେ ବହୁ ଶ୍ରମ ଆବଶ୍ୟକ । ଅଗ୍ରଗତି କହିଲେ ଦେଶର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପୂର୍ଣ୍ଣ ବିକାଶକୁ ବୁଝାଏ । ଭାରତ ପରି ଏକ ବିରାଟ ଓ ଜନବହୁଳ ଦେଶର ସମୃଦ୍ଧ ଅଗ୍ରଗତି ନିମିତ୍ତ କିଭଳି ନିଷ୍ଠା ଓ ଉଦ୍ୟମ ଆବଶ୍ୟକ, ତାହା ଜନସାଧାରଣ ଉପଲବ୍ଧି କରିବା ଉଚିତ ।

## କୃଷି ଓ ଶିଳ୍ପ ଉନ୍ନତି ଦେଶର ମାପକାଠି

କୃଷି ଓ ଶିଳ୍ପର ଉନ୍ନତି ଉପରେ ଦେଶର ଅଗ୍ରଗତି ସମ୍ପୂର୍ଣ୍ଣ ନିର୍ଭର କରେ । ଆର୍ଥିକ ଅବସ୍ଥା ବଢ଼ାଇବାକୁ ହେଲେ ଆମ୍ଭମାନଙ୍କୁ ଏହି ଦୁଇଟିର ବିକାଶ ଲାଗି ଉଦ୍ୟମ କରିବାକୁ ପଡ଼ିବ । କୃଷିପ୍ରଧାନ ଦେଶ ବୋଲି ସର୍ବାଗ୍ରେ ଦେଶରେ ଅଧିକ ଶସ୍ୟ ଉତ୍ପାଦନ ନିମିତ୍ତ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଅଧିକ ଧ୍ୟାନ ଦିଆଯାଇଥିଲା । ଏ ଦିଗରେ କେତେକାଂଶରେ ଯେ ଅଗ୍ରଗତି ନ ହୋଇଛି ତାହା ନୁହେଁ, ମାତ୍ର ନାନା ଦୈବୀ ବାଧାବିଘ୍ନ ଯୋଗୁଁ ଓ ନୂତନ ପଦ୍ଧତି ଅବଲମ୍ବନରେ ବିମୁଖତା ଆଦି ବହୁ କାରଣରୁ କୃଷି ସାହାଯ୍ୟରେ ଜନସାଧାରଣଙ୍କ ଜୀବନ-ଧାରଣର ମାନ ବହୁ ଉଚ୍ଚ ସୋପାନକୁ ଯାଇ ପାରି ନାହିଁ । ପୁଣି କୃଷିର ଉନ୍ନତି ସଙ୍ଗେ ସଙ୍ଗେ ଶିଳ୍ପସମୃଦ୍ଧି ନିମିତ୍ତ ଉଦ୍ୟମ ହେବା ମଧ୍ୟ ଆବଶ୍ୟକ ।

## କ୍ଷୁଦ୍ର ଶିଳ୍ପ

ପୃଥିବୀରେ ଅନ୍ୟାନ୍ୟ ସ୍ୱାଧୀନ ରାଷ୍ଟ୍ର ଶିଳ୍ପ-ବିକାଶରେ ଯେପରି ଅଗ୍ରଗତି କରୁଛି, ଭାରତର ଅଗ୍ରଗତି ତାହା ତୁଳନାରେ କିଛି ନୁହେ । ପର ରାଷ୍ଟ୍ରରୁ ଯନ୍ତ୍ରପାତି ଆମଦାନୀ କରି ଦେଶର ଚାହିଦା ମେଣ୍ଟାଇବାର ସମୟ ଆଉ ନାହିଁ । ନିଜ ଗୋଡ଼ରେ ନିଜେ ଠିଆ ହୋଇ ନ ପାରିଲେ ଦେଶର ଅଣ୍ଟା ଭାଙ୍ଗିପଡ଼ିବା ସ୍ୱାଭାବିକ । ଏହି ଦୃଷ୍ଟିରୁ ନଦୀବନ୍ଧ ଯୋଜନା, ଇସ୍ପାତ୍ ଶିଳ୍ପ କାରଖାନା, ସାର ଓ ସିମେଣ୍ଟ ଉତ୍ପାଦନ ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି ଏବଂ ସେ ସବୁ ଦିଗରେ ଦେଶର ଆବଶ୍ୟକତା କେତେକାଂଶରେ ପୂରଣ କରା-ଯାଇପାରୁଛି । ମାତ୍ର ଏସବୁର ଉପଯୋଗିତାଜନିତ ଫଳାଫଳ ଦେଶବାସୀଙ୍କୁ ତୁରନ୍ତ ସନ୍ତୋଷ ଦେଇ ପାରୁନାହିଁ । ଏଗୁଡ଼ିକ ଦେଶପକ୍ଷରେ ସ୍ଥାୟୀ ଲାଭର ବାଟ ପ୍ରସ୍ତୁତ କଲେହେଁ ତାହାର ଉପଯୋଗିତା ହଠାତ୍ ଅନୁଭୂତ ହେବା ସହଜ ନୁହେ ।

ଏହି ବୃହତ୍ତର ଯୋଜନା ସଙ୍ଗେ ସଙ୍ଗେ ଗ୍ରାମ ଅଞ୍ଚଳରେ କୁଟୀର କ୍ଷୁଦ୍ର ଶିଳ୍ପର ବିକାଶଲାଗି ଉଦ୍ୟମ

କରିବାକୁ ହେବ । ପଲ୍ଲୀ ଅଞ୍ଚଳରେ କଞ୍ଚାମାଲର କ୍ଷେତ୍ର ପ୍ରଶସ୍ତ, ଦେଶରେ ଜନଶକ୍ତିର ଅଭାବ ନାହିଁ; ଅଭାବ କେବଳ ଅର୍ଥ, ଉଦ୍ୟମ ଓ ତାଲିମପ୍ରାପ୍ତ କର୍ମୀବୃନ୍ଦ ।

## ସରକାରୀ ସାହାଯ୍ୟ ମିଳିବ

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ କ୍ଷୁଦ୍ର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନମାନଙ୍କୁ ଅର୍ଥ ସାହାଯ୍ୟ ଦେବାର ବ୍ୟବସ୍ଥା ହୋଇଅଛି । ବ୍ୟକ୍ତିବିଶେଷ କୌଣସି ଶିଳ୍ପସଂସ୍ଥା ସ୍ଥାପନ କରିବାକୁ ଇଚ୍ଛା କଲେ ସରକାରଙ୍କଠାରୁ ଏକକାଳୀନ ସାହାଯ୍ୟ ପାଇ ପାରିବା ବା ଦୀର୍ଘ-ମିଆଦି ଋଣ ଗ୍ରହଣ କରି ପାରିବାର ସୁଯୋଗ ଅଛି । ପୁଣି ସମବାୟ ସୂତ୍ରରେ ଯୌଥ କାରବାର ବା ଶିଳ୍ପପ୍ରତିଷ୍ଠା ଲାଗି ଅର୍ଥ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ।

ଗ୍ରାମ ଅଞ୍ଚଳରେ କାରିଗରି ଶିଳ୍ପପ୍ରତିଷ୍ଠା ଲାଗି ନୂତନ ଧରଣର ଯନ୍ତ୍ରପାତି ଆବଶ୍ୟକ । କଞ୍ଚାମାଲ ସଂଗ୍ରହ ଲାଗି ଆବଶ୍ୟକ ଅର୍ଥଲଗାଣ । ବହୁ ବ୍ୟକ୍ତିଙ୍କର ଏ ଦିଗରେ ଅର୍ଥର ଅଭାବ । ଏହା ପୂରଣ କରିବା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଛି ।

କଞ୍ଚାମାଲ ଯେଉଁ ସ୍ଥାନରେ ସୁଲଭ, ସେହି ସ୍ଥାନରେ କଞ୍ଚାମାଲକୁ ଭିତ୍ତି କରି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ଓ ସେଥିପାଇଁ ଅର୍ଥସାହାଯ୍ୟ ମଧ୍ୟ ମିଳିବ । ମାତ୍ର ଯେଉଁ ସ୍ଥାନରେ ଯଥେଷ୍ଟ କଞ୍ଚାମାଲ ଉତ୍ପନ୍ନ ହେଉନାହିଁ, ଅଥଚ ଉତ୍ପାଦନର ଯଥେଷ୍ଟ କ୍ଷେତ୍ର ଅଛି, ସେହି ସ୍ଥାନମାନଙ୍କରେ ଅଧିକ ଆମଦାନୀ ପାଇଁ ପ୍ରବୃତ୍ତି ଆବଶ୍ୟକ ।

## ପ୍ରବଳ ଉଦ୍ୟମ ଲୋଡ଼ା

ଏଥିପାଇଁ ପ୍ରବଳ ଉଦ୍ୟମ ଲୋଡ଼ା ଓ ସମବାୟ ସୂତ୍ରରେ ସଂସ୍ଥା ସଂଗଠନ ଦରକାର । ବ୍ୟକ୍ତି-ବିଶେଷର ଉଦ୍ୟମ ସମ୍ଭବ ନ ହେଲେ ମିଳିତ ସଂସ୍ଥା ସଂଗଠନ କରି କଞ୍ଚାମାଲ ସଂଗ୍ରହ ଓ ଶିଳ୍ପ ପ୍ରତିଷ୍ଠା କରିବାକୁ ହେବ । ଏହି ଉଦ୍ୟମ ଏବେ ମଧ୍ୟ ଦେଶରେ ଯଥେଷ୍ଟ ହୋଇନାହିଁ । ଗ୍ରାମ ମଧ୍ୟରେ ଦଳାଦଳି ଈର୍ଷା ଯଥେଷ୍ଟ ଅଛି । ଏସବୁ ଘୃଣ୍ୟ ଗଣ-ଆନ୍ଦୋଳନ ମିଳିତ ଉଦ୍ୟମ ପ୍ରତି ଖୁବ୍ ମମତାପନ୍ନ ହେବାକୁ ପଡ଼ିବ । ଏସବୁ କିଏ କରିବ ? ଏଥିପାଇଁ ଅନ୍ୟ କାହା ଉପରେ ନିର୍ଭର କଲେ ଚଳିବ ନାହିଁ .। ଯେଉଁମାନେ ଉଦ୍ୟମଶୀଳ କର୍ମୀ, ଯେଉଁମାନଙ୍କ ପକ୍ଷରେ ସଂସ୍ଥା ସଂଗଠନ କରିବାର ସୁଯୋଗ ଅଛି, ସେମାନେ ଏ ଦିଗରେ ଉଦ୍ୟମ ହେବା ଆବଶ୍ୟକ । ଏହି ଉଦ୍ୟମ ପଛରେ ସରକାରୀ ସାହାଯ୍ୟ ତ ଅଛି, ମାତ୍ର ଏହାର ଭବିଷ୍ୟତ ଉଜ୍ଜ୍ୱଳ ।

## ତାଲିମପ୍ରାପ୍ତ କର୍ମଚାରୀ

ଏହି ଉଦ୍ୟମକୁ ସଫଳ କରିବାପାଇଁ ବହୁ ସଂଖ୍ୟାରେ ତାଲିମପ୍ରାପ୍ତ କର୍ମୀବୃନ୍ଦ ଆବଶ୍ୟକ । ଆମ୍ଭମାନଙ୍କ ଦେଶରେ ଏହାର ଅଭାବ ଯଥେଷ୍ଟ ବେଶି । ଏହା ଆମ୍ଭମାନଙ୍କୁ ପୂରଣ କରିବାକୁ ପଡ଼ିବ । ସଂସ୍ଥା ସଂଗଠନ ସଙ୍ଗେ ସଙ୍ଗେ ସେହି ସଂସ୍ଥାର କାର୍ଯ୍ୟକାରିତା ସମ୍ପାଦନ କରିବା ଲାଗି ଉପଯୁକ୍ତ କର୍ମୀ ତାଲିମ ବ୍ୟବସ୍ଥା କରାଯିବା ଆବଶ୍ୟକ । ସରକାରୀ ବ୍ୟବସ୍ଥାରେ ଏଭଳି ତାଲିମ କେନ୍ଦ୍ର କେତେକ ପ୍ରତିଷ୍ଠିତ ହେଲାଣି; ପୁଣି ଭବିଷ୍ୟତରେ ଆହୁରି ଅନେକ ମଧ୍ୟ ସ୍ଥାପିତ ହେବ । ତାଳଗୁଡ଼, ଖଜୁରିଗୁଡ଼ ଉତ୍ପାଦନ, ମହୁବୃତ୍ତି, ଚମଡ଼ାଶିଳ୍ପ, ଇଟା ଓ ଖପର ତିଆରି, କମାର ଓ କୁମ୍ଭାର କାମ, କାଗଜପତ୍ର ଆଦି ବହୁ ଶିଳ୍ପ ସଂସ୍ଥା ସଂଗଠନ ପାଇଁ କର୍ମୀବୃନ୍ଦ ଏ ଦେଶରେ ପ୍ରସ୍ତୁତ କରିବାକୁ ପଡ଼ିବ । ପ୍ରତ୍ୟେକ ଅନୁଷ୍ଠାନ, ପ୍ରତ୍ୟେକ ପଞ୍ଚାୟତ, ପ୍ରତ୍ୟେକ ସମାଜସେବା ସଂଘ ଏହି ବ୍ୟବସ୍ଥାର ଉନ୍ନତିରେ ସହାୟକ ହେବା ଆବଶ୍ୟକ ।

## ବିଦ୍ୟୁତ୍-ଯୁଗ

ବର୍ତ୍ତମାନ ବିଦ୍ୟୁତ୍-ଯୁଗ । ଗ୍ରାମଗହଳକୁ ବିଦ୍ୟୁତ ଯୋଗାଣ ସୁଲଭ ହେଲଣି । ହୀରାକୁଦ ଓ ମାଛକୁଣ୍ଡ ଜଳବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ଅଳ୍ପ ଖର୍ଚ୍ଚରେ ଶିଳ୍ପକାର୍ଯ୍ୟ କରିବାର ସୁଯୋଗ ଆଜି ଆମେ ପାଇଅଛୁ । ଅଳ୍ପ ସମୟରେ, ଅଳ୍ପ ଖର୍ଚ୍ଚରେ ବହୁପରିମାଣରେ ମାଲ ଉତ୍ପନ୍ନ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଅଛି । ଯେଉଁସବୁ ସ୍ଥାନକୁ ଏଭଳି ସୁବିଧା ମିଳଲାଣି, ସେହି ସ୍ଥାନର ଉଦ୍ୟମଶୀଳ ବ୍ୟକ୍ତିଗଣ ଶିଳ୍ପ ସମୃଦ୍ଧି ଦିଗରେ ମନ ଓ ଧ୍ୟାନ ଦେବା ଆବଶ୍ୟକ । ଏହା ଫଳରେ ଜନସାଧାରଣଙ୍କ ଆର୍ଥିକ ସ୍ଥିତିର ଉନ୍ନତି ଘଟିବ, ବେକାର ସମସ୍ୟାର ସମାଧାନ ସମ୍ଭବ ହେବ ଓ ଦେଶ ଆତ୍ମ-ନିର୍ଭରଶୀଳ ହୋଇ ଉନ୍ନତ ସୋପାନରେ ଆରୂଢ଼ ହେବ ।

### ମନ୍ଦିର ପ୍ରବେଶ ଆନ୍ଦୋଳନ

ପ୍ରଦେଶମାନଙ୍କରେ ଲୋକପ୍ରିୟ ମନ୍ତ୍ରିମଣ୍ଡଳ କାର୍ଯ୍ୟଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ଭାରତୀୟ କଂଗ୍ରେସର ୧୯୨୩ ମସିହା ପ୍ରସ୍ତାବ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରାଗଲା । ସେହି ସମୟରେ ୧୯୩୮ ମସିହା ମାଲବାର ମନ୍ଦିର ପ୍ରବେଶ ଆଇନ ଏବଂ ୧୯୩୯ ମସିହା ମାନ୍ଦ୍ରାଜ ମନ୍ଦିର ପ୍ରବେଶ କ୍ଷମତାଦାନ ଓ କ୍ଷତିପୂରଣ ଆଇନ ପ୍ରଣୀତ ହେଲା ।

ସ୍ୱାଧୀନତା ଲାଭ ପରେ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ସମ୍ପର୍କୀୟ ତୃତୀୟ ଭାଗରେ ଦେଶରୁ ଅସ୍ପୃଶ୍ୟତା ଦୂରୀକରଣ ଲାଗି ଏକ ସ୍ୱତନ୍ତ୍ର ଅନୁଚ୍ଛେଦ (୧୭) ଯୋଗ କରାଗଲା । ଅସ୍ପୃଶ୍ୟତାର ପ୍ରଚଳନ ବିରୁଦ୍ଧରେ ଏଥିରେ ଆଇନଗତ ଦଣ୍ଡବିଧାନର ବ୍ୟବସ୍ଥା ରହିଲା ।

ଏହି ବ୍ୟବସ୍ଥାର ଅନୁସରଣରେ ୧୯୫୫ ମସିହା ଅସ୍ପୃଶ୍ୟତା (ଅପରାଧ) ଆଇନ ପ୍ରଣୀତ ହୋଇ ତାହା ୧୯୫୫ ଜୁନ ପହିଲାରୁ ବଳବତ୍ତର ହେଲା । ହିନ୍ଦୁମାନଙ୍କ ଉପାସନା ପାଇଁ ଉନ୍ମୁକ୍ତ କୌଣସି ସାଧାରଣ ସ୍ଥାନକୁ ପ୍ରବେଶ କରିବା ଲାଗି କୌଣସି ହିନ୍ଦୁକୁ ବାଧା ଦେଲେ ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ଏହି ଆଇନରେ ରହିଛି ।

# ଜାତିଗଠନ କାର୍ଯ୍ୟରେ ସମସ୍ତେ ସାହାଯ୍ୟ କରନ୍ତୁ

## ସ୍ୱଳ୍ପସଞ୍ଚୟ ଯୋଜନା ସମ୍ବନ୍ଧରେ ଆଦିବାସୀ ଓ ଗ୍ରାମମଙ୍ଗଳ ଉପମନ୍ତ୍ରୀ ଶ୍ରୀଯୁକ୍ତ ବୀରବିକ୍ରମାଦିତ୍ୟ ସିଂହ ବରିହାଙ୍କ ଭାଷଣ

ସବୁ ଦେଶରେ ଓ ସବୁ କାଳରେ ଦେଖାଯାଇଛି ଯେ ଲୋକମାନେ ଭବିଷ୍ୟତ ଦୈବୀ-ଦୁର୍ବିପାକ ପାଇଁ ଓ ନିଜ ନିଜର ସନ୍ତାନସନ୍ତତିମାନଙ୍କର ଶିକ୍ଷାଦୀକ୍ଷା, ବିବାହ ବ୍ରତ ଓ ଭବିଷ୍ୟତ ଉନ୍ନତି ଉଦ୍ଦେଶ୍ୟରେ କିଛି ନା କିଛି ସଞ୍ଚୟ କରିଥାନ୍ତି । ଆମ୍ଭମାନଙ୍କର ନିଜ ନିଜର ସନ୍ତାନସନ୍ତତିମାନଙ୍କ ପ୍ରତି କିଛି ନା କିଛି କର୍ତ୍ତବ୍ୟ କରିବାର ଅଛି । ସେ ଦୃଷ୍ଟିରୁ ଆମ୍ଭେମାନେ ସେସବୁ କର୍ତ୍ତବ୍ୟ ପାଳନ କରିବାକୁ ଗଲେ ଅର୍ଥର ପ୍ରୟୋଜନ ସୁନିଶ୍ଚିତ । ଆମ୍ଭେମାନେ ଯଦି ନିଜ ନିଜର ଦୈନିକ ବା ମାସିକ ଆୟରୁ ଭବିଷ୍ୟତପାଇଁ କିଛି ସଞ୍ଚୟ ନ କରିବା ତାହେଲେ ବନ୍ୟା, ମରୁଡ଼ି, ଦୁରାରୋଗ୍ୟ ରୋଗ ପ୍ରଭୃତି ଦୈବୀ-ଦୁର୍ବିପାକ ପଡ଼ିଲେ, ଅର୍ଥସମ୍ବଳ ଶୂନ୍ୟ ହୋଇ, ହା ହତାଶ କରି ନୈତିକ-ବଳ ହରାଇ ବସିବା; ଯାହାର ଅଭାବରେ କି ଆମ୍ଭେମାନେ ସେ ପ୍ରକାର ଦୈବୀ-ଦୁର୍ବିପାକରୁ ସହଜରେ ଉଦ୍ଧାର ପାଇ ପାରିବା ନାହିଁ । ଏଣୁ ଆମ୍ଭେମାନେ ଯେପରି ଦୈନନ୍ଦିନ ନିଜ ନିଜର ଜୀବନଧାରଣ ପାଇଁ ଖର୍ଚ୍ଚ କରିବା, ସେହିପରି ମଧ୍ୟ ଭବିଷ୍ୟତର କୌଣସି ଆକସ୍ମିକ ଦୁର୍ଘଟଣା ପାଇଁ ବା ସନ୍ତାନସନ୍ତତିଙ୍କର ଉନ୍ନତି ପାଇଁ କିଛି ନା କିଛି ସଞ୍ଚୟ କରିବା ନିତାନ୍ତ ଦରକାର ।

ଆଗେ ଆମ ଦେଶର ଲୋକେ ଯାହା ସବୁ ସଞ୍ଚୟ କରୁଥିଲେ ତାହା ସବୁ ଘରର ତଳାଭୂତଙ୍କ ଭୟରେ ମାଟିତଳେ ପୋତି ରଖୁଥିଲେ । ସେପରି ସଞ୍ଚୟଦ୍ୱାରା ସେ ଟଙ୍କା ପଇସାର କୌଣସି ବିନିଯୋଗ ହୋଇପାରୁ ନଥିଲା ଏବଂ ତାହା ମଧ୍ୟ ସଞ୍ଚୟକାରୀଙ୍କୁ ଅଧିକା କିଛି ଦେଉ ନଥିଲା; ବରଂ ସଞ୍ଚୟକାରୀ ଯଦି ସେ ବିଷୟରେ ତାର ଉତ୍ତରାଧିକାରୀଙ୍କୁ କୌଣସି ସୂଚନା ନ ଦେଇ ଅକାଳରେ ଇହଧାମରୁ ବିଦାୟ ନେଉଥିଲା, ତାହାହେଲେ ସେ ସଞ୍ଚିତ ଧନ କୌଣସି କାର୍ଯ୍ୟରେ ଆସୁ ନଥିଲା । ଆଧୁନିକ ଯୁଗରେ ଆଉ ସେ ପ୍ରକାର ସଞ୍ଚୟକୁ କେହି ପସନ୍ଦ କରୁନାହାନ୍ତି । ତେଣୁ ଧନସଞ୍ଚୟ ପାଇଁ ଦେଶସାରା ବିଭିନ୍ନ ଧରଣର ବ୍ୟାଙ୍କ ଖୋଲୁଅଛି । ସେଥିରେ ଧନ ଖଟାଇଲେ ଲାଭ ଅଛି ସତ; କିନ୍ତୁ ତା ଉପରେ ପୁଣି ସରକାରଙ୍କର ଆୟକର ଅଛି ଓ ବ୍ୟାଙ୍କର ଅବସ୍ଥା ନିର୍ଭର କରୁଛି ।

ଆମର ଜାତୀୟ ସରକାର ଯେଉଁ ପାଞ୍ଚବର୍ଷିଆ ଯୋଜନାମାନ କରୁଛନ୍ତି, ସେଥି ସକାଶେ ପ୍ରଚୁର ଅର୍ଥ ଆବଶ୍ୟକ ହେଉଛି । ସରକାର ତା ସବୁ କେବଳ ଖଜଣା ଟିକସ୍ ଆକାରରେ ନ ଉଠାଇ କେତେକ ନୂଆ ଉପାୟରେ ଜନସାଧାରଣଙ୍କଠାରୁ ଋଣ ଆକାରରେ ଉଠାଇବାର ପନ୍ଥା ଖୋଲିଛନ୍ତି । ସ୍ୱଳ୍ପସଞ୍ଚୟ ଯୋଜନା ତା ମଧ୍ୟରୁ ଗୋଟିଏ । ଏଥିରେ ଯେ କୌଣସି ଲୋକ ଟଙ୍କା ଖଟାଇ ପାରିବ । ସେ ଟଙ୍କା ମଧ୍ୟ ଜାତୀୟ ବିକାଶରେ ବିନିଯୋଗ ହୋଇପାରିବ । ଏ ପ୍ରକାର ସଞ୍ଚୟର ସୁଧ ପ୍ରତି ସରକାରଙ୍କର ଆୟକର ଲାଗୁ ହେଉନାହିଁ । ଆଉ ମଧ୍ୟ ବ୍ୟାଙ୍କଗୁଡ଼ିକ ଦେବାଳିଆ ହୋଇଗଲେ ଯେପରି ଟଙ୍କା ମିଳିବାର ଆଶା ନଥାଏ, ସେପରି ଭୟ ମଧ୍ୟ ଏଥିରେ ନାହିଁ । ଆପଣମାନେ ଗୁରୁଅଣାର ସେଭିଂସ୍ ଷ୍ଟାମ୍ପଠାରୁ ହଜାର ହଜାର ଟଙ୍କା ସଞ୍ଚୟ କରିବାର ସୁବିଧା କରାଯାଇଛି । ଏ ବିଷୟରେ ଆପଣମାନେ

ଖୋଜିଲେ ଜିଲ୍ଲା ସ୍ୱଳ୍ପସଞ୍ଚୟ ଅଫିସରଙ୍କଠାରୁ ଓ ଡାକଘରମାନଙ୍କରୁ ସବୁ ବିଷୟ ବୁଝିପାରିବେ ।

ଆମ ଭାରତ ଜାତୀୟ ସରକାର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଖର୍ଚ୍ଚ ମେଣ୍ଟାଇବା ପାଇଁ ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ ଗତ ୧୯୫୭ ମସିହା ଜୁନ ପହିଲାରୁ କେତେଗୁଡ଼ିଏ ସ୍ୱଳ୍ପସଞ୍ଚୟ ସାର୍ଟିଫିକେଟରେ ସୁଧ ପରିମାଣ ବୃଦ୍ଧି କରିଛନ୍ତି । ସେଥିମଧ୍ୟରୁ ଏଠାରେ ମୁଁ ଗୋଟିକର ସୂଚନା ଦେଉଛି । ଆଗରୁ ଯେଉଁ ୧୨ ବର୍ଷିଆ "ନେସ୍‌ନ୍ୟାଲ ସେଭିଂସ ସାର୍ଟିଫିକେଟ" ଥିଲା, ତାର ମିଆଦ ପୂରିଗଲେ ସରଳ ସୁଧ ବର୍ଷକୁ ଶତକଡ଼ା ୩·୧୭ ଥିଲା; କିନ୍ତୁ ବର୍ତ୍ତମାନ ଚାଲୁ ହେଉଥିବା ଏହି ନୂତନ ୧୨ ବର୍ଷିଆ "ନେସନାଲ୍ ପ୍ଲାନ ସେଭିଂସ ସାର୍ଟିଫିକେଟ"ରେ ମିଆଦ ପରେ ସରଳ ସୁଧ ଶତକଡ଼ା ୫·୪୧ ମିଳିବାର ବ୍ୟବସ୍ଥା ହୋଇଛି । ଏଥିରେ ଆପଣ ଟ ୧୦୦୲ ଖଟାଇଲେ ୧୨ ବର୍ଷ ପରେ ଟ ୧୬୫୲ ପାଇବେ । ସୁଧ ଉପରେ ଆୟକର ପଡ଼ିବ ନାହିଁ । ବିଶଦ ବିବରଣୀ ଆପଣମାନେ ଡାକଘରମାନଙ୍କରୁ ଓ ଜିଲ୍ଲା ସ୍ୱଳ୍ପସଞ୍ଚୟ ଅଫିସରଙ୍କଠାରୁ ବୁଝିପାରିବେ ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟ କରିବାକୁ ଆପଣମାନେ ନିଶ୍ଚୟ ସରକାରଙ୍କ ସହିତ ସହଯୋଗ କରିବେ । ଆପଣମାନଙ୍କ ସହଯୋଗ ବ୍ୟତୀତ କୌଣସି ସରକାର କୌଣସି ଯୋଜନା କେବେ ହେଲେ କାର୍ଯ୍ୟକାରୀ କରି ପାରିବେ ନାହିଁ; କାରଣ ସରକାର ଆପଣମାନଙ୍କର, ତେଣୁ ଆପଣମାନଙ୍କ ବିନା ସହଯୋଗରେ ସେମାନେ କିଛି କରିବାକୁ ସମର୍ଥ ହୋଇ ପାରିବେ ନାହିଁ । ଏଣୁ ମୋର ଅନୁରୋଧ ଯେ ଆପଣମାନେ କି ସ୍ତ୍ରୀ, କି ପୁରୁଷ ସମସ୍ତେ ଏହି ଜାତୀୟ ଗଠନ କାର୍ଯ୍ୟରେ ସହଯୋଗ କରିବା ଦରକାର । ଆପଣମାନେ ଯଦି ପ୍ରତିଦିନ ଦୁଇଅଣା କରି ସଞ୍ଚୟ କରି ଜାତୀୟ ସଞ୍ଚୟ ସାର୍ଟିଫିକେଟ କିଣନ୍ତି ତାହାହେଲେ ତା ଦ୍ୱାରା ଆପଣମାନେ ଭବିଷ୍ୟତକୁ ସଞ୍ଚୟ କରିବା ସାଙ୍ଗେ ସାଙ୍ଗେ ଜାତୀୟ ଗଠନ କାମରେ ମଧ୍ୟ ଭାଗ ନେଇ ପାରିବେ । ଆପଣମାନଙ୍କର ସାହାଯ୍ୟ ଯେତେ ସାମାନ୍ୟ ହେଲେ ମଧ୍ୟ ତାହା ଗୁଣ୍ଡୁଚି ମୂଷାର ସାହାଯ୍ୟ ଭଳି ଦେଶ ଗଠନ କାର୍ଯ୍ୟରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟକାରୀ କରିବାରେ ବଡ଼ ସାହାଯ୍ୟ କରିବ । ଆପଣମାନଙ୍କର ଏହି କିଞ୍ଚିତ ସଞ୍ଚୟଦ୍ୱାରା ଦେଶର ଯେ ଅଶେଷ ଉନ୍ନତି ସାଧିତ ହେବ, ତାହାହିଁ ଭାବିବାର କଥା । ମୁଁ ଆଶାକରେ ଆପଣମାନେ ସମସ୍ତେ ଏଣିକି ପ୍ରତିଦିନ କିଛିନା କିଛି ସଞ୍ଚୟ କରି ତାହା ଜାତୀୟ ସଞ୍ଚୟ ଯୋଜନା ଜରିଆରେ ଖଟାଇ ଦେଶ ତଥା ସରକାରଙ୍କୁ ସାହାଯ୍ୟ କରିବେ ।

# ବର୍ତ୍ତମାନ ମେଟ୍ରିକ ପଦ୍ଧତି ଚଳାଇବାର କାରଣ

୧୯୫୭ ମସିହା ଜାନୁଆରୀ ମାସଠାରୁ ଆମେ ଦେଖୁଥାଉଁ ଯେ ଦୈନିକ ପାଣିପାଗ ରିପୋର୍ଟରେ ତାପ ଓ ବୃଷ୍ଟିପରିମାଣ ଯଥାକ୍ରମେ ସେଣ୍ଟିଗ୍ରେଡ୍ ଓ ମିଲିମିଟରରେ ପ୍ରକାଶିତ ହେଉଛି । ସେହି ବର୍ଷ ଅପ୍ରେଲ ମାସରେ ଦଶମିକ ମୁଦ୍ରା ପ୍ରଚଳନ କରାଗଲା । ଏହା ଫଳରେ ଟଙ୍କାକୁ ଆଉ ୧୬ ଅଣା, ୬୪ ପଇସା ବା ୧୯୨ ପାହୁଲାରେ ବିଭକ୍ତ ନ ହୋଇ ୧୦୦ଟି ନୂଆ ପଇସାରେ ବିଭକ୍ତ ହେଲା । ମୁଦ୍ରା ହିସାବରେ ଯେପରି ଏ ଦଶମିକ ପଦ୍ଧତି ଚଳିଲା, ୧୯୫୮ ମସିହାଠାରୁ ଓଜନ ଓ ମାପ ହିସାବରେ ମଧ୍ୟ ସେହିପରି ଗୋଟିଏ ନୂଆ ଦଶମିକ ପଦ୍ଧତି ଚାଲୁ ହେବାକୁ ଯାଉଛି । ଏହି ନୂଆ ଦଶମିକ ପଦ୍ଧତିଟି ଓଜନ ଓ ମାପ ସମ୍ପର୍କରେ ପରିକଳ୍ପିତ ଏକ ବିରାଟ ସଂସ୍କାରର ଅଂଶ ମାତ୍ର । ଏହା ପୂର୍ଣ୍ଣଭାବରେ କାର୍ଯ୍ୟକାରୀ ହେବାପାଇଁ ପ୍ରାୟ ୧୦ ବର୍ଷ ଲାଗିଯିବ ଓ ଏହାଫଳରେ ଦେଶର ସବୁଆଡ଼େ ଏକ ପ୍ରକାର ମାପ ଓ ଓଜନ ବ୍ୟବହୃତ ହେବ ।

ବର୍ତ୍ତମାନ ଏହାର ପ୍ରଚଳନର ଆବଶ୍ୟକତା ନେଇ ଅନେକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି । ସେମାନେ କହନ୍ତି ଯେ ବର୍ତ୍ତମାନ ଦେଶର ଅନ୍ୟାନ୍ୟ ଅନେକ ଯୋଜନା ପାଇଁ ଯେତେବେଳେ ବହୁତ ଧନ ଆବଶ୍ୟକ ହେଉଛି — ଯେତେବେଳେ ଆମ ଦେଶରେ ଗୋଟାଏ ନୂଆ ଆର୍ଥନୀତିକ ସଂସ୍କାର ହେବାକୁ ଯାଉଛି—ସେତେବେଳେ ଏ ପରିବର୍ତ୍ତନ ଚାଲୁ କରିବାର କି ଆବଶ୍ୟକତା ବା ଅଛି ? ଆଉ କେତେକ ଏପରି ଗୋଟିଏ ସଂସ୍କାରର ଆବଶ୍ୟକତା ଉପଲବ୍ଧି କରୁଥିଲେ ବି ଜାତୀୟ ଅଭିମାନର ବଶବର୍ତ୍ତୀ ହୋଇ ଇଚ୍ଛା କରୁଛନ୍ତି ଯେ ଏଥିପାଇଁ ବିଦେଶୀ ମେଟ୍ରିକ ପଦ୍ଧତି ନ ଚଳାଇ ତା ସ୍ଥାନରେ ଆମର ଭାରତୀୟ କୌଣସି ପଦ୍ଧତିକୁ ପରିମାର୍ଜିତ ଆକାରରେ ଚଳ ଯାଉ । ବହୁତ ଲୋକଙ୍କର ମନରେ ଆଶଙ୍କା ହୁଏତ ମେଟ୍ରିକ ପଦ୍ଧତିକୁ ଯେତେବେଳେ ସରକ ଚାଲୁ କରି ଦିଆଯିବ ଓ ତା ଫଳରେ ଦେଶରେ ନାନ ବିଭ୍ରାଟ ଦେଖାଦେବ ।

## ସବୁଆଡ଼େ ଗୋଟିଏ ପ୍ରକାର ମାପ ଓ ଓଜନର ଆବଶ୍ୟକ

ଭାରତରେ ଶତାଧିକ ପ୍ରକାରର ସେର ମହଣର ପ୍ରଚଳନ ଅଛି । ତରଳ ଜିନିଷ ମାପିବାପା ମଧ୍ୟ ଅନେକ କିସମର ମାପ ଚଳୁଛି । ଭାରତରେ କେ କେତେ ବିଭିନ୍ନ ପ୍ରକାରର 'ବିଘା' ଚଳୁଛି, ତା ହିସାବ କରି କହିବା କାଠିକର ପାଠ । ମାପ ଓଜନ କ୍ଷେତ୍ରରେ ଏହିପରି ବିଭ୍ରାଟ ଶହ ଶହ ବର୍ଷ ଧ ଆମ ଦେଶରେ ରହି ଆସିଛି । ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ ଏସବୁ ବିଭିନ୍ନ ଓଜନ ଓ ମାପ ଭିତରେ କୌଣସି ଗୋଟିଏ ହେଲେ ପୂର୍ଣ୍ଣାଙ୍ଗ ପଦ୍ଧତି ନାହିଁ ଯାହାକି ଓଜନ, ପରିମାପ ଓ ଧାରକତ୍ୱର ମାପ ବ୍ୟବହୃତ ହୋଇପାରିବ । ଏପରି ବହୁପ୍ରକାର ଓଜନ ଓ ମାପ ଚଳାଇବାରେ ଅନେକ ଅସୁବିଧା ଘଟୁଛି ଏହା ଫଳରେ ଠକାମି, ଜୁଆଚୋରି ପ୍ରଭୃତି ସାମାଜିକ ଅନିଷ୍ଟ ସାଧିତ ହେଉଛି ।

ମାପ ଓ ଓଜନର କେଉଁ 'ଏକକ'ରେ କେ ମାଲ ବିକ୍ରି ହେଉଛି, ସେ କଥା ଭଲରୂପେ ଜାଣି ରହିଲେ ବାଣିଜ୍ୟ-ବ୍ୟବସାୟ ଏପରିକି ଦୈନନ୍ଦିନ କାରବାର ଚଳାଇବା ମଧ୍ୟ କଷ୍ଟକର ହୋଇ ପଡ଼ୁଛି ବହୁ ସମୟରେ ଗୋଟିଏ ପ୍ରକାର ମାଲକୁ ପା ସେର, ମାନ୍ଦ୍ରାଜି ସେର, ଗ୍ରାମ୍ୟ ସେର

ବିଭିନ୍ନ କିସମର ଦୁଇ, ତିନି କିମ୍ବା ତତୋଧିକ 'ଏକକ'ରେ ବିଭକ୍ତି କରାଯାଇଥିବାର ଦେଖାଯାଏ । ଆଜି କେତେକ ମାଲକୁ ତରଳ ଜିନିଷ ପାଇଁ ନିର୍ଦ୍ଦିଷ୍ଟ ଓଜନରେ ବିକ୍ରି କରାଯାଉଛି ଓ ତାକୁ ପୁଣି ଅନ୍ୟ ପ୍ରକାର ଓଜନରେ ବି ବିକ୍ରି କରାଯାଉଛି । ପୁଣି ବିଭିନ୍ନ ସ୍ଥାନରେ ପ୍ରତ୍ୟେକର ଏକକଗତ ଓଜନରେ ତାରତମ୍ୟ ରହୁଛି । ଏହାଫଳରେ ସର୍ବସାଧାରଣ ଅନୁଭବ କରୁଛନ୍ତି ଯେ ମାପ ଓ ଓଜନ ସମ୍ପର୍କରେ ବିଭିନ୍ନ କିସମ ବ୍ୟବହାର କରିବା ଉଚିତ ନୁହେଁ । ମନୁଷ୍ୟଜୀବନର ବହୁ କାର୍ଯ୍ୟକଳାପରେ, ଯଥା—ଶିକ୍ଷା, ବିଜ୍ଞାନ, କାରିଗରି, ଶିଳ୍ପ, କ୍ରୟବିକ୍ରୟ ଇତ୍ୟାଦିରେ ମାପ ଓ ଓଜନର ଆବଶ୍ୟକତା ରହୁଛି । ତେଣୁ ଆମ ଦେଶରେ ଯେପରି ଏକପ୍ରକାର ମୁଦ୍ରା ସବୁଆଡ଼େ ଚଳୁଛି, ସେହିପରି ଏକପ୍ରକାର ଓଜନ ଓ ମାପ ପଦ୍ଧତି ସବୁଆଡ଼େ ଚଳାଇବାଦ୍ୱାରା ଅନେକ ଭୁଲଭଟକା ଓ ବିଭ୍ରାଟରୁ ଆମେ ରକ୍ଷା ପାଇପାରିବା ନାହିଁକି ?

## ଉପଯୁକ୍ତ ପଦ୍ଧତି ଅବଲମ୍ବନ

ସବୁଆଡ଼େ ଏକପ୍ରକାର ମାପ ଓ ଓଜନ ପଦ୍ଧତି ଚଳାଇବାର ଆବଶ୍ୟକତା ଥରେ ହୃଦ୍‌ବୋଧ ହେଲେ ତେଣିକି କେଉଁ ପଦ୍ଧତିଟି ସବୁଠାରୁ ବେଶି ଉପଯୋଗୀ, ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ ପଡ଼େ । ଏଥିପାଇଁ ଉତ୍କୃଷ୍ଟ ପଦ୍ଧତି ବାଛିବାବେଳେ ମାପ ଓ ଓଜନର ନିର୍ଦ୍ଦୋଷ ପଦ୍ଧତିସମ୍ପର୍କୀୟ ନିମ୍ନଲିଖିତ ଲକ୍ଷଣଗୁଡ଼ିକୁ ଆଖି ଆଗରେ ରଖିବା ଦରକାର :—

୧ । ଏହା ସରଳ, ସହଜରେ ବୋଧଗମ୍ୟ ଓ ବ୍ୟବହୃତ ହୋଇ ପାରୁଥିବ ।

୨ । ଏହାର ସବୁ ଏକକଗୁଡ଼ିକ ଗୋଟିଏ ମୂଳ ଏକକରୁ ଆସିଥିବା ଉଚିତ । ତାହାହେଲେ ବିଭିନ୍ନ ଏକକଗୁଡ଼ିକ ମିଶି ଗୋଟିଏ ସମ୍ମିଳିତ ପଦ୍ଧତି ହୋଇ ପାରିବ ଓ ସେଗୁଡ଼ିକର ପରସ୍ପର ମଧ୍ୟରେ ସମ୍ପର୍କ ରହି ପାରିବ ।

୩ । ଲମ୍ବ, ଓଜନ ଓ ଧାରକତ୍ୱ, ଏଥିମଧ୍ୟରୁ ଯେ କୌଣସିଟିର ମାପପାଇଁ ବ୍ୟବହୃତ ହେଉ ନା କାହିଁକି ସବୁପ୍ରକାର ଏକକର ଘାତ ଓ ଭଗ୍ନାଂଶଗୁଡ଼ିକ ସରଳ ଓ ଏକା ପ୍ରକାରର ହେବା ଆବଶ୍ୟକ ।

୪ । ଏ ପଦ୍ଧତିଟି ଏପରି ହେବ ଯେପରି କି ଏହା ଜାତୀୟ ବା ଆନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟ ବ୍ୟବସାୟରେ ସହଜରେ କାମରେ ଲଗିପାରିବ ।

ମୋଟଉପରେ ପଦ୍ଧତିଟି ବୈଜ୍ଞାନିକ ପ୍ରଣାଳୀରେ ପରିକଳ୍ପିତ, ଧାରାବାହିକ ଭାବେ ବିଭକ୍ତ ଓ ଆନ୍ତର୍ଜାତିକ ସ୍ତରରେ ବୋଧଗମ୍ୟ ହେବା ବାଞ୍ଛନୀୟ ।

## ଭାରତୀୟ ପଦ୍ଧତିଗୁଡ଼ିକର ପର୍ଯ୍ୟାଲୋଚନା

ଏହି ଉଦ୍ଦେଶ୍ୟରେ ଗୋଟିଏ ପ୍ରକାର ପଦ୍ଧତି ବାଛିବାକୁ ଗଲାବେଳେ ସାଧାରଣତଃ ଆମର ଦେଶୀ ପଦ୍ଧତିଗୁଡ଼ିକ ଉପରେ ଆଖି ପଡ଼ିଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭାରତରେ ଏପରି କୌଣସି ପଦ୍ଧତି ନାହିଁ; ଯାହାକି ଏକୁଟିଆ ଏହି ଆଦର୍ଶ ପଦ୍ଧତିର ଶୂନ୍ୟତା ପୂରଣ କରିପାରିବ । ଆଇନସ୍ୱୀକୃତ ସେର ଓ ପାଉଣ୍ଡକୁ ଆମେ କୌଣସି ଜିନିଷ ଓଜନ କଲାବେଳେ ବ୍ୟବହାର କରୁଥାଉଁ । ସେର ହେଉଛି ଗୋଟିଏ ଦେଶୀ ଓଜନ । ଏହା ଓଜନରେ ୮୦ ତୋଳା ସଙ୍ଗେ ସମାନ । ପ୍ରତ୍ୟେକ ତୋଳା ୧୮୦ ଗ୍ରେନ ଓ ୪୦ ସେରରେ ଏକ ମହଣ ହୁଏ । ସେରକୁ କ୍ରମାଗତ ଅଧା ଅଧା କଲେ ଶେଷରେ ଆମେ ଛଟାଙ୍କି ପାଉଁ । ଛଟାଙ୍କିକ ୧/୧୬ ସେର ବା ୫ ତୋଳା ସଙ୍ଗେ ସମାନ । ଏହାପରେ ଆହୁରି ଅଧାଭାଗ କଲେ ଆମେ ୨½ ତୋଳା ୧¼ ତୋଳା ଇତ୍ୟାଦି ପାଉଁ । ଏଗୁଡ଼ିକୁ ବ୍ୟବହାର କରିବା ବଡ଼ ଅସୁବିଧାଜନକ । ଆଇନରେ ସ୍ୱୀକୃତ ଗଜଟି ୩ ଫୁଟ ବା ୩୬ ଇଞ୍ଚ ସଙ୍ଗେ ସମାନ । ମାଇଲକୁ ୮ ଫର୍ଲଙ୍ଗ ଓ ଫର୍ଲଙ୍ଗକୁ ୨୨୦ ଗଜ । ତରଳ ଜିନିଷର ପରିମାପ ପାଇଁ କେନ୍ଦ୍ର-ନିର୍ଦ୍ଦିଷ୍ଟ କୌଣସି 'ମାପ' ନାହିଁ । ଫଳତଃ ଧାରକତ୍ୱ ମାପିବା

ପାଇଁ ଯେ କୌଣସି ଅଞ୍ଚଳରେ ଲୋକେ ଯେଉଁ 'ମାପ'କୁ ଯେତେବେଳେ ଚଳାଉଛନ୍ତି, ତାହାହିଁ ସେ ସମୟ ପାଇଁ ବିଧିବଦ୍ଧ 'ମାପ' ବୋଲି ସ୍ୱୀକୃତ ହେଉଛି । କ୍ଷେତ୍ରଫଳ ଓ ଘନଫଳ ମାପିବାବେଳେ ମଧ୍ୟ ସେହି ଅବସ୍ଥା ଘଟୁଛି । ଏଥିରୁ ବୁଝାଯାଉଛି ଯେ ଭାରତରେ କୌଣସି ଗୋଟିଏ ମାପ ପଦ୍ଧତି ନାହିଁ, ଯାହାକୁ କି ଜାତୀୟ ପଦ୍ଧତି ରୂପେ ଗ୍ରହଣ କରାଯାଇପାରେ । ୧୮୭୭ ମସିହାରେ ଯେତେବେଳେ ତତ୍କାଳୀନ ସରକାର ଭାରତୀୟ ମାପ ଓ ଓଜନକୁ ଗୋଟିଏ ନିୟମର କରିବାପାଇଁ ଚେଷ୍ଟା କରିଥିଲେ, ସେତେବେଳେ ମଧ୍ୟ ସେମାନେ ଏହିଭଳି ଅସୁବିଧାର ସମ୍ମୁଖୀନ ହୋଇ-ଥିଲେ । ଫଳତଃ ଏଭଳି ଚେଷ୍ଟା ତ୍ୟାଗ କରିବାକୁ ସେମାନେ ବାଧ୍ୟ ହୋଇଥିଲେ । ଏବେ ମଧ୍ୟ ଏହି ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ ।

ବର୍ତ୍ତମାନ ଆମ ଆଗରେ ଦୁଇଟି ପନ୍ଥା ରହିଛି । ପ୍ରଥମତଃ ଯେକୌଣସି ଗୋଟିଏ ଦେଶୀ ପଦ୍ଧତିକୁ ଭିତ୍ତି କରି ଆମ୍ଭେମାନେ ଗୋଟିଏ ନୂଆ ପଦ୍ଧତି ଉଦ୍ଭାବନ କରିପାରୁଁ । ଦ୍ୱିତୀୟତଃ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଚଳିତ କୌଣସି ପଦ୍ଧତିକୁ ଆମ ଦେଶରେ ଚଳାଇପାରୁଁ । ବର୍ତ୍ତମାନ ସାରା ପୃଥିବୀରେ ଶିଳ୍ପ ଓ ବୈଜ୍ଞାନିକ କ୍ଷେତ୍ରରେ ଯେଉଁଭଳି ଅଗ୍ରଗତି ହୋଇଛି, ତା ସହିତ ଖାପ୍ ଖାଇବାଭଳି ଗୋଟିଏ ନୂଆ ପଦ୍ଧତି ଉଦ୍ଭାବନ କରିବା ଏକ ଅସମ୍ଭବ ବ୍ୟାପାର । ତଥାପି ଏହାର ସପକ୍ଷରେ ଯେଉଁ ସବୁ ଯୁକ୍ତି ବଢ଼ାଯାଏ, ତାକୁ ପରୀକ୍ଷା କରି ଦେଖିବା ଉଚିତ । କେତେକ ମତ ଦିଅନ୍ତି ଯେ 'ମସା'କୁ ଓଜନରେ ଏକକ ରୂପେ ଗ୍ରହଣ କରାଯାଉ, ସେରକୁ ୯୬୦ ମସାରୂପେ ନ ଗଣି ୧୦୦୦ ମସା କରାଯାଉ । ତାହାହେଲେ ସେରକ ଦଶମିକ ଆକାରରେ ବିଭକ୍ତ ହୋଇପାରିବ ଓ ଏହାର ବ୍ୟବହାର ସରଳ ହେବ । ଏହା ଫଳରେ ବର୍ତ୍ତମାନ ପ୍ରଚଳିତ ତୋଳା, ଛଟାଙ୍କି, ଅଧପା, ମହଣ ପ୍ରଭୃତି ଆଉ ଚାଲିବ ନାହିଁ । 'ଗଜ'-ମାପ ସମ୍ପର୍କରେ ଏହା ଅପେକ୍ଷା ଆହୁରି ବେଶି ଅସୁବିଧା ଘଟୁଛି । ଯଦି ଏ 'ଗଜ'କୁ ଦଶମିକରେ ବିଭକ୍ତ କରାଯାଏ, ତେବେ ଫୁଟ ଓ ଇଞ୍ଚ ପ୍ରଭୃତି ପୂର୍ବପରି ରହିବ ନାହିଁ । ଯଦ ଏହାକୁ ଦଶମିକ ଆକାରରେ ବିଭକ୍ତ କରାଯା ତେବେ ଆମେ ଯେଉଁ ଗଣ୍ଡଗୋଳ ଦୂର କରିବା ଚାହୁଁଥାଇଁ, ସେହି ଗଣ୍ଡଗୋଳ ସ୍ଥାୟୀ ହୋଇଯିବ ଆହୁରି ଅସୁବିଧାର କଥା ଯେ 'ଗଜ' ମାପଟି ଏ ବିଲାତି 'ଏକକ' ଏବଂ ଆମେ ନିଜ ଇଚ୍ଛାମୁତାବ ଏହାର ବିଭାଗ କରିପାରିବା ନାହିଁ । ତରଳ ଜିନିଷ ଓଜନ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି 'ଏକକ କେନ୍ଦ୍ରର ମଞ୍ଜୁରି ପାଇ ନ ଥିବାରୁ ସେ ଦିଗରେ ଏ ବିରାଟ ଶୂନ୍ୟତା ରହି ଆସିଛି । ତରଳ ଜିନିଷ ଧାରକଗୁଡ଼ିକର ମାପ ପାଇଁ ଯେଉଁସବୁ ପଦ୍ଧତି ବର୍ତ୍ତମା ଚଳୁଛି, ସେଥିମଧ୍ୟରୁ କୌଣସି ଗୋଟିକୁ ଚଳାଇଲେ ପୂର୍ବପରି ଅସୁବିଧା ଘଟିବ । ଏସବୁ ପଦ୍ଧତି ଅସମ୍ପୂ ଓ ସୀମାବଦ୍ଧ । ତେଣୁ ସାରା ଦେଶର ବ୍ୟବହାର ପା ଏଥିରୁ କୌଣସି ପଦ୍ଧତିକୁ ଆମ ସୁବିଧା ମୁତାବ ପରିବର୍ତ୍ତିତ କରାଯାଇପାରେ । ଫଳତଃ ବର୍ତ୍ତମା ପ୍ରଚଳିତ ଆନ୍ତର୍ଜାତିକ ପଦ୍ଧତି ମଧ୍ୟରୁ କୌଣ ଗୋଟିକୁ ଆମକୁ ବାଛିବାକୁ ପଡ଼ିବ । ବର୍ତ୍ତମା ଆନ୍ତର୍ଜାତିକ କ୍ଷେତ୍ରରେ ଏପ୍ରକାର ୨ଟି ପଦ୍ଧ ଚାଲୁଅଛି; ଯଥା - (୧) ଫୁଟ-ପାଉଣ୍ଡ ଓ (୨) ମେଟ୍ରି ପଦ୍ଧତି । ପ୍ରଥମ ପଦ୍ଧତିଟି ବ୍ରିଟେନ, ଯୁକ୍ତରାଷ୍ଟ୍ର କମନ୍‌ୱେଲଥ୍ ରାଜ୍ୟମାନଙ୍କରେ ଚାଲୁଅଛି । ଦ୍ୱିତୀ ପଦ୍ଧତିଟି ପୃଥିବୀର ଆଉ ସବୁ ରାଜ୍ୟରେ ଚାଲୁଅ ଏବଂ ବ୍ରିଟେନ, ଯୁକ୍ତରାଷ୍ଟ୍ର ଓ କମନ୍‌ୱେଲ ଦେଶମାନଙ୍କରେ ଆଇନଦ୍ୱାରା ସ୍ୱୀକୃତ ହୋଇଅଛି ।

## ଫୁଟ-ପାଉଣ୍ଡ ପଦ୍ଧତି

ଏହି ପଦ୍ଧତିର ପ୍ରଧାନ ଏକକଗୁଡ଼ିକ ହେଉ ପାଉଣ୍ଡ, ଗଜ ଓ ଗ୍ୟାଲନ୍ । ଆଭୋର୍ଡୁପଏ ଓଜନ ପାଉଣ୍ଡରେ ୧୬ ଆଉନ୍‌ସ ଓ ୭୦୦୦ ଗ୍ରେନ୍ । ଗ୍ରି

ଓଜନରେ ପାଉଣ୍ଡର ୧୨ ଆଉନ୍ସ ଓ ୫୭୬୦ ଗ୍ରେନ୍ । ଆଭୋର୍ଡୁପସ୍ ଓଜନର ୧୪ ପାଉଣ୍ଡରେ ଏକ ଷ୍ଟୋନ, ୨୮ ପାଉଣ୍ଡରେ ଏକ କ୍ୱାର୍ଟର, ୧୧୨ ପାଉଣ୍ଡରେ ଏକ ହନ୍ଦର ଓ ୨୦ ହନ୍ଦରରେ ଏକ ଟନ ହୁଏ । ଆମେ ପୂର୍ବରୁ 'ଗଜ' ମାପ ବିଷୟ ପରୀକ୍ଷା କରି ଦେଖିଥାଉଁ । ୪ କ୍ୱାର୍ଟ ବା ୮ ପାଇଣ୍ଟ ବା ୩୨ ଗିଲ୍, ୧୬୦ ତରଳ ଆଉନ୍ସ, ୧୨୮୦ ତରଳ ଡ୍ରାମ ବା ୭୬,୮୦୦ ମିନମ୍‌ରେ ଏକ ଗ୍ୟାଲନ୍ ହୁଏ । ଊର୍ଦ୍ଧ୍ୱତନ 'ଏକକ' ମଧ୍ୟରୁ ୨ ଗ୍ୟାଲନରେ ଏକ ପେକ୍ ଏବଂ, ୪ ପେକ୍‌ରେ ଏକ ବୁସେଲ, ୮ ବୁସେଲରେ ଏକ କ୍ୱାର୍ଟର୍ ହୁଏ । ଅବଶ୍ୟ ଏହି କ୍ୱାର୍ଟରର ଓ ଆଭୋର୍ଡୁପସ୍ ଓଜନର କ୍ୱାର୍ଟର୍ ସଙ୍ଗରେ କୌଣସି ସମ୍ପର୍କ ନାହିଁ । ଆମେରିକାରେ ଫୁଟ-ପାଉଣ୍ଡ ପଦ୍ଧତି ଚଳୁଥିଲେ ବି ସେମାନଙ୍କର ସମ୍ପୂର୍ଣ୍ଣ ପୃଥକ୍ ମାପ ବା ବଟକରା ସବୁ ଅଛି । ଉଦାହରଣ ସ୍ୱରୂପ ସେମାନଙ୍କ ଟନ୍‌କ ୨୦୦୦ ପାଉଣ୍ଡ, ହନ୍ଦରକ ୧୦୦ ପାଉଣ୍ଡ ଏବଂ ଗ୍ୟାଲନକ ୧୨୮ ତରଳ ଆଉନ୍ସ ସଙ୍ଗେ ସମାନ । ଯଦିଓ ବ୍ରିଟିଶ ଓ ଆମେରିକାର ଓଜନ ପଦ୍ଧତି ବାହାରୁ ଏକାଭଳି ଜଣାପଡ଼େ, ତଥାପି ସେ ଦୁଇଟି ଯେ ସମ୍ପୂର୍ଣ୍ଣ ପୃଥକ ଏହା ନିଃସନ୍ଦେହରେ କୁହାଯାଇପାରେ । ଏକ 'ପୂର୍ଣ୍ଣାଙ୍ଗ ପଦ୍ଧତି' କହିଲେ ଆମେ ଯାହା ବୁଝୁଁ, ତଦନୁସାରେ ଦେଖାଯାଉଛି ଯେ ଫୁଟ-ପାଉଣ୍ଡ ପଦ୍ଧତି ସରଳ ନୁହେଁ । ଏହାକୁ ବୁଝିବା ଓ ବ୍ୟବହାର କରିବା ବଡ଼ କଷ୍ଟସାଧ୍ୟ ଏବଂ ଏଥିରେ ସହଜରେ ହିସାବ-କିତାବ କରି ହୁଏ ନାହିଁ । ଏହା ଗୋଟିଏ ସମ୍ମିଳିତ ପଦ୍ଧତି ନୁହେଁ, କାରଣ ଏଥିରେ ଚଳୁଥିବା ଗଜ ଓ ପାଉଣ୍ଡ ମଧ୍ୟରେ କୌଣସି ସଂପର୍କ ନାହିଁ । ଯେଉଁ ଭାବରେ ଏହାକୁ ଭାଗ ଭାଗ କରାଯାଇଛି, ତାହା ସର୍ବତ୍ର ଏକାଭଳି ହୋଇ ନ ଥିବାରୁ ସହଜରେ ମନେ ରଖି ହେବ ନାହିଁ । ଏହା ସପକ୍ଷରେ କେବଳ ଗୋଟିଏ ମାତ୍ର ଯୁକ୍ତି କରାଯାଇ ପାରେ ଯେ ଏହା ଆନ୍ତର୍ଜାତିକ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଏକ ଜଣାଶୁଣା ପଦ୍ଧତି ।

## ମେଟ୍ରିକ ପଦ୍ଧତି

ବର୍ତ୍ତମାନ ମେଟ୍ରିକ ପଦ୍ଧତି ବିଷୟ ପରୀକ୍ଷା କରି ଦେଖାଯାଉ । 'ମେଟ୍ରିକ' ଏହି ଶବ୍ଦଟି ଏହି ପଦ୍ଧତିର ମୂଳ ଏକକ 'ମିଟର୍'ରୁ ଆସିଛି ।

କେତେକ ବିଶେଷ ଅବସ୍ଥାରେ ଏକ କିଲୋଗ୍ରାମ ଜଳ ପାଇଁ ଯେତେ ସ୍ଥାନ ଦରକାର, ତାହାହିଁ ଧାରକର (ତରଳ ଜିନିଷର) ମାପ ପାଇଁ ଚଳୁଥିବା 'ଏକକ' । ଏହାକୁ 'ଲିଟର' କୁହାଯାଏ । ଯଦିଓ କିଲୋଗ୍ରାମକୁ ମିଟରଠାରୁ ଅଲଗା ବୋଲି ଧରି ନିଆଯାଇଥାଏ ତଥାପି ଏହା ପ୍ରାୟ ଏକ ଘନ ଡେସିମିଟର (ଏକ ଘନ ମିଟରର ୧/୧୦୦୦) ଜଳର ଓଜନ ସଙ୍ଗେ ସମାନ । ତେଣୁ ଏକ ଲିଟର ଓ ଘନ ଡେସିମିଟର ବାସ୍ତବ ଦୃଷ୍ଟିରୁ ସମାନ । ଏହି ପଦ୍ଧତିରେ ପ୍ରତ୍ୟେକ ଊର୍ଦ୍ଧ୍ୱତନ ଏକକ ତାହାର ଅଧସ୍ତନ ଏକକର ୧୦ ଗୁଣ ।

ଏଥିରେ ପ୍ରତ୍ୟେକ ଦଶମିକ ଓ ଅଂଶର ନାମ ପୂର୍ବରେ ଏକକର ପରିମାଣ ସୂଚାଇବା ଭଳି ଗୋଟିଏ ଶବ୍ଦ ବ୍ୟବହୃତ ହୁଏ । ଏ ପଦ୍ଧତିର ମୂଳ ଏକକ ହେଲା ମିଟର, ଗ୍ରାମ୍ ଓ ଲିଟର । ଭିନ୍ନ ଓଜନ ସୂଚାଇବା ପାଇଁ ଏ ତିନୋଟି ଶବ୍ଦର ବାଁ ପାଖରେ ୬ଟି ଉପପଦ ବ୍ୟବହୃତ ହୁଏ; ଯଥା :—କିଲୋ (୧୦୦୦), ହେକ୍ଟୋ (୧୦୦), ଡେକା (୧୦), ଡେସି (୧/୧୦) ସେଣ୍ଟି (୧/୧୦୦), ମିଲି (୧/୧୦୦୦) । ସମୁଦାୟ ମେଟ୍ରିକ ପଦ୍ଧତିଟି ଏହି କେତେ ମାପ ଉପରେ ପ୍ରତିଷ୍ଠିତ । 'ପୂର୍ଣ୍ଣାଙ୍ଗ ପଦ୍ଧତି' ସମ୍ପର୍କରେ ଆମର ଧାରଣା ଯାହା, ସେ ସବୁ ଏହି ମେଟ୍ରିକ ପଦ୍ଧତିଦ୍ୱାରା ପରିପୂରଣ ହୋଇପାରେ ।

## ଏହାକୁ ବର୍ତ୍ତମାନ କାହିଁକି ଚଳାଇବା ଦରକାର ହେଉଛି

ଏଥିରୁ ଜଣାଯାଉଛି ଯେ ଯଦି ସାରା ଭାରତରେ କୌଣସି ଗୋଟିଏ ପଦ୍ଧତି ଚଳାଇବା ଦରକାର ପଡ଼େ, ତେବେ ଏଥିପାଇଁ ମେଟ୍ରିକ୍ ପଦ୍ଧତି ସବୁଠାରୁ ବେଶୀ

ଉପଯୋଗୀ । ଯଦି ଏହାକୁ ଚଳାଇବାର ସିଦ୍ଧାନ୍ତ କରାଯାଏ, ତେବେ କେଉଁ ସମୟରେ ଏହା ଚଳାଇବା ଠିକ ହେବ ତାହାର ସ୍ଥିର କରାଯାଇପାରେ । ବର୍ତ୍ତମାନ ଯେତେବେଳେ ଅନ୍ୟାନ୍ୟ ଉଦ୍ଦେଶ୍ୟ ପାଇଁ ଆମର ଧନ ଦରକାର, ସେତେବେଳେ ଆମେ ଏହାକୁ ଚଳାଇବା ଉଚିତ ହେବ କି ? ଏହାକୁ ୧୦।୧୫ ବର୍ଷ ପରେ ଚଳାଇଲେ କଣ ଚଳନ୍ତା ନାହିଁ ?—ପ୍ରଶ୍ନ ହୋଇ ପାରେ । ଆମେ ଗୋଟିଏ ପଦ୍ଧତି ଚଳାଇବା ପାଇଁ ଯଦି ଏତେ ଦିନ ଅପେକ୍ଷା କରି ଆସିଲୁଣି, ତେବେ ଆଉ ୧୦।୧୫ ବର୍ଷ ଅପେକ୍ଷା କଲେ କଣ ବା କଉଣସି ଫରକ ହେବ ? ଏହାର ଉତ୍ତର ହେଉଛି ଯେ ଆମ ଦେଶ ବର୍ତ୍ତମାନ ଅବସ୍ଥାରେ ଏପରି ଅପେକ୍ଷା କରିବାଦ୍ୱାରା ଫଳାଫଳରେ ବିଶେଷ ତାରତମ୍ୟ ଘଟିବ ।

ଭାରତ ବର୍ତ୍ତମାନ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା-କ୍ରମେ ଏକ ଶିଳ୍ପ-ବିପ୍ଳବର ସମ୍ମୁଖୀନ ହେବାକୁ ଯାଉଛି । ଶିଳ୍ପକାମର ବୈଷୟିକ ଦିଗ ସହିତ ଓଜନ ଓ ମାପ ପଦ୍ଧତିର ନିବିଡ଼ ସମ୍ପର୍କ ଅଛି । ଦେଶର ଶିଳ୍ପୀକରଣ କେତେ ଦୂର ଆଗେଇ ଗଲେ ଏପରି ପରିବର୍ତ୍ତନ ବଡ଼ ଜଟିଳ ଓ ବ୍ୟୟସାଧ ହୋଇ ପଡ଼ିବ । ଠିକ ଏହି କାରଣରୁ ବ୍ରିଟେନ୍ ଓ ଯୁକ୍ତରାଜ୍ୟ ଭଳି ଶିଳ୍ପୋନ୍ନତ ଦେଶମାନେ ମଧ୍ୟ ନିଜ ଦେଶରେ ଏକମାତ୍ର ଓଜନ ଓ ମାପ ପଦ୍ଧତି ରୂପେ ମେଟ୍ରିକ ପଦ୍ଧତି ଚଳାଇବା କଷ୍ଟକର ମନେ କରୁଛନ୍ତି । ଭାରତର ଶିଳ୍ପୀକରଣ କାର୍ଯ୍ୟ ଆରମ୍ଭ ହୋଇଛି ମାତ୍ର । ଯଦି ଏବକବେଳେ ମେଟ୍ରିକ ପଦ୍ଧତିର ପ୍ରଚଳନ କରି ନ ପାରେ, ତେବେ ଆମେ ସେଇ ପୁରୁଣାକାଳିଆ ପଦ୍ଧତିରେ କାମ ଚଳାଇବାକୁ ବାଧ୍ୟ ହେବା ଓ ତାହା ଫଳରେ ଭବିଷ୍ୟତରେ ଆମେ ବହୁ ଅସୁବିଧାର ସମ୍ମୁଖୀନ ହେବା । ଶେଷରେ ଆମକୁ ଦିନେ ନା ଦିନେ ମେଟ୍ରିକ ପଦ୍ଧତି ଚଳାଇବାକୁହିଁ ହେବ । ଏ ଦିଗରେ ଆମେ ଯେତେ ବେଶି ଡେରି କରିବା, ପଦ୍ଧତି-ପରିବର୍ତ୍ତନ ବେଳେ ଆମକୁ ସେତେ ବେଶି ଉଦ୍ଧଖର୍ଚ୍ଚରେ ପଡ଼ିବାକୁ ହେବ ।

ମେଟ୍ରିକ ସଂସ୍କାର ପାଇଁ ଆମେ ପ୍ରାୟ ୯୦ ବ ଅପେକ୍ଷା କଲୁଣି । ୧୮୭୦ ମସିହାରେ ଏହା ଚଳାଇବା ପାଇଁ ସ୍ଥିର କରାଯାଇଥିଲା ଓ ଏଥିପାଇଁ ଆବଶ୍ୟକ ଆଇନ ପ୍ରସ୍ତୁତ ହୋଇ ସାରିଥିଲା । ଆମକୁ ମନେ ରଖିବାକୁ ହେବ ଯେ ବ୍ରିଟିଶ ସରକାର ଦେଶର ଶାସନଭାର ହାତକୁ ନେବାବେଳେ ଯେ ଦେଶୀ ପଦ୍ଧତି ବା ଫୁଟ-ପାଉଣ୍ଡ ପଦ୍ଧତି ସ୍ଥାନରେ ମେଟ୍ରିକ୍ ପଦ୍ଧତିର ମାପ ଓ ଓଜନ ଚଳାଇବାକୁ ଇଚ୍ଛା କରିଥିଲେ, ତେବେ ତାଙ୍କର ଯେପରି କରିବା ପାଇଁ ନିଶ୍ଚୟ ଯଥେଷ୍ଟ କାରଣ ଥିଲା; କିନ୍ତୁ କେତେକ ବ୍ରିଟିଶ ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ଏହାର ବିରୁଦ୍ଧରେ ଯିବାରୁ ସେତେବେଳେ ଏହି ସଂସ୍କାର କାର୍ଯ୍ୟକା କରାଗଲା ନାହିଁ । ୧୯୪୭ ମସିହାରେ ଯେତେବେଳେ ଭାରତ ସ୍ୱାଧୀନ ହେଲା, ସେତେବେଳେ ଯାଇ ଏହି ସଂସ୍କାର ପ୍ରଶ୍ନର ପୁନରୁତ୍‌ଥାପନ କରାଗଲା । ବର୍ତ୍ତମା ଆମେମାନେ ଏହି ସଂସ୍କାର କରିବାକୁ ଯାଉଥାଇଁ ।

ମୋଟ ଉପରେ ଆମେ ଦେଖୁଛୁଁ ଯେ ବର୍ତ୍ତମାନହିଁ ଉକ୍ତ ପରିବର୍ତ୍ତନ କରାଯିବା ଉଚିତ । ବର୍ତ୍ତମାନହିଁ ଏଥିପାଇଁ ସର୍ବୋତ୍କୃଷ୍ଟ ସମୟ ଏବଂ ଏ ସୁବିଧା ଆମେ ଆଉ ଭବିଷ୍ୟତରେ କେବେହେଲେ ପା ପାରିବା ନାହିଁ ।

## ପରିବର୍ତ୍ତନର କ୍ରମ

ଯଦି ଆମେ ବର୍ତ୍ତମାନ ଉକ୍ତ ପରିବର୍ତ୍ତନ କାର୍ଯ୍ୟକାରୀ କରିବା ପାଇଁ ଠିକ୍ କରୁଁ, ତେବେ ଉକ୍ତ ପରିବର୍ତ୍ତନକୁ ହଠାତ୍ ସରାସର ସ୍ୱୀକାରକରିବା କେତେବର୍ଷ ମଧ୍ୟରେ ଆସ୍ତେ ଆସ୍ତେ କାର୍ଯ୍ୟକାରୀ କରି ଏ ତତ୍ତ୍ୱ ତ ଆମକୁ ସ୍ଥିର କରିବାକୁ ପଡ଼ିବ । ଯଦି

ଦେଖାଯାଉଛି ଯେ ସୁଚାରୁ ପରିବର୍ତ୍ତନ ଅସମ୍ଭବ । ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଇବା ଆବଶ୍ୟକ । କୌଣସି ପ୍ରକାର ବିଭ୍ରାଟ ନ ଘଟାଇ ଏହି ପରିବର୍ତ୍ତନ ଯେପରି କାର୍ଯ୍ୟକାରୀ ହୋଇ ପାରିବ ତାକୁ ଦୃଷ୍ଟି ସମୟର ପରିମାଣ ନିର୍ଦ୍ଦିଷ୍ଟ କରିବାକୁ ହେବ । ଦୈନନ୍ଦିନ କାରବାରରେ ଅପେକ୍ଷାକୃତ ଅଳ୍ପ ସମୟରେ ଏହାକୁ ଚଳାଇ ଦିଆଯାଇପାରେ; କିନ୍ତୁ ବୈଷୟିକ କ୍ଷେତ୍ରରେ ବା ଯନ୍ତ୍ରଶିଳ୍ପ କ୍ଷେତ୍ରରେ ଯେପରି ଏଥିପାଇଁ ଅଯଥା ଖର୍ଚ୍ଚବାହୁଲ୍ୟ ନ ହେବ; କିମ୍ବା ଉତ୍ପାଦନରେ ବାଧା ନ ପଡ଼ିବ, ସେଥି ନିମନ୍ତେ ଏହାର ପୂର୍ଣ୍ଣ ପ୍ରଚଳନ ପାଇଁ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଲାଗି ଯାଇପାରେ । ତେଣୁ ଏହି ପରିବର୍ତ୍ତନ ପୂରାପୂରି କାର୍ଯ୍ୟକାରୀ କରିବା ନିମନ୍ତେ ଭାରତ ସରକାର ୧୦ ବର୍ଷ ସମୟ ଧାର୍ଯ୍ୟ କରିଛନ୍ତି ।

ଉପରେ ଯାହା ସବୁ କୁହାଗଲା ସେଥିରୁ ସଫା ଜଣାଗଲା ଯେ ବର୍ତ୍ତମାନ ପ୍ରଚଳିତ ଓଜନ ଓ ମାପର ପରିବର୍ତ୍ତନ ବାଞ୍ଛନୀୟ ଏବଂ ଏଥିପାଇଁ ମେଟ୍ରିକ୍ ପଦ୍ଧତି ସବୁଠାରୁ ଉପଯୋଗୀ । ଆଉ ମଧ୍ୟ ଏହି ପରିବର୍ତ୍ତନରୁ ଖୁବ୍ କମ୍ ଖର୍ଚ୍ଚରେ ସବୁଠାରୁ ବେଶି ଫାଇଦା ଉଠାଇବା ପାଇଁ ଏହାକୁ ବର୍ତ୍ତମାନ ଚଳାଇ ଆସନ୍ତା ୧୦ ବର୍ଷ ମଧ୍ୟରେ ପୂରାପୂରି କାର୍ଯ୍ୟକାରୀ କରିବା ବାଞ୍ଛନୀୟ ।

## କେତୋଟି ଜାଣିବା କଥା

ଗତ ୧୯୫୪ ମସିହା ଅଗଷ୍ଟ ସେପ୍ଟେମ୍ବର ମାସରେ ଗ୍ରାମ ଓ ସହର ଅଞ୍ଚଳପାଇଁ ଜାତୀୟ ଜଳ ସରବରାହ ଓ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମ ମଞ୍ଜୁର ହୋଇଥିଲା ।

ଏହି ଯୋଜନା ଅନୁସାରେ ସହର ଅଞ୍ଚଳପାଇଁ ୨୫୫ଟି ଏବଂ ଗ୍ରାମାଞ୍ଚଳପାଇଁ ୧୩୩ଟି କାର୍ଯ୍ୟକ୍ରମ ଅନୁମୋଦିତ ହୋଇଥିଲା । ଏ ଗୁଡ଼ିକର କାର୍ଯ୍ୟକାରିତାପାଇଁ କେନ୍ଦ୍ର ରାଜ୍ୟକୁ ଋଣ ଆକାରରେ ୮ କୋଟି ୨୯ ଲକ୍ଷ ୪୬୫ ଟଙ୍କା ଏବଂ ସାହାଯ୍ୟ ଆକାରରେ ୨ କୋଟି ୮୦ ଲକ୍ଷ ୬୭ ଟଙ୍କା ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ଦିଆଯାଇଥିଲା ।

# ସମବାୟ ସମାଜବାଦୀ ରାଷ୍ଟ୍ର

**ଶ୍ରୀ ବୀରକିଶୋର ଦାସ, ବି. ଏ.**

( ସମବାୟ ବିଭାଗ )

ଆଜି ପୃଥିବୀର ପ୍ରାୟ ସମସ୍ତ ରାଷ୍ଟ୍ର ସମବାୟ ଆନ୍ଦୋଳନର ଉପକାରିତା ଉପଲବ୍ଧି କରୁଅଛନ୍ତି; କାରଣ ଏହି ଆନ୍ଦୋଳନ ରାଷ୍ଟ୍ରମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶରେ ଯଥେଷ୍ଟ ସାହାଯ୍ୟ କରୁଅଛି । ଆବାଡ଼ି କଂଗ୍ରେସର ନିର୍ଦ୍ଦେଶମତେ ଯେଉଁ ସମବାୟ ସମାଜବାଦୀ ରାଷ୍ଟ୍ରର ସ୍ୱପ୍ନ ଆମ୍ଭେମାନେ ଦେଖୁଥାଉଁ, ତାହା ମୂଳତଃ ନିମ୍ନଲିଖିତ ଉପାୟରେ ପ୍ରତିଷ୍ଠିତ ହେବ; ବେକାର ସମସ୍ୟା ସମାଧାନ, ଅର୍ଥୋନ୍ନତି, ପରସ୍ପର ସାହାଯ୍ୟ, ଗଣତାନ୍ତ୍ରିକ ନୀତିର ଓ ସିଦ୍ଧାନ୍ତ, ବ୍ୟକ୍ତିତ୍ୱର ବିକାଶ, ସାମାଜିକ ପରିବର୍ତ୍ତନ, ସାମ୍ୟ, ମୈତ୍ରୀ, ନ୍ୟାୟ ଇତ୍ୟାଦି । ଏଥି ନିମିତ୍ତ ହାର୍ଦ୍ଦିକ ସହଯୋଗ ସର୍ବାଦୌ ଦରକାର । ଦର୍ଶ ଏକଶତାବ୍ଦୀ ପୂର୍ବରୁ ମହାମନା 'ରବାର୍ଟ ଓଏନ୍' ଠିକ୍ ଏହିପ୍ରକାର ରାଷ୍ଟ୍ରର ଆଂଶିକ ସ୍ୱପ୍ନ ଦେଖି ଥିଲେ; କିନ୍ତୁ ରାଜନୈତିକ ତଥା ପାରିପାର୍ଶ୍ୱିକ ଦୁର୍ଗତି ତାଙ୍କ ସ୍ୱପ୍ନକୁ ପୂର୍ଣ୍ଣଭାବରେ ବାସ୍ତବ କରି ପାରି ନଥିଲା । ସେ ଯାହା ହେଉ ପଛକେ ଅଧୁନା ଆମ ଭାରତ ଦୃଷ୍ଟିରୁ ଏହି ପ୍ରକାର ରାଷ୍ଟ୍ର ପ୍ରତିଷ୍ଠାପାଇଁ ପ୍ରଥମେ ଏକ ଦୃଢ଼ ଅର୍ଥନୈତିକ ସଂସ୍ଥା ଦରକାର । ଏତଦ୍ଭିନ୍ନ ଏହି ରାଷ୍ଟ୍ରର ମେରୁଦଣ୍ଡରୂପେ କାର୍ଯ୍ୟ କରୁଥିବା ନରନାରୀଙ୍କ ନିକଟରେ ସହଯୋଗର ବାର୍ତ୍ତା ପହଞ୍ଚାଇବାକୁ ହେବ । ଏହି ବାର୍ତ୍ତାର ସାରାଂଶ ହେବ— ସ୍ୱତଃପ୍ରବୃତ୍ତ ସଂଗଠନ, ଗଣତାନ୍ତ୍ରିକ ପରିଚାଳନା, ବ୍ୟକ୍ତିଗତ ଲାଭର ନିରାକରଣ, ଯତ୍ନଶୀଳତା, ସର୍ବ-ସାଧାରଣଙ୍କ ପାଇଁ କର୍ମତତ୍ପରତା ଇତ୍ୟାଦି । ଏହି ରାଷ୍ଟ୍ରର ପ୍ରତିଷ୍ଠା ପୂର୍ବରୁ ଜନସାଧାରଣ ପ୍ରଜାତନ୍ତ୍ର ଶାସନର ମୂଳଭିତ୍ତି ଅବବୋଧ କରିବା ଉଚିତ । ନଚେତ୍ ଆଲୋଚ୍ୟ ରାଷ୍ଟ୍ରଗଠନ ଅଧିକ ଆୟାସ-ସାଧ୍ୟ ହୋଇ ପଡ଼ିବ । ପୁନଶ୍ଚ ଅର୍ଥନୈତିକ ସ୍ୱାଧୀନତାକୁ ରାଜନୈତିକ ସ୍ୱାଧୀନତାର ଅନୁଗାମୀ କରିବାକୁ ପଡ଼ିବ ।

ପ୍ରଥମତଃ ଆମ ଭାରତବର୍ଷ ହେଉଛି ଏକ ଗ୍ରାମ-ବହୁଳ ଦେଶ । ଜୀବିକା ଦୃଷ୍ଟିରୁ କୃଷି ଆମ୍ଭମାନଙ୍କ ନିକଟରେ ସାଧାରଣତଃ ପ୍ରଥମ ସ୍ଥାନ ଅଧିକାର କରିଥାଏ । ଏହି କୃଷି ଜରିଆରେହିଁ ଗ୍ରାମାଞ୍ଚଳରେ ବହୁ ପରିମାଣରେ ଭ୍ରାତୃଭାବ ପ୍ରତିଷ୍ଠା ହୋଇଥାଏ କିନ୍ତୁ ଆଜି ଏହି ଜୀବିକା ପ୍ରତି ଅବମାନନା ତଥା ପାରମ୍ପରିକ ନୀତିର ଅନୁସରଣ କୃଷିକର୍ମକୁ ବ[...] ଅଧିକ ଅସୁବିଧାର ସମ୍ମୁଖୀନ କରାଉଅଛି । ଜାପାନରେ ଭୂମିକମ୍ପଜନିତ ବହୁ ପ୍ରାକୃତିକ ପ୍ରତିବନ୍ଧକ ଥିବା ମଧ୍ୟ ସେ ଦେଶର କୃଷି ଯେତିକି ଶସ୍ୟ ଉତ୍ପାଦନ କରୁଛି ଆମେ ତାର ଏକ-ଚତୁର୍ଥାଂଶ ଉତ୍ପାଦନ କରିବାକୁ ଅକ୍ଷମ ହୋଇ ପଡ଼ୁଅଛୁଁ । ଆମ ଦେଶରେ କୃଷି ଉପରେ ଆନୁମାନିକ ଶତକଡ଼ା ୮୫ ଜଣ ନିର୍ଭର କରିଥାନ୍ତି । ତେଣୁ ପ୍ରଥମେ ଏହି ଅବହେଳିତ କୃଷିର ଉନ୍ନତି କରିବାକୁ ପଡ଼ିବ । ଭୂସଂସ୍କାରକୁ ଏହି ଉନ୍ନତିର ପ୍ରଥମ ସୋପାନ ରୂପେ ଗ୍ରହଣ କରିବାକୁ ପଡ଼ିବ । ତେଣୁ ସମବାୟ ଗ୍ରାମ ପରିଚାଳନା ଦୃଷ୍ଟିରୁ ଗ୍ରାମ୍ୟ ଜମି ଉପରେ ସାଧାରଣତଃ କୃଷୀମାନେ ମାଲିକ ହେବେ । ଭୂସଂସ୍କାର ସଙ୍ଗେ ସଙ୍ଗେ କୃଷୀମାନଙ୍କ ହାତକୁ ବେଶି ଜମି ଆସିବ ଓ ଜମିମାଲିକାନାରେ ଥିବା ତାରତମ୍ୟ ହ୍ରାସ ପାଇବ । ମୋଟ ଉପରେ ସମବାୟ ସାହାଯ୍ୟରେ ଜମି ଓ ଅନ୍ୟାନ୍ୟ ଉଭୟର ବିକାଶ କରି ଜମି

ସାଧାରଣଙ୍କର ଉନ୍ନତ ଦୃଷ୍ଟିରୁ କର୍ମସଂସ୍ଥାନର ବ୍ୟବସ୍ଥା କରିବାକୁ ପଡ଼ିବ । ଯେ ପର୍ଯ୍ୟନ୍ତ ଜମି ଖଣ୍ଡ ଖଣ୍ଡ ହୋଇ ବିକ୍ଷିପ୍ତ ଆକାରରେ ରହିଛି, ସେ ପର୍ଯ୍ୟନ୍ତ କୃଷିର ଉନ୍ନତ ତଥା କର୍ମସଂସ୍ଥାନର ବ୍ୟବସ୍ଥା ଅସମ୍ଭବ । ତେଣୁ ପ୍ରତ୍ୟେକ ଚାଷୀ ନିଜ ଜମିକୁ ଅଲଗା ଅଲଗା ଚାଷ କଲେ ମଧ୍ୟ ଏକ ପରିଚାଳନା ଅଧୀନରେ ରଖିବା ଉଚିତ । ଏହାଦ୍ୱାରା କୃଷକସଂପ୍ରଦାୟ ମଧ୍ୟରେ ସହଯୋଗ ଅଣାଯାଇ ପାରିବ ଓ ମୃତ୍ତିକା ସଂରକ୍ଷଣ, ଜଳସେଚନ, ବସ୍ତୁ ବିକ୍ରୟ ତଥା ସ୍ଥାୟୀ ସଙ୍ଗଠନ-ମୂଳକ କାର୍ଯ୍ୟାବଳୀରେ ସମବାୟ ପନ୍ଥା ଅବଲମ୍ବନ କରାଯାଇ ପାରିବ । ଋଣ ଦେବା ଆଉ ମହାଜନର କାର୍ଯ୍ୟ ହୋଇ ରହିବ ନାହିଁ । ସମବାୟ ସମିତିହିଁ ଏହି ଭାର ଗ୍ରହଣ କରିବ ।

ବିଶେଷତଃ ଶିଳ୍ପର ଉନ୍ନତି ଅନୁଧ୍ୟାନଯୋଗ୍ୟ । ଆମ ଦେଶର ଆର୍ଥନୀତିକ ମାନ ବଢ଼ାଇବାକୁ ହେଲେ କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପର ଉନ୍ନତି ସାଧନ କରିବାକୁ ହେବ । କାରଣ ଏହି ଶିଳ୍ପ ପଲ୍ଲୀଅର୍ଥନୀତିର ହେଉଛି ଏକ ଅବିଚ୍ଛେଦ୍ୟ ଅଂଶ ସ୍ୱରୂପ । ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ ହେବାର ବ୍ୟବସ୍ଥା ଥିଲା; କିନ୍ତୁ କାର୍ଭେ କମିଟି ଦ୍ୱିତୀୟ ଯୋଜନା କାଳ ମଧ୍ୟରେ ୨୬୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ସୁପାରିଶ କରିଅଛନ୍ତି । ଏହାଦ୍ୱାରା ୪୨ ନିୟୁତ ବେକାରଙ୍କ ପାଇଁ କର୍ମ ସଂସ୍ଥାନ ହୋଇ ପାରିବ ବୋଲି କମିଟି ମଧ୍ୟ ଆଶା ପ୍ରକାଶ କରିଅଛନ୍ତି । ପୁନଶ୍ଚ କମିଟିର ପ୍ରସ୍ତାବ ମୂଳତଃ ତିନୋଟି ଲକ୍ଷ୍ୟ ଉପରେ ପ୍ରତିଷ୍ଠିତ ହୋଇଅଛି । ସେ ଗୁଡ଼ିକ ହେଉଛି, ପରମ୍ପରାଗତ ଗ୍ରାମ୍ୟ ଶିଳ୍ପରେ ନିଯୁକ୍ତଥିବା ବେକାର ସମସ୍ୟାର ଦୂରୀକରଣ, ବିକେନ୍ଦ୍ରୀକୃତ ସମାଜଗଠନ ଓ ଦ୍ରୁତଗତିରେ ଅର୍ଥନୈତିକ ଉନ୍ନୟନ ପାଇଁ ଭିତ୍ତି-ସ୍ଥାପନ, ତଦନୁ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ ଜରିଆରେ ଅଧିକ କର୍ମସଂସ୍ଥାନର ବ୍ୟାପକ ବ୍ୟବସ୍ଥା । ଏତଦ୍‌ଭିନ୍ନ କୁଟୀର ଶିଳ୍ପ ବୋର୍ଡ, ନିଖିଳ ଭାରତ ହସ୍ତଶିଳ୍ପ ବୋର୍ଡ, ନିଖିଳ ଭାରତ ତନ୍ତଶିଳ୍ପ ବୋର୍ଡ, ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ, ରେଶମ ଶିଳ୍ପ ବୋର୍ଡ ଇତ୍ୟାଦି ବହୁ ବୋର୍ଡ ଗଠିତ ହୋଇଅଛି । ଏହି ସମସ୍ତ ବୋର୍ଡ ସମବାୟ ସଂଗଠନ ଜରିଆରେ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପର ପ୍ରଗତି-ଶୀଳ ସଂପ୍ରସାରଣ କାମନା କରୁଅଛନ୍ତି । ରିଜର୍ଭ ବ୍ୟାଙ୍କ ମଧ୍ୟ କୁଟୀର ଓ କ୍ଷୁଦ୍ର ଶିଳ୍ପ ପାଇଁ ସମବାୟ ସମିତି ଜରିଆରେ ସ୍ୱଳ୍ପ-ମିଆଦି ଓ ମଧ୍ୟମ-ମିଆଦି ଋଣ ସାହାଯ୍ୟ ଦେଉଅଛନ୍ତି । ପୁନଶ୍ଚ ସକଳଶିଳ୍ପର ଉତ୍ପାଦନ କ୍ଷେତ୍ରରେ ମଧ୍ୟ ସୀମା ନିର୍ଦ୍ଧାରଣ କରାଯାଇଅଛି । ଏହା ଦ୍ୱାରା କ୍ଷୁଦ୍ର ପ୍ରତିଷ୍ଠାନଗୁଡ଼ିକ ପରୋକ୍ଷରେ ସାହାଯ୍ୟ ପାଇ ପାରୁଅଛନ୍ତି । ଏତଦ୍‌ବ୍ୟତୀତ କ୍ଷୁଦ୍ର ଶିଳ୍ପ ଜରିଆରେ ସମବାୟ ଆନ୍ଦୋଳନର ଅଭିବୃଦ୍ଧି ପାଇଁ ହାତତନ୍ତ ବୋର୍ଡ ବୁଣାକାରମାନଙ୍କୁ ମୂଳଧନ ଓ କାର୍ଯ୍ୟକାରୀ ମୂଳଧନ ସାହାଯ୍ୟ ଦେଉଅଛନ୍ତି । ବୁଣାକାରୀ ସମବାୟ ସଂଗଠନଗୁଡ଼ିକୁ ଉଚିତ ଦରରେ ସରବରାହ କରି କଞ୍ଚାମାଲ ଯୋଗାଣ, ବୈଷୟିକ ପରାମର୍ଶଦାନ, ଋଣ ବ୍ୟବସ୍ଥା, ବାଣିଜ୍ୟ କେନ୍ଦ୍ର ଉନ୍ମୋଚନ ମଧ୍ୟ କରାଯାଉଅଛି । ଚମଡ଼ା, ବାଉଁଶ କାଠ, ମାଟି, ପଥର, ଶିଙ୍ଗ ଓ ଧାତବ ଶିଳ୍ପ ଇତ୍ୟାଦିରେ ମଧ୍ୟବର୍ତ୍ତୀ ବେପାରୀମାନଙ୍କର ପ୍ରଭାବ କମାଇ ଦେବାଲାଗି ପ୍ରାଥମିକ ସମିତିମାନଙ୍କର ବ୍ୟବସ୍ଥା କରାଯାଉଅଛି । ଯୋଗାଣ ଓ ବିକ୍ରିବଟା ସମବାୟ ସମିତି ତିଆରି କୌଶଳ ଇତ୍ୟାଦିରେ ମଧ୍ୟ ପ୍ରାଥମିକ ସମିତିଗୁଡ଼ିକୁ ସାହାଯ୍ୟ କରୁଅଛନ୍ତି । ସରକାରୀ ବିଭାଗ ତରଫରୁ ସମିତିର ସଭ୍ୟମାନଙ୍କୁ ନାନା ବିଷୟରେ ବୈଷୟିକ ତାଲିମ ମଧ୍ୟ ଦିଆହେଉ ଅଛି । ତେଣୁ ଶିଳ୍ପୀ ସଂପ୍ରଦାୟ ଆଜି ଦାରିଦ୍ର୍ୟକୁ ପଛରେ ପକାଇ ବାପୁଜୀଙ୍କ କଳ୍ପିତ ଭାରତର ମୁକ୍ତିକୁ କୁଟୀର ଶିଳ୍ପ ଦ୍ୱାରାହିଁ ଉପଭୋଗ କରିବାକୁ ଅଗ୍ରସର ହେଉଅଛନ୍ତି ।

ତତ୍ପରେ ଆମ ଦେଶରେ ଗୃହନିର୍ମାଣ ଏକ ବିକଟ ସମସ୍ୟା । ବିଶେଷତଃ ଆଦିବାସୀ, ତଫସିଲଭୁକ୍ତ

ଜାତି ଓ ଅନୁନ୍ନତ ସଂପ୍ରଦାୟ ଯେଉଁଭଳି ଗୃହରେ ବାସ କରନ୍ତି, ତାହା ପୂର୍ଣ୍ଣମାତ୍ରାରେ ଅସ୍ୱାସ୍ଥ୍ୟକର । ତେଣୁ 'ଗୃହ ନିର୍ମାଣ ସମବାୟ ସମିତି' ଗଠନ କରି ଆଦର୍ଶ ଗୃହ ନିର୍ମାଣ କରିବା ଉଚିତ । ପୁନଶ୍ଚ ସମବାୟ ଖାଉଟି ଭଣ୍ଡାର ଗଠନ କରିବାଦ୍ୱାରା ଅଳ୍ପ ଦରରେ ଖାଣ୍ଟି ଖାଦ୍ୟ ସାମଗ୍ରୀ ପାଇବା ସଙ୍ଗେ ସଙ୍ଗେ ସମିତିର ସଭ୍ୟମାନେ ଲାଭବାନ ହେଉଅଛନ୍ତି । ଏତଦ୍ୱାରା ବେପାରୀମାନଙ୍କର ଦାଉ କ୍ରମେ କ୍ରମେ ହ୍ରାସ ପାଉଛି । ଶ୍ରମିକ ସମବାୟ ସମିତି ଗଠନ କରାଯାଇ ଶ୍ରମିକମାନଙ୍କୁ ମଜୁରି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଅଛି । ମରୁଡ଼ିକବଳରୁ ଫସଲ ରକ୍ଷା କରିବାପାଇଁ ଜଳସେଚନ ସମିତିମାନେ ମଧ୍ୟ ସାହାଯ୍ୟ କରୁଅଛନ୍ତି । ପୁଷ୍ଟିକର ଖାଦ୍ୟ ଅଭାବରୁ ଆମ୍ଭେମାନେ ସାଧାରଣତଃ ଦୁର୍ବଳ । ପ୍ରତ୍ୟେକ ବ୍ୟକ୍ତି ଦୈନିକ ୧୫ ଆଉନସ ଦୁଗ୍ଧପାନ କରିବା ଉଚିତ ବୋଲି ପୁଷ୍ଟିବିଶାରଦମାନେ ସୁପାରିଶ କରିଅଛନ୍ତି; କିନ୍ତୁ ଅଭାବ ଯୋଗୁଁ ଆମ୍ଭେମାନେ ତାର ଏକ-ତୃତୀୟାଂଶ ପାନ କରିବାକୁ ମଧ୍ୟ ପାଇ ନ ଥାଉ । ଏହି ଅଭାବର ଦୂରୀକରଣ ପାଇଁ ଦୁଗ୍ଧ ଯୋଗାଣ ସମିତିମାନଙ୍କର ବ୍ୟବସ୍ଥା ହେଉଅଛି । ଆଦିବାସୀମାନଙ୍କ ମଧ୍ୟରେ ସୁସ୍ଥ ବାତାବରଣ ସୃଷ୍ଟି କରିବାପାଇଁ ଓ ଜନସାଧାରଣଙ୍କର ସ୍ୱାସ୍ଥ୍ୟରକ୍ଷା ପାଇଁ ଯଥାକ୍ରମେ ଆଦିବାସୀ ସମବାୟ ସମିତି ଓ ସ୍ୱାସ୍ଥ୍ୟରକ୍ଷା ସମିତିମାନ ଖୋ ଯାଉଅଛି । ଏତଦ୍ଭିନ୍ନ ସମବାୟ ସମିତି ଜରିଆ କୁକୁଡ଼ାଚାଷ, ମାଛଚାଷ, ମହୁଚାଷ ମଧ୍ୟ ସମ୍ଭବ ହେଉଅଛି । ପୁସ୍ତକ ପ୍ରକାଶ ନିମିତ୍ତ ପ୍ରେସ ଯାତାୟାତ ନିମିତ୍ତ ଯାନବାହନ ମଧ୍ୟ ସମବାୟ ସମି ଦ୍ୱାରା ପରିଚାଳିତ ହେଉଅଛି । ନାରୀ ଜାତିର ଉନ୍ନ କଳ୍ପେ ନାରୀ କଲ୍ୟାଣ ସମିତିମାନ ଅଶେଷ କଲ୍ୟା ସାଧନ କରୁଅଛନ୍ତି । ଅତଏବ ଆଜି ପ୍ରତ୍ୟେ କ୍ଷେତ୍ରରେ ସମବାୟ ଆନ୍ଦୋଳନର ଅଗ୍ରଗତି ଅନୁଧ୍ୟା ଯୋଗ୍ୟ ।

ଶେଷତଃ ଏହି ଆନ୍ଦୋଳନ ତା'ର ଶିକ୍ଷା ଆମ କଳ୍ପିତ ରାଷ୍ଟ୍ରଗଠନପାଇଁ ସାମ୍ୟ, ମୈ ନୈତିକତା, ସ୍ୱାବଲମ୍ବନଶୀଳତା, ସାଧୁ ସେବାମନୋବୃତ୍ତି, ସଂଚୟଶୀଳତା, ଏକତା ଇତ୍ୟା ପ୍ରତିଷ୍ଠା କରିବାରେ ସଫଳକାମ ହୋଇ ପାରୁଅଛି । ସମବାୟ ହେଉଛି ଏକ ଗଣ-ଆନ୍ଦୋଳନ । ଦେ ସୌଦ୍ୟବଦ୍ଧ ଜୀବନ ପାଇଁ ଉଦାସୀନତା, ଧର୍ମାନ୍ଧତା ରାଜନୈତିକ ବିଭ୍ରାନ୍ତିଭାବ ଭୁଲି ଯଦି ସମସ୍ତେ କର ତ୍ୟାଗପୂତ ମନୋବୃତ୍ତି ନେଇ ସଚେଷ୍ଟ ହୁଅ ତାହାହେଲେ ଆମର କଳ୍ପିତ ସମାଜବାଦ ନିଶ୍ଚୟ ଅଚିରେ ସମ୍ଭବପର ହୋଇପାରନ୍ତା ।



ପାରଦ୍ୱୀପଠାରେ ଯନ୍ତ୍ରଯୁକ୍ତ ବୋଟ୍‌ରେ ମାଛମରାର ଦୃଶ୍ୟ



ପାରାଦ୍ୱୀପଠାରେ ଯନ୍ତ୍ରଯୁକ୍ତ ବୋଟରେ ମାଛମରାର ଅନ୍ୟ ଗୋଟିଏ ଦୃଶ୍ୟ



କେନ୍ଦୁଝର ଜିଲାରେ
ବି. ସି. ଜି. ଟିକା ଅଭିଯାନ



ଜାତୀୟ ସ୍ୱାସ୍ଥ୍ୟ ଯୋଜନା ସପ୍ତାହରେ ଅନୁଷ୍ଠିତ ଗୋଟିଏ
ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ
ଅଭିଭାଷଣ ଦେଉଅଛନ୍ତି



କୋରାପୁଟ ଜିଲ୍ଲାରେ ୟସ୍ ରୋଗର ପ୍ରତିଷେଧ ଓ ଚିକିତ୍ସାର ବ୍ୟବସ୍ଥା



କୋରାପୁଟ ଜିଲ୍ଲାରେ ୟସ୍-ପ୍ରତିଷେଧ ଓ ଚିକିତ୍ସା ଅଭିଯାନ



ରଣପୁର ହାସପାତାଳର ଯକ୍ଷ୍ମା-ରୋଗୀ ବ୍ଲକ
ଉଦ୍ଘାଟନ ସଂକ୍ରାନ୍ତ ସାଧାରଣ ସଭାରେ ଅଧ୍ୟକ୍ଷା
ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀମତୀ ବସନ୍ତ ମଞ୍ଜରୀ ଦେବୀ



ରଣପୁର ହାସପାତାଳରେ ସ୍ୱାସ୍ଥ୍ୟମନ୍ତ୍ରୀ
ଶ୍ରୀମତୀ ବସନ୍ତ-ମଞ୍ଜରୀ ଦେବୀଙ୍କ ଦ୍ୱାରା
ନବନିର୍ମିତ ଯକ୍ଷ୍ମାରୋଗୀ ବ୍ଲକ ଉଦ୍ଘାଟନ

# ଆମ ରାଜ୍ୟ

## ୧୯୫୭-୫୮ରେ ରାଉରକେଲା ଇସ୍ପାତ୍ କାରଖାନାର କାର୍ଯ୍ୟର ଅଗ୍ରଗତି

୧୯୫୭ ମସିହା ପ୍ରାରମ୍ଭରେ ରାଉରକେଲା ଇସ୍ପାତ କାରଖାନା ପାଇଁ କୋକ୍ ଓଭେନ୍ ପ୍ଲାଣ୍ଟ ଯୋଗାଇବା ନିମିତ୍ତ ଜର୍ମାନୀର ଡକ୍ଟର ସି. ଅଟୋ କମ୍ପାନୀ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ଯୋଗାଇବା ନିମିତ୍ତ ଜି. ଏଚ୍. ଏଚ୍. ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ନିକଟରେ ବରାଦ ଦିଆଯାଇଥିଲା । ୧୯୫୭ ମସିହା ଶେଷବେଳକୁ ପଶ୍ଚିମ ଜର୍ମାନୀର ୨୦ଟିରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନଙ୍କ ପାଖରେ ଇସ୍ପାତ୍ ତରଳାଇବା କାରଖାନା ଓ ରୋଲିଂ ମିଲ୍ ପାଇଁ ବରାଦ ଦିଆଯାଇଥିଲା । ତାହା ପରଠାରୁ କୋକ୍ ଓଭେନ୍, ଗ୍ୟାସ ହୋଲଡର୍ ପ୍ରଭୃତି ଛୋଟ ଛୋଟ କାରଖାନା ସ୍ଥାପନ ପାଇଁ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇପାରିଛି ।

କାରଖାନା ପାଇଁ ବିରାଟ ଓ ଜଟିଳ ନିର୍ମାଣ କାର୍ଯ୍ୟ କରିବାକୁ ପଡୁଛି । ଏଥିପାଇଁ ଆବଶ୍ୟକୀୟ ସମ୍ବଳ ଓ ଅଭିଜ୍ଞତା ଥିବା ଠିକାଦାର ମିଳିବାରେ କେତେକ ଅସୁବିଧା ହେଉଥିଲା । ଆହୁରି ମଧ୍ୟ କେତେକ ଯନ୍ତ୍ରପାତି ଯୋଗାଇବା ଓ ସ୍ଥାପନ କରିବାରେ ବିଳମ୍ବ ଘଟିଥିଲା । ଏଣୁ ପ୍ରଥମେ ଯେଉଁ ତାରିଖରେ କାମ ଆରମ୍ଭ ହେବା ପାଇଁ ସ୍ଥିର ହୋଇଥିଲା, ସେ ତାରିଖରେ ଆରମ୍ଭ ହୋଇ ପାରିବ ନାହିଁ ବୋଲି ଜଣାପଡୁଥିଲା । ପ୍ରଥମ ବ୍ଲାଷ୍ଟ୍ ଫର୍ଣ୍ଣେସରେ ଯେପରି କାମ ଆରମ୍ଭ ହୁଏ, ତାହାର ବ୍ୟବସ୍ଥା କରିବାପାଇଁ ଗୋଟିଏ ପ୍ରତିନିଧିଦଳ ଜର୍ମାନୀ ଯାଇ ସେଠାରେ ଠିକାଦାର ଓ ପରାମର୍ଶଦାତାମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । କାରଖାନାର ଅନ୍ୟାନ୍ୟ ବିଭାଗରେ, ବିଶେଷ କରି ରୋଲିଂ ମିଲସ୍‌ରେ କେତେକ ଅସୁବିଧା ଉପୁଜିବ ବୋଲି ମନେ ହେଉଥିଲା ଓ ଏଠାରେ କାମ ୩ ମାସରୁ ୬ ମାସ ପର୍ଯ୍ୟନ୍ତ ବିଳମ୍ବରେ ଆରମ୍ଭ ହେବ ବୋଲି ମନେ କରାଯାଉଥିଲା । ବର୍ତ୍ତମାନ ଦେଖାଯାଉଛି ଯେ କେତେକ ସ୍ଥଳରେ କାର୍ଯ୍ୟ ଆରମ୍ଭ ହେଉ ହେଉ ଆହୁରି ବିଳମ୍ବ ହୋଇଯିବ । ଏପରି ହେବାର ଅନେକ କାରଣ ଅଛି । କାର୍ଯ୍ୟ-ନିର୍ଘଣ୍ଟ ସମ୍ପର୍କରେ ଅଧିକ ସାବଧାନତାସହକାରେ ଅନୁଧ୍ୟାନ କରିବା ଓ କାମରେ ଯେପରି ଅଧିକ ବିଳମ୍ବ ନ ଘଟେ ତହିଁର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଦଳ କରାଯିବା ଆବଶ୍ୟକ, ସେ ବିଷୟରେ ପରାମର୍ଶ ଦେବାପାଇଁ କେତେକ ବଡ଼ ବଡ଼ ବିଶେଷଜ୍ଞମାନଙ୍କୁ ଏଠାକୁ ପଠାଇବା ପାଇଁ ଜର୍ମାନୀର ପରାମର୍ଶଦାତା ଓ ଠିକାଦାର-ମାନଙ୍କୁ ଅନୁରୋଧ କରାଯାଇଛି ।

ଇସ୍ପାତ କାରଖାନାକୁ ସଦାସର୍ବଦା ପାଣି ଯୋଗାଇବା ଉଦ୍ଦେଶ୍ୟରେ ଶଙ୍ଖ ନଦୀ ଉପରେ ବନ୍ଧ ନିର୍ମାଣ ଚାଲିଛି । ପ୍ରଧାନ କାରଖାନା ପାଇଁ ଯେଉଁ ପାଣି ଦରକାର, ତାହା ଯୋଗାଇ ଦେବାପାଇଁ ଯନ୍ତ୍ରପାତି ଖଞ୍ଜିବାର ବ୍ୟବସ୍ଥା ହେଉଛି ।

ସହରରେ ୧୫୨୧ଟି ଘର ତିଆରି ହୋଇ ସାରିଲାଣି ଓ ୨୧୮୩ଟି ଘର ତିଆରି ହେଉଛି । ପ୍ରାୟ

୩୨,୦୦୦ ଏକର ଜମି ମଧ୍ୟରୁ ୧୮,୦୦୦ ଏକର ଜମି ଆବାଦ୍‌ଯୋଗ୍ୟ ହୋଇ ସାରିଲାଣି ।

୧୯୫୮ ଜାନୁଆରୀ ମାସ ଶେଷ ବେଳକୁ କାରଖାନା ଅଧୀନରେ ୨୦୨ ଜଣ ଟେକ୍‌ନିକାଲ ଅଫିସର୍, ୫୨ ଜଣ ନନ୍‌-ଟେକ୍‌ନିକାଲ ଅଫିସର୍, ୧୫୦୨ ଜଣ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ କରୁଥିଲେ । ଏହାଛଡ଼ା ୫୪୧୮ ଜଣ ୱାର୍କ ଚାର୍ଜଡ଼ କର୍ମଚାରୀ ଓ ୧୧୪୦୪ ଜଣ ଶ୍ରମିକ ( ଠିକାଦାରଙ୍କ ଅଧୀନରେ ) କାମ କରୁଥିଲେ ।

---

## ତ୍ରିକୋଣଭୂମି ଜଳସେଚନ ଯୋଜନା

ଗତ ବର୍ଷ ତ୍ରିକୋଣଭୂମି ଜଳସେଚନ ଯୋଜନା ଦ୍ୱାରା କଟକ ଜିଲ୍ଲାରେ ୨୨ ମାଇଲ ଓ ପୁରୀ ଜିଲ୍ଲାରେ ୨୦ ମାଇଲ କେନାଲ ଖୋଳା ହୋଇଅଛି । ଠିକାଦାରମାନଙ୍କଦ୍ୱାରା କଟକ ଜିଲ୍ଲାରେ ୧୨୦୦୦ ଓ ପୁରୀ ଜିଲ୍ଲାରେ ୮୦୦୦ ଲୋକ ଏହି କାମରେ ନିଯୁକ୍ତ ଥିଲେ । ମଜୁରିଆମାନଙ୍କର ହାରାହାରି ଦୈନିକ ଆୟ ଟ ୧୲ରୁ ଟ ୨୲ । ସ୍ଥାନୀୟ ପ୍ରାୟ ସମସ୍ତ ମଜୁରିଆ ଏହି କାମରେ ନିଯୁକ୍ତ ଥିଲେ ।

---

## ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଜଳସେଚନ ଯୋଜନା

ଓଡ଼ିଶାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ପ୍ରସ୍ତାବିତ ୧୦ଟି ମଧ୍ୟମ ଧରଣର ଜଳସେଚନ ଯୋଜନାରୁ କେବଳ ସାଲ୍‌କି ଜଳସେଚନ ଯୋଜନା ପାଇଁ କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିସନଙ୍କଠାରୁ ସୁପାରିଶ ମିଳିଅଛି । ଅଳ୍ପ ଖର୍ଚ୍ଚରେ ଯେପରି କେନାଲ ରାସ୍ତା ଖୋଳାଯାଇ ପାରିବ ଓ ବନ୍ଧର ନକ୍‌ସା ହୋଇ ପାରିବ, ସେଥିପାଇଁ ବିଶେଷ ଅନୁସନ୍ଧାନ ଚାଲିଅଛି ।

କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିଶନର ବିଶେଷଜ୍ଞ-ମାନଙ୍କର ଅନୁମୋଦନ ମିଳିବ ବୋଲି ଆଶା କରି ସାଲ୍‌କି ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ସରକାରୀ ଜମି ଥିବା ସ୍ଥାନମାନଙ୍କରେ କେନାଲ ଖୋଳା ଚାଲିଅଛି । ଜଳଭଣ୍ଡାର ପାଇଁ ସ୍ଥାନ ଅନୁସନ୍ଧାନ, ବନ୍ଧର ମୂଳଦୁଆ କାମ, ଜମି ହାତକୁ ନେବା କାମ, ଯୋଜନା ସ୍ଥାନକୁ ରାସ୍ତା ତିଆରି କାମ ଏବଂ ଯୋଜନାରେ କାମ କରୁଥିବା କର୍ମଚାରୀମାନଙ୍କର ବାସଗୃହ ନିର୍ମାଣକାର୍ଯ୍ୟ ଆଗେଇ ଚାଲିଅଛି । କେବଳ ଉପରୋକ୍ତ ଏହି ଦୁଇଟି ଯୋଜନା ବ୍ୟତୀତ ଅନ୍ୟ ଯୋଜନାଗୁଡ଼ିକ ପାଇଁ ବିଶଦ ଅନୁସନ୍ଧାନ ହେଉଅଛି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ପ୍ରସ୍ତାବିତ ତ୍ରିକୋଣଭୂମି ଜଳସେଚନ ବ୍ୟବସ୍ଥାକୁ ସରକାର ହାତକୁ ନେଲେଣି । ପୁରୀ ମୂଳ କେନାଲର ତୃତୀୟ ପର୍ଯ୍ୟାୟର ଶତକଡ଼ା ୯୦ ଭାଗ ମାଟିକାମ ସରିଲାଣି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର କାମ ମଧ୍ୟ ଆଗେଇ ଚାଲିଅଛି ।

---

## ୧୯୫୬-୫୭ରେ ଓଡ଼ିଶାରେ ଧୂଆଁପତ୍ର ଚାଷ

୧୯୫୬-୫୭ ମସିହାରେ ଓଡ଼ିଶାରେ ୧୧୦୦୦ ଏକର ଜମିରେ ଧୂଆଁପତ୍ର ଚାଷ ହୋଇଅଛି । ପୂର୍ବ ବର୍ଷ ମଧ୍ୟ ଏତିକି ଏକର ଜମିରେ ଚାଷ ହୋଇଥିଲା । ଶତକଡ଼ା ୫୩ ଭାଗ ଫସଲ ଉତ୍ପାଦନ ହେବ ବୋଲି ଅନୁମାନ କରାଯାଇଥିବା ସ୍ଥଳେ ପୂର୍ବ ବର୍ଷ ଶତକଡ଼ା ୫୨ ଭାଗ ଫସଲ ଉତ୍ପାଦନ ହୋଇଥିଲା । ମୋଟ ଆମଦାନୀ ୨୨୬୨ ଟନ୍ ହେବ ବୋଲି ଅନୁମାନ କରାଯାଉଛି । ପୂର୍ବ ବର୍ଷ ମଧ୍ୟ ୨୨୬୨ ଟନ୍ ଆମଦାନୀ ହୋଇଥିଲା ।

କେବଳ ବୌଦ୍ଧ ଜିଲ୍ଲା ଛଡ଼ା ସାରା ରାଜ୍ୟରେ ଫସଲ ପାଇଁ ପାଗ ଅନୁକୂଳ ଥିଲା । ହାରାହାରି ଫସଲ ଭଲ ହୋଇଛି ବୋଲି ସମ୍ବାଦ ମିଳିଛି ।

---

## ଗତ ଜାନୁଆରୀ ମାସରେ ଓଡ଼ିଶା ପୋଲିସମାନଙ୍କର କାର୍ଯ୍ୟକଳାପ

ବିଷାକ୍ତ ଖାଦ୍ୟ ଖାଇ ପୀଡ଼ିତ ହୋଇଥିବା ୯ ଜଣ ଲୋକଙ୍କୁ ତାଲଚେର ପୋଲିସ ଚିକିତ୍ସା କରି ସେମାନଙ୍କ ପ୍ରାଣ ରକ୍ଷା କରିଥିଲେ । ମୟୂରଭଞ୍ଜରେ ପୋଲିସ ବିଭିନ୍ନ ସ୍ଥାନରେ ଆକସ୍ମିକ ଭାବରେ ଘରପୋଡ଼ିରେ ବିପନ୍ନ ହୋଇଥିବା ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିଥିଲେ । ବଲାଙ୍ଗୀରରେ ଜଣଙ୍କୁ ପାଗଳା କୁକୁର କାମୁଡ଼ି ଥିଲା ଓ ସେଠାର ଇନସପେକ୍ଟର ଶ୍ରୀ ଏନ୍. କେ. ଦାସ ତାହାର ଚିକିତ୍ସାର ବ୍ୟବସ୍ଥା କରିଥିଲେ । ବଲାଙ୍ଗୀର-ପାଟଣାର ପୋଲିସ ଅଫିସର ଓ କର୍ମଚାରୀ-ମାନେ ଗୋଟିଏ ଆନନ୍ଦ ବଜାର ମେଳା ଅନୁଷ୍ଠିତ କରିଥିଲେ । ତା ୨୩।୧।୫୮ରେ ନରସିଂହପୁର ରେଲ-ଷ୍ଟେସନରେ ଗୋଟିଏ ଗୁରୁତର ରେଲ-ଦୁର୍ଘଟଣାର ସମ୍ବାଦ ପାଇ ଗଞ୍ଜାମ ଜିଲ୍ଲାର ପୋଲିସ କର୍ମଚାରୀମାନେ ସଙ୍ଗେ ସଙ୍ଗେ ଆସି ଆହତ ଲୋକମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିଥିଲେ ।

ସୁନ୍ଦରଗଡ଼ ଓ ପୁରୀ ପୋଲିସ ଅନେକ ବିଦେଶଗତ ଅପରାଧୀ ଓ ଫେରାର୍ ହୋଇଥିବା ଲୋକମାନଙ୍କୁ ଗିରଫ କରିଥିଲେ ।

ଓଡ଼ିଶା ଫାୟାର ବ୍ରିଗେଡ଼ ୭୬ଟି ଅଗ୍ନିକାଣ୍ଡର ସମ୍ବାଦ ପାଇଥିଲେ ଓ ଟ ୨,୮୦,୫୦୦୯ ମୂଲ୍ୟର ସମ୍ପତ୍ତି ରକ୍ଷା କରିଥିଲେ ।

---

## ଓଡ଼ିଶା ଭବନ

ନୂଆ ଦିଲ୍ଲୀଠାରେ ଓଡ଼ିଶା ଭବନ ନିର୍ମାଣରେ ଟ ୮୩,୮୧୭୯ ଖର୍ଚ୍ଚ ହୋଇଛି । ଏ ଘର ୧୯୫୭ ଅପ୍ରେଲ ମାସରେ ତିଆରି ସରିଲା ଓ ଏଠାରେ ବିଦ୍ୟୁତ୍ ଆଲୋକ ପ୍ରଭୃତି ଖଞ୍ଜା ଯାଇ ସେ ବର୍ଷ ଡିସେମ୍ବର ମାସରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା ।

---

## ହୀରାକୁଦ ବନ୍ଧ ଯୋଜନା

୧୯୫୮ ଫେବୃଆରୀ ୭ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ୧୩୨ କେ.ଭି. ଶକ୍ତିବିଶିଷ୍ଟ ଚୌଦ୍ୱାର ସବ୍‌ଷ୍ଟେସନ ଉଦ୍‌ଘାଟନ କଲେ । ଏହି ସବ୍‌ଷ୍ଟେସନ ଜରିଆରେ ହୀରାକୁଦରୁ ବିଦ୍ୟୁତ୍ ଶକ୍ତି ଓଡ଼ିଶାର ଉପକୂଳବର୍ତ୍ତୀ ଅନେକ ସହର ଓ ଗ୍ରାମକୁ ଏବଂ କଟକ ଓ ତାହାର ଆଖପାଖରେ ଥିବା କଳକାରଖାନାମାନଙ୍କୁ ଯୋଗାଇ ଦିଆଯାଉଛି ।

ଫେବୃଆରୀ ୧୭ ତାରିଖରେ ଡକ୍ଟର ମହତାବଙ୍କ ସଭାପତିତ୍ୱରେ ହୀରାକୁଦ କଣ୍ଟ୍ରୋଲ ବୋର୍ଡର ୨୦ଶ ସମ୍ମେଳନ ଅନୁଷ୍ଠିତ ହୋଇଥିଲା ।

ଦେଶର ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟକ ଛାତ୍ର ଓ କୃଷକ ହୀରାକୁଦ ବନ୍ଧ ଦେଖିବାକୁ ଆସୁଛନ୍ତି । ଚୀନ ଦେଶର ୪ ଜଣ ଇଞ୍ଜିନିୟର ତା ୪ । ୨ । ୫୮ ରେ ହୀରାକୁଦ ପରିଦର୍ଶନ କରିଥିଲେ ।

୧୯୫୮ ଫେବୃଆରୀ ମାସରେ ହୀରାକୁଦ ବନ୍ଧ ଯୋଜନାର କାର୍ଯ୍ୟ ସନ୍ତୋଷଜନକ ଭାବରେ ଚାଲିଥିଲା ।

ପ୍ରଥମ ପର୍ଯ୍ୟାୟ :—

୩ୟ ଓ ୪ର୍ଥ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ଭଲଭାବରେ ଚାଲୁଥିଲା । ୧ ନମ୍ବର ସେଟ୍ ବସା ସରିଲାଣି । ଅନ୍ୟାନ୍ୟ ବିଦ୍ୟୁତ୍ ସଞ୍ଚାଳନ ପଥ ତିଆରି ହେଉଛି । କେନାଲଗୁଡ଼ିକର ଶାଖା ତିଆରି ହେଉଛି ।

ଦ୍ୱିତୀୟ ପର୍ଯ୍ୟାୟ :—

ହୀରାକୁଦଠାରୁ ଚିପ୍‌ଲିମା ଯାଏ ବିଦ୍ୟୁତ୍‌ବାହୀ କେନାଲ ଖୋଳା ହେଉଛି ଏବଂ ଚିପ୍‌ଲିମା ପାୱାର ହାଉସ୍‌ର ମୂଳଦୁଆ ଖୋଳା ହେଉଛି । ୧୯୫୮ ଫେବୃଆରୀ ମାସ ଶେଷ ସୁଦ୍ଧା ବିଦ୍ୟୁତ୍‌ବାହୀ ନାଳର ୧୭୬୯ ଲକ୍ଷ ଘନଫୁଟ ମାଟି ଖୋଳା ହୋଇଛି ।

କେନାଲ :—

ଏ ମାସରେ ପ୍ରଧାନ କେନାଲ ଓ ଶାଖାମାନଙ୍କରେ ୨୩,୧୧,୦୦୦ ଘନଫୁଟ ଓ ଡିଷ୍ଟ୍ରିବ୍ୟୁଟାରୀମାନଙ୍କରେ

୮୭,୯୩,୦୦୦ ଘନଫୁଟ ମାଟି ଖୋଳା ହୋଇଛି । ଏ ସବୁଥିରେ କାମ ବହୁତ ଆଗେଇଗଲାଣି ।

ପକ୍କା କାମ :—

ପ୍ରଧାନ କେନାଲ୍ ଓ ଶାଖାମାନଙ୍କରେ ୨୦୨ ଟି ଓ ଡିଷ୍ଟ୍ରିବ୍ୟୁଟାରୀ ଏବଂ ଛୋଟ ଛୋଟ କେନାଲ-ମାନଙ୍କରେ ୨୫୯ଟି ପକ୍କା କାମ ହୋଇଛି । ବର୍ତ୍ତିତ ମାସରେ ପ୍ରଧାନ କେନାଲ୍ ଓ ଶାଖାମାନଙ୍କରେ ୧୩ଟି ଓ ଡିଷ୍ଟ୍ରିବ୍ୟୁଟାରୀ ଏବଂ ଛୋଟ କେନାଲମାନଙ୍କରେ ୧୯୫ଟି ପକ୍କା କାମ ହୋଇଥିବ ।

ଜଳପଥ :—

ଫେବୃଆରୀ ମାସ ଶେଷ ସୁଦ୍ଧା ୩,୫୦,୩୭୫ ଏକର ଜଳପଥ ସମ୍ବନ୍ଧରେ ଅନୁସନ୍ଧାନ ଚାଲିଥିଲା । ୨୧୯,୩୨୮ ଏକର ଜଳପଥ ସମ୍ବନ୍ଧରେ ସର୍ଭେ, ଷ୍ଟ୍ରା ଷ୍ଟେଟ୍ କରିବା ଓ ଖର୍ଚ୍ଚ ଅଟକଳ କରିବା ଓ ୨୨୨,୧୯୦ ଏକର ଜଳପଥ ନିର୍ମାଣ କରିବା କାର୍ଯ୍ୟ ଶେଷ ହୋଇଛି ।

## ଓଡ଼ିଶାରେ ସମୁଦ୍ରରୁ ମାଛଧରା

ଭାରତ ସରକାରଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାର ଯନ୍ତ୍ରଚାଳିତ ନୌକାଦ୍ୱାରା ସମୁଦ୍ରରୁ ପରୀକ୍ଷାମୂଳକ ଭାବରେ ମାଛ ଧରିବା ବ୍ୟବସ୍ଥା କରିଛନ୍ତି । ଗତ ଜାନୁଆରୀ ମାସରେ ପ୍ରଥମେ ପାରାଦୀପ ବନ୍ଦରରୁ ସମୁଦ୍ର ଭିତରକୁ ୧୦ ମାଇଲଠାରୁ ୨୫ ମାଇଲ ପର୍ଯ୍ୟନ୍ତ ଯାଇ ଯଥେଷ୍ଟ ପରିମାଣରେ ମାଛ ଧରାହୋଇଥିଲା । ଥରକେ ୩୦୦ ପାଉଣ୍ଡରୁ ୨,୧୮୩ ପାଉଣ୍ଡ ପର୍ଯ୍ୟନ୍ତ ମାଛ ଜାଲରେ ଧରା ହୋଇଥିଲା । ଆଉ କି କି ଉପାୟରେ ମାଛ ଧରା ହୋଇପାରିବ, ତାହା ପରୀକ୍ଷା କରି ଦେଖାଯାଉଛି । ମାଛ ବିକ୍ରି କରିବାର ସୁବ୍ୟବସ୍ଥା ହୋଇପାରିଲେ ବର୍ଷେ ଦୁଇବର୍ଷ ମଧ୍ୟରେ ପାରାଦୀପ ବନ୍ଦରରୁ ଯନ୍ତ୍ର-ଚାଳିତ ନୌକାଯୋଗେ ବହୁପରିମାଣରେ ମାଛ ଧରାହୋଇ ପାରିବ ବୋଲି ଆଶା କରାଯାଏ । ସମୁ[ଦ୍ର] କୂଳେ କୂଳେ ୯୦ ମାଇଲପରିମିତ ସ୍ଥାନରେ ଅଗ[...] ମାଛ ମରାହେଉ ନାହିଁ । ଏ ଅଞ୍ଚଳରୁ ଯନ୍ତ୍ରଚାଳିତ ନୌକାଦ୍ୱାରା ମାଛ ଧରାଯାଇ ପାରିବ ।

ବର୍ତ୍ତମାନ ୨ଟି ନୌକାରେ ମାଛ ଧରାଯାଉଛି ଆଉ ଗୋଟିଏ ନୌକାରେ ମଧ୍ୟ ଦରକାର ବେଳେ କାମରେ ଲାଗିବାପାଇଁ ରଖାଯାଇଛି ।

## ଓଡ଼ିଶା ରାଜ୍ୟ ଶସ୍ୟାଗାର କର୍ପୋରେଶନ

ଓଡ଼ିଶା ସରକାର 'ରାଜ୍ୟ ଶସ୍ୟାଗା[ର] କର୍ପୋରେଶନ' ନାମରେ ଗୋଟିଏ କର୍ପୋରେଶ[ନ] ଗଠନ କରିଛନ୍ତି ଓ ଏହାର ସଦର ମହକୁମ[ା] ଭୁବନେଶ୍ୱରଠାରେ ଅବସ୍ଥିତ ।

## ଓଡ଼ିଶାର ଚାରବାଟିଆ ଶରଣାର୍ଥୀ ଶିବିର

ଲୋକସଭାରେ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଏ[କ] ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପୁନର୍ବସତି ଓ ସଂଖ୍ୟା[ଲଘୁ] ମନ୍ତ୍ରୀ ଶ୍ରୀ ମେହେରଚାନ୍ଦ ଖାନ୍ନା ଏକ ଉତ୍ତ[ର] ଦେଇଛନ୍ତି ଯେ ଓଡ଼ିଶା ସରକାର ଚାରବାଟିଆ ଶିବିରରୁ ପ୍ରାୟ ୨୫୦ଟି ଶରଣାର୍ଥୀ ପରିବାରଙ୍କୁ ସ୍ଥାୟୀ ବସତି କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ନିମନ୍ତେ ସ୍ଥି[ର] କରିଥିଲେ । ଶରଣାର୍ଥୀମାନଙ୍କୁ ଏ ସଂପର୍କରେ ଅଗ୍ରି[ମ] ଜଣାଇ ଦିଆଯାଇଥିଲା । ସ୍ଥାୟୀ ବସତି କେନ୍ଦ୍ରକୁ ଯିବାକୁ ନାରାଜ ହେଲେ ଡୋଲ୍ ବନ୍ଦ କରି ଦିଆଯିବ ବୋଲି ମଧ୍ୟ ଜଣାଇ ଦିଆଯାଇଥିଲା । ମାତ୍ର ୮୯ଟି ପରିବାର ସ୍ଥାୟୀ ବସତି କେନ୍ଦ୍ରକୁ ନ ଯାଇ ଶିବି[ର] ବଙ୍ଗକୁ ଫେରିଯିବା ପାଇଁ ଜିଦ୍ ଧରିଥିଲେ ।

ଗତ ମାର୍ଚ୍ଚ ୩୧ ତାରିଖ ଅପରାହ୍ଣରେ ଚାରବାଟିଆ ଶିବିରର କେତେକ ଶରଣାର୍ଥୀ କ୍ୟାମ୍ପ କମାଣ୍ଡାଣ୍ଟଙ୍କ ଅଫିସ ଘେରିଗଲେ । ଶରଣାର୍ଥୀମାନଙ୍କୁ ବହୁ[ତ] ବୁଝାଇବା ପରେ କୌଣସି ଫଳ ନ ହେବାରୁ

ଶରଣାର୍ଥୀମାନଙ୍କର ଏପ୍ରକାର କାର୍ଯ୍ୟ ବେଆଇନ୍ ଘୋଷିତ ହେଲା । ବାରମ୍ବାର ସତର୍କ କରାଇ ଦେବା ପରେ ପ୍ରାୟ ଛଅ ଘଣ୍ଟା କାଳ ସେସବୁ ଘରରେ ରହିଥିବା କ୍ୟାମ୍ପ କମାଣ୍ଡାଣ୍ଟ ଏବଂ ତାଙ୍କ କର୍ମଚାରୀମାନଙ୍କୁ ମୁକ୍ତ କରିବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା । ଏହି ସମୟରେ ଶରଣାର୍ଥୀମାନଙ୍କ ପକ୍ଷରୁ ଇଟା ପ୍ରଭୃତି ପକାଯିବାରୁ କେତେକ କନଷ୍ଟେବଲ୍ ଆହତ ହୋଇଥିଲେ । ତେଣୁ ଜନତାକୁ ଘଉଡ଼ାଇ ଦେବା ପାଇଁ ମୃଦୁ ଲାଠି ଚାଳନା କରାଯାଇଥିଲା ।

ଚୁରବାଟିଆ ଶିବିର ୧୯୫୬ ମଇ ୨ ତାରିଖରେ ଆରମ୍ଭ ହୋଇଥିଲା । ୧୯୫୮ ମାର୍ଚ୍ଚ ପହିଲାରେ ଏହି ଶିବିରରେ ୭୭୦ଟି ବାସଚ୍ୟୁତ ପରିବାର ବାସ କରୁଥିଲେ । ବିଭିନ୍ନ ସମୟରେ ଭାରତ ସରକାରଙ୍କ ଅଫିସରମାନେ ଚୁରବାଟିଆ ଶରଣାର୍ଥୀ ଶିବିର ପରିଦର୍ଶନ କରିଛନ୍ତି । ୧୯୫୭ ନଭେମ୍ବର ମାସରେ କେନ୍ଦ୍ର ପୁନର୍ବସତି ମନ୍ତ୍ରୀ ଏହି ଶିବିର ପରିଦର୍ଶନ କରିଥିଲେ ଏବଂ ସେଠାକାର ଅବସ୍ଥା ସନ୍ତୋଷଜନକ ଥିବାର ଦେଖିଥିଲେ ।

---

## ଦେଶରେ ଧାତ୍ରୀ ତାଲିମ ବ୍ୟବସ୍ଥା : ଓଡ଼ିଶାରେ ୧୯୯ ଜଣ ବର୍ତ୍ତମାନ ତାଲିମ ପାଉଛନ୍ତି

ଲୋକସଭାରେ ଶ୍ରୀ ଆର୍. ସି. ମାଝି ଓ ଅନ୍ୟ ଦୁଇଜଣ ସଭ୍ୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଜଣାଇଥିଲେ ଯେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ଧାତ୍ରୀମାନଙ୍କୁ ତାଲିମ ଦେବାର ଏକ ପରିକଳ୍ପନା ରହିଛି ।

କେନ୍ଦ୍ର ସାହାଯ୍ୟ ବଳରେ ବର୍ତ୍ତମାନ କେଉଁ ରାଜ୍ୟରେ କେତେ ଧାତ୍ରୀ ତାଲିମ ପାଉଛନ୍ତି ବା ପାଇ ସାରିଲେଣି, ସେ ତାର ଏକ ତାଲିକା ଦାଖଲ କରିଥିଲେ । ସେଇ ତାଲିକାରୁ ଜଣାଯାଏ ଯେ ବର୍ତ୍ତମାନ ଓଡ଼ିଶାରେ ୧୯୯ ଜଣ ତାଲିମ ପାଉଛନ୍ତି ।

---

## ସମ୍ବଲପୁର—ଟିଟିଲାଗଡ଼ ରେଳପଥ ପାଇଁ ଅନୁସନ୍ଧାନ ମଞ୍ଜୁର ହେଲା

ଦକ୍ଷିଣ-ପୂର୍ବ ରେଳବାଇ ଅନ୍ତର୍ଗତ ସମ୍ବଲପୁର-ଠାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ପାଇଁ ପ୍ରାଥମିକ ଇଂଜିନିୟରିଂ ଅନୁସନ୍ଧାନ, ଚୂଡ଼ାନ୍ତ ସ୍ଥାନ ନିରୂପଣ ଓ ଚଳାଚଳ ସମୀକ୍ଷାର କାର୍ଯ୍ୟକ୍ରମ ରେଲବାଇ ବୋର୍ଡ଼ ମଞ୍ଜୁର କରିଛନ୍ତି । ସମ୍ବଲପୁର-ଠାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ନୂତନ ବ୍ରଡ଼ଗେଜ୍ ରେଳପଥର ଦୈର୍ଘ୍ୟ ହେବ ୧୧୦ ମାଇଲ ।

ଦକ୍ଷିଣ-ପୂର୍ବ ରେଳବାଇ ପରିଯୋଜନା ସଂସ୍ଥାଦ୍ୱାରା ଏହି ଅନୁସନ୍ଧାନ କାର୍ଯ୍ୟ କରାଯିବ ।

---

## ଭାରତରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ବ୍ୟବସ୍ଥା : ଓଡ଼ିଶାର ଶିମୁଳିପାଳରେ ଜାତୀୟ ଉଦ୍ୟାନ ସ୍ଥାପନ

ଲୋକସଭାରେ ଶ୍ରୀ ପି. କେ. ଦେଓଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଦ୍ୟ ଓ କୃଷି ମନ୍ତ୍ରୀ ଶ୍ରୀ ଅଜିତ ପ୍ରସାଦ ଜୈନ ଜଣାଇଥିଲେ ଯେ ଭାରତରେ ବନ୍ୟ-ପ୍ରାଣୀଙ୍କ ସୁରକ୍ଷା ପାଇଁ ୬୮ଟି ଜାତୀୟ ଉଦ୍ୟାନ ଓ ପଶୁଶାଳା ସ୍ଥାପିତ ହୋଇଛି । ବିଭିନ୍ନ ରାଜ୍ୟରେ ଥିବା ଏହି ଜାତୀୟ ଉଦ୍ୟାନ ଓ ପଶୁଶାଳାମାନଙ୍କର ତାଲିକା ମଧ୍ୟ ଶ୍ରୀ ଜୈନ ପ୍ରକାଶ କରିଥିଲେ ।

ସର୍ଦ୍ଦାର ଇକବାଲ୍ ସିଂହଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୈନ ଜଣାଇଲେ ଯେ, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଦେଶରେ କେତୋଟି ଜାତୀୟ ଉଦ୍ୟାନ ଓ ପଶୁଶାଳା ସ୍ଥାପନ କରାଯାଇଛି ।

ଓଡ଼ିଶାର ଶିମ୍ଳିପାଳ ଜାତୀୟ ଉଦ୍ୟାନ ଏହାର ଅନ୍ତର୍ଗତ ।

ଶ୍ରୀ ଜୈନ ଆହୁରି ମଧ୍ୟ ଜଣାଇଲେ ଯେ ଜାତୀୟ ଉଦ୍ୟାନ ପଶୁଶାଳା ଓ ଚଢ଼େଇଖାନା ସ୍ଥାପନ କାର୍ଯ୍ୟକ୍ରମ ସମେତ ବନ୍ୟ ପ୍ରାଣୀମାନଙ୍କ ସଂରକ୍ଷଣ ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୧୩୫ ଲକ୍ଷ ଟଙ୍କାର ବରାଦ ହୋଇଛି ।

---

## ଓଡ଼ିଶାକୁ ଇସ୍ପାତ୍ ଯୋଗାଣ ପରିସ୍ଥିତି

ଓଡ଼ିଶା ପାଇଁ ବରାଦ ହୋଇଥିବା ଇସ୍ପାତ୍ ସମ୍ପର୍କରେ ଶ୍ରୀ ସାମନ୍ତସିଂହାରଙ୍କର ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଇସ୍ପାତ, ଖଣି ଓ ଇନ୍ଧନ ମନ୍ତ୍ରୀ ସର୍ଦ୍ଦାର ସ୍ୱରଣ ସିଂହ ଲୋକସଭାରେ ଜଣାଇଛନ୍ତି ଯେ ୧୯୫୮-୫୯ରେ କଞ୍ଚାଲୁହା ଯୋଗାଣ ପରିସ୍ଥିତି ଏବଂ ୧୯୬୦ ମସିହା ନୂଆ ଲୁହା ବେଲା ଯୋଗାଣ ପରିସ୍ଥିତି ସହଜ ହୋଇଯିବ ବୋଲି ଆଶା କରାଯାଉଛି । ଟାଟା ଲୁହା ଓ ଇସ୍ପାତ୍ କାରଖାନା ଏବଂ ଭାରତୀୟ ଲୁହା ଓ ଇସ୍ପାତ୍ କାରଖାନାର ସମ୍ପ୍ରସାରଣ ଏବଂ ସରକାରୀ ଉଦ୍ୟୋଗରେ ଗଠିତ ଇସ୍ପାତ୍ କାରଖାନାଗୁଡ଼ିକରେ ଉତ୍ପାଦନ ବଢ଼ିଚାଲିବା ଫଳରେ ଏହା ସମ୍ଭବ ହେବ ।

ବୈଦେଶିକ ମୁଦ୍ରା ପରିସ୍ଥିତିକୁ ଦୃଷ୍ଟି ଦେଶରେ ଉତ୍ପାଦନ ବଢ଼ାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଦେଶୀ ଯୋଗାଣ ପରିସ୍ଥିତିରେ ପରିପୂରକ ଭାବେ ଇସ୍ପାତ୍ ଆମଦାନୀ ପାଇଁ ପ୍ରସ୍ତାବ କରାଯାଇଛି ବୋଲି ସେ କହିଥିଲେ ।

୧୯୫୬-୫୭ର ପ୍ରତି ତିନି ମାସରେ ଓଡ଼ିଶାକୁ କେତେ ଲେଖାଏଁ ଲୁହା ଓ ଇସ୍ପାତ୍ ବରାଦ ହୋଇଥିଲା ଏବଂ ସେଥିରୁ ପ୍ରକୃତରେ କେତେ ଲେଖାଏଁ ଯୋଗାଇ ଦିଆଯାଇଥିଲା ବୋଲି ପଚାରିବାରୁ ସର୍ଦ୍ଦାର ସ୍ୱରଣ ସିଂହ କହିଲେ ଯେ ତିନିମାସିଆ ବରାଦ ନ ହୋଇ ୧୯୫୬-୫୭ ବର୍ଷକ ପାଇଁ ଓଡ଼ିଶାର ଖାଉଟିମାନ ଲାଗି ୨୮,୮୪୦ ଟନ୍ ଇସ୍ପାତ୍ ବରାଦ ହୋଇଥି ସେଥିମଧ୍ୟରୁ ୧୨,୫୭୭ ଟନ୍ ପଠାଯାଇଛି ।

---

## ମନ୍ଦିର୍ ବନ୍ଧଯୋଜନା

୧୯୫୮ ମସିହା ଫେବ୍ରୁଆରୀ ମାସରେ ମନ୍ଦିରା ବ ଯୋଜନା କାର୍ଯ୍ୟ ସନ୍ତୋଷଜନକ ଭାବରେ ଆଗେଇଛି ଜଳଭଣ୍ଡାର ସମ୍ପର୍କରେ ସର୍ଭେ ଶେଷ ହୋଇଛି ବୁଡ଼ି ଅଞ୍ଚଳ ଲୋକଙ୍କର ସମ୍ପତ୍ତିର ମୂଲ୍ୟ ନିରୂପ କରାଯାଇଛି । ଏହାପରେ ମନ୍ଦିରା ଯୋଜନା ପୁନର୍ବସତି ବିଭାଗକୁ ଫେବ୍ରୁଆରୀ ୨୮ ତାରିଖରେ ହ କରି ଦିଆଯାଇଛି । ଫେବ୍ରୁଆରୀ ମାସ ପ୍ରଥମାର୍ଦ୍ଧ ମାଟିବନ୍ଧ ତିଆରି ଓ ସ୍ପିଲ୍‌ୱେ ତିଆରି କାମ ଭ ଭାବରେ ଚାଲିଥିଲା; କିନ୍ତୁ ମାସର ଶେଷାର୍ଦ୍ଧରେ ଅସ୍ୱା ଭାବେ ପ୍ରବଳ ବୃଷ୍ଟିପାତ ଯୋଗୁ କାମ ଧୀମେ ଯାଇଥିଲା । ମାସର ଶେଷ ସପ୍ତାହରେ ଅବବାହି ଅଞ୍ଚଳରେ ଘୋର ବର୍ଷା ହୋଇ ନଦୀରେ ବନ ହୋଇଥିଲା । ବନ୍ୟାଜଳକୁ ନିଷ୍କାସିତ କରିବାପା ଗୋଟିଏ ସ୍ଥାନରେ ଘାଇ କଟାଯାଇଥିଲା । ଘାଇକୁ ବନ୍ଦ କରିବା ବ୍ୟବସ୍ଥା ହୋଇଥିଲା ।

ମାଟିବନ୍ଧ:—

ଏ ମାସରେ ମାଟିବନ୍ଧପାଇଁ ୧,୭୦,୪୮୦ ଘନଫୁ ମାଟିକାମ ହୋଇଛି । ଏପର୍ଯ୍ୟନ୍ତ ମୋଟରେ ୯୩,୭୪,୮୬୦ ଘନଫୁଟ ମାଟିକାମ ହୋଇଛି ।

ସ୍ପିଲ୍‌ୱେ:—

ଏ ମାସରେ ସ୍ପିଲ୍‌ୱେରେ ୧୮,୭୮,୫୦୦ ଘନଫୁ ମାଟି ଖୋଳାଯାଇଛି । ସ୍ପିଲ୍‌ୱେ ପାଇଁ ଏ ପର୍ଯ୍ୟ ମୋଟରେ ୧୭,୮୦,୧୧୦୬ ଘନଫୁଟ ମାଟିକା ହୋଇଛି । ସ୍ପିଲ୍‌ୱେ ପାଇଁ ଅନ୍ୟାନ୍ୟ କାମସ ହେଉଛି ।

ରେଗୁଲେଟର:—

ରେଗୁଲେଟର ଓ ଫଲ୍ ଓଆଲ୍ କାମ ପ୍ରାୟ ଶେଷ ହେଲାଣି । ନଈକୁ ଫେବୃଆରି ମାସ ଅଧା ବେଳକୁ ରେଗୁଲେଟର ବାଟେ ଅଣାଯାଇଥିବ । ଗମୁଜ ତିଆରି କାମ ମଧ୍ୟ ଚାଲିଛି ।

ବୁଡ଼ି ଅଞ୍ଚଳର ଲୋକଙ୍କୁ କ୍ଷତିପୂରଣ ଦେବା କାମ ଚାଲିଛି ଓ ସେମାନଙ୍କ ପୁନର୍ବସତି ସକାଶେ ଅନୁସନ୍ଧାନ କାମ ଶେଷ ହେଲାଣି ।

ଶଙ୍ଖ ନଦୀରେ କେତେ ପରିମାଣରେ ପାଣି ବହି ଯାଉଛି, ତାହା ମଧ୍ୟ ଲକ୍ଷ କରାଯାଉଛି ।

## ଓଡ଼ିଶାରେ
## ୧୩ଟି ସମବାୟ କୃଷିକ୍ଷେତ୍ର ସ୍ଥାପନ

ଜାତୀୟ ଉନ୍ନୟନ କାଉନ୍‌ସିଲର ସ୍ଥାୟୀ କମିଟି ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ଭାରତରେ ୩୦୦୦ଟି ପରୀକ୍ଷାମୂଳକ ସମବାୟ କୃଷିକ୍ଷେତ୍ର ସ୍ଥାପନର ସୁପାରିଶ କରିଛନ୍ତି ବୋଲି ଏବେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରକ୍ରମେ ଖାଦ୍ୟ ଓ କୃଷିମନ୍ତ୍ରୀ ଶ୍ରୀ ଏ. ପି. ଜୈନ ଜଣାଇଛନ୍ତି । ସେ କହିଲେ ଯେ ୧୯୫୮-୫୯ ମସିହା ପାଇଁ ୫୩୦ଟି ପରୀକ୍ଷାମୂଳକ ସମବାୟ କୃଷି-କ୍ଷେତ୍ର ସ୍ଥାପନର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି । ଏଥିମଧ୍ୟରୁ ଓଡ଼ିଶା ରାଜ୍ୟରେ ୧୩ଟି କୃଷିକ୍ଷେତ୍ର ସ୍ଥାପନ କରାଯିବ । ଏହାଛଡ଼ା ଆନ୍ଧ୍ର ପ୍ରଦେଶରେ ୭ଟି, କେରଳରେ ୧୦ଟି, ମାନ୍ଦ୍ରାଜରେ ୧୫ଟି ମଧ୍ୟପ୍ରଦେଶରେ ୧୦୦ଟି, ଉତ୍ତର ପ୍ରଦେଶରେ ୨୦ଟି, ବମ୍ବେରେ ୨୫ଟି, ମହୀଶୂରରେ ୧୦୦ଟି, ପଞ୍ଜାବରେ ୭୦ଟି, ରାଜସ୍ଥାନରେ ୪ଟି; ଦିଲ୍ଲୀ ଓ ହିମାଚଳ ପ୍ରଦେଶରେ ଗୋଟିଏ ଲେଖାଏଁ, ଆସାମରେ ୨୦ଟି, ବିହାରରେ ୬୦ଟି, ପଶ୍ଚିମବଙ୍ଗରେ ୭୫ଟି ଏବଂ ତ୍ରିପୁରାରେ ୧୦ଟି ପରୀକ୍ଷାମୂଳକ ସମବାୟ କୃଷିକ୍ଷେତ୍ର ସ୍ଥାପନର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି । ୧୯୫୮-୫୯ ମସିହା ପାଇଁ ସରକାରୀ ସମବାୟ ଯୋଜନାର ଆଲୋଚନାବେଳେ ଏହି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା । ଶ୍ରୀ ଜୈନ କହିଲେ ଯେ ପଞ୍ଜାବ, ଉତ୍ତରପ୍ରଦେଶ, ମାନ୍ଦ୍ରାଜ, ଆସାମ, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, କେରଳ ଓ ବମ୍ବେଇ ପ୍ରଭୃତି ରାଜ୍ୟ ସରକାରମାନେ ଏ ଦିଗରେ ଅନେକଦୂର ଆଗେଇ ଗଲେଣି ଏବଂ ୨୮୪ଟି ସମବାୟ ସମିତି ସ୍ଥାପନ କରିସାରିଲେଣି ।

## ରାଜଗାଙ୍ଗପୁର ସଂବାଦକେନ୍ଦ୍ର

ଜନସାଧାରଣ ନିଜର ଉଦ୍ୟମ ବଳରେ ଉନ୍ନୟନର କିପରି ଉଲ୍ଲେଖଯୋଗ୍ୟ ସାଫଲ୍ୟ ଅର୍ଜନ କରି ପାରନ୍ତି, ରାଜଗାଙ୍ଗପୁର ବ୍ଲକର ସଂବାଦକେନ୍ଦ୍ର ତାହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସାମାଜିକ, ସାଂସ୍କୃତିକ ଓ ଶିକ୍ଷାଗତ ଉନ୍ନତିସାଧନରେ ନିଜ ନିଜକୁ ନିୟୋଜିତ କରିବା ଦିଗରେ ଲୋକେ ଯେଉଁ ଆବଶ୍ୟକତା ବହୁଦିନଧରି ଅନୁଭବ କରି ଆସୁଥିଲେ, ଏହି ସଂବାଦକେନ୍ଦ୍ରଟି ତାହା ପୂରଣ କରୁଛି । ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ବ୍ଲକ୍ ସଦର କାର୍ଯ୍ୟାଳୟରେ ଏହି ସଂବାଦକେନ୍ଦ୍ର ନିର୍ମିତ ହୋଇଛି । ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଛି ୪୬ ହଜାର ଟଙ୍କା । ଏଥିମଧ୍ୟରୁ ଅର୍ଥ ଆକାରରେ, ଦ୍ରବ୍ୟ ଆକାରରେ ଓ ଶ୍ରମ ଆକାରରେ ଲୋକଙ୍କ ଦାନର ପରିମାଣ ହେଉଛି ୪୧ ହଜାର ଟଙ୍କା; ଅର୍ଥାତ୍ ବ୍ଲକ୍‌ପାଣ୍ଠିରୁ ସରକାରଙ୍କଠାରୁ ଯେତିକି ଟଙ୍କା ମିଳିଛି, ଲୋକଙ୍କ ଦାନର ପରିମାଣ ତାହାର ଆଠ ଗୁଣ ।

ମାତ୍ର ଅଳ୍ପ କେତେକ ମାସକ ଆଗରୁ ଉକ୍ତ ସଂବାଦକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଗତ ନଭେମ୍ବର ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଜନ୍ମତିଥିରେ ତାଙ୍କର ନାମରେ କେନ୍ଦ୍ରଟିକୁ ଉତ୍ସର୍ଗ କରି ଦିଆଯାଇଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ପାଇଁ ସୁସ୍ଥ ସାମାଜିକ ଜୀବନ

ସାଧନର ଅପୂର୍ବ ସୁଯୋଗ ଏହି କେନ୍ଦ୍ରରେ ଯୋଗାଇ ଦିଆଯାଉଛି । ଏଠାରେ ଏକ ସୁନ୍ଦର ପାଠାଗାର, ଗୋଟିଏ ଭଲ ଗ୍ରନ୍ଥାଗାର, ଶିଶୁବଗିଚା, ନାସ୍ତାକୋଠରୀ ଓ ପ୍ରଦର୍ଶନୀଗୃହ ରହିଛି । ସଙ୍ଗୀତାନୁଷ୍ଠାନ ଓ ନାଟକ ଅଭିନୟ ପାଇଁ ଏଠାରେ ଏକ ସ୍ଥାୟୀ ରଙ୍ଗମଞ୍ଚ ମଧ୍ୟ ନିର୍ମାଣ କରାଯାଇଛି । ଏହାଛଡ଼ା ଏହା ଭିତରେ ଏକ ଚା’ ଜଳଖିଆ ଦୋକାନ ମଧ୍ୟ ରହିଛି । ବାସ୍ତବିକ ଚା’ ଖାଇ ଖାଇ ପରସ୍ପରର ସୁଖଦୁଃଖ ସମ୍ପର୍କରେ କଥାବାର୍ତ୍ତା ହୋଇ ଅବସର ସମୟଟି କଟାଇଦେବା ପାଇଁ ଏହା ଏକ ରମଣୀୟ ସ୍ଥାନ ।

ଯେଉଁ ଜମି ଉପରେ ସଂବାଦକେନ୍ଦ୍ରର ଗୃହଟି ଅବସ୍ଥିତ, ତାହାକୁ ଗ୍ରାମପଞ୍ଚାୟତ ଦାନ କରିଛନ୍ତି । ଜମିଟି ସମତୁଲ କରିବା କାର୍ଯ୍ୟରେ ସ୍ଥାନୀୟ ସ୍କୁଲ-ଛାତ୍ରମାନେ ମଧ୍ୟ ଭାଗ ନେଇଥିଲେ । ସେମାନେ ଏକ ଶିଶୁପାର୍କ ମଧ୍ୟ ନିର୍ମାଣ କରିଛନ୍ତି । ଏଠାରେ ମହିଳାମାନଙ୍କ ପାଇଁ ଏକ ହସ୍ତଶିଳ୍ପ କେନ୍ଦ୍ର ସ୍ଥାପନ କରାଯାଇଛି ।

ସଂବାଦ କେନ୍ଦ୍ରର ପରିଚାଳନାଭାର ଏକ କମି ଉପରେ ନ୍ୟସ୍ତ ଅଛି । ଜନସାଧାରଣଙ୍କଦ୍ୱାରା ଏ କମିଟି ଗଠନ କରାଯାଇଛି । ଶିଶୁପାର୍କ ଓ ହସ୍ତଶି କେନ୍ଦ୍ର ମଧ୍ୟ ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ପ୍ରତିନିଧିମା ଦ୍ୱାରା ପରିଚାଳିତ । ଲୋକଙ୍କଠାରୁ ସାମାନ୍ୟ ଶୁ ଆକାରରେ ସଂଗୃହୀତ ଅର୍ଥ ଏବଂ ଚା’ ଜଳଖି ଦୋକାନର ଲବ୍ଧ ଅର୍ଥ ପରିଚାଳନା ବାବଦ ଖର୍ଚ୍ଚ ଲାଗେ । ଗୋଷ୍ଠୀ ଉନ୍ନୟନ ଯୋଜନା ଅନୁସା ସ୍ଥାପିତ ଅନ୍ୟାନ୍ୟ ସଂବାଦକେନ୍ଦ୍ର ପରି ରାଜଗାଙ୍ଗପୁ ସଂବାଦକେନ୍ଦ୍ର ମଧ୍ୟ ତଥ୍ୟ ଓ ବେତାର ମନ୍ତ୍ରଣାଳ ଏବଂ ଗୋଷ୍ଠୀ ଉନ୍ନୟନ ମନ୍ତ୍ରଣାଳୟଠାରୁ ବହୁ ପ ପତ୍ରିକା ଓ ପ୍ରଚାରମୂଳକ ଲେଖାମାନ ପାଇଥାଏ ।

ରାଜଗାଙ୍ଗପୁର ସଂବାଦ କେନ୍ଦ୍ରର ସଂପ୍ରସାର ପାଇଁ କ କ ବ୍ୟବସ୍ଥା କରାଯାଇପାରେ, ଲୋକେ ସେ ବିଷୟରେ ବିଚାର କରୁଛନ୍ତି । ଏଠାରେ ଏକ ସାଧାର ହଲ୍ ନିର୍ମାଣ କରିବା ସେମାନଙ୍କର ଇଚ୍ଛା । ତାହେଲ ଏଠାରେ ପ୍ରଦର୍ଶନୀ, ମେଳା ଓ ଅନ୍ୟାନ୍ୟ ଉତ୍ସ ଅନୁଷ୍ଠିତ କରାଇବା ସେମାନଙ୍କ ପକ୍ଷେ ସହଜସାଧ ହେବ ।



ଗତ ମାର୍ଚ୍ଚ ୫ ତାରିଖରେ ନୂଆଦିଲ୍ଲୀଠାରେ ଅଷ୍ଟ୍ରିଆର ବୈଦେଶିକ ମନ୍ତ୍ରୀ ଡକ୍ଟର ଲିଓପାଲ୍ଡ ଫିଗ୍ଲଙ୍କ ସହିତ କଥୋପକଥନ-ରତ ଭାରତର ଉପରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ



ରୁମାନିଆ ସାଧାରଣତନ୍ତ୍ରର ପ୍ରଧାନମନ୍ତ୍ରୀ ମି: ଷ୍ଟୋଇକାଙ୍କ ସହିତ କଥୋପକଥନ-ରତ ଭାରତର ଉପରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ



ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ରାଇଟ ଅନରେବୁଲ ଶ୍ରୀ ୱାଲ୍‌ଟର ନାଶ୍‌ ଦିଲ୍ଲୀ ନିକଟବର୍ତ୍ତୀ ନାଜାଫଗଡ଼ର ବିକାଶ ବ୍ଲକ ପରିଦର୍ଶନ କରିଥିଲେ । ଜନୈକ ଗ୍ରାମସ୍ଥ ସରକାରୀ ମୌଳିକ ବିଦ୍ୟାଳୟର ଛାତ୍ରମାନଙ୍କ କେତୋଟି ହସ୍ତଶିଳ୍ପର ନମୁନା ସେ ଦେଖୁଅଛନ୍ତି ।

# ଆମ ଦେଶ

## ଅମ୍ବର ଚରଖା କାର୍ଯ୍ୟକ୍ରମ : ଚଳିତ ବର୍ଷ ୮୫,୦୦୦ ଚରଖା ସ୍କୁଲ୍ କରାଯିବ

ବର୍ତ୍ତମାନ ଅମ୍ବର ଚରଖା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଥିବା କେତେକ ଅଞ୍ଚଳରେ ଖଦି ଓ ଗ୍ରାମ୍ୟଶିଳ୍ପ କମିଶନଙ୍କ ପକ୍ଷରୁ ସମୀକ୍ଷଣ କରାଯାଇଥିଲା । ଏହି ସମୀକ୍ଷଣର ଫଳାଫଳ ଅନୁଯାୟୀ ଅମ୍ବର ଚରଖା କାର୍ଯ୍ୟକ୍ରମରେ କେତେକ ପରିବର୍ତ୍ତନ ହେବ ।

ସଂଶୋଧିତ କାର୍ଯ୍ୟକ୍ରମରେ ଅମ୍ବର ଚରଖା କାର୍ଯ୍ୟ ପାଇଁ ବର୍ଷକରେ ୨୦୦ ଦିନ ରହିବ । ପୂର୍ବରୁ ଏଥିପାଇଁ ୩୦୦ ଦିନ ଧାର୍ଯ୍ୟ କରାଯାଇଥିଲା । ଚଳିତ ବର୍ଷରେ ଦୁଇ କୋଟି ଗଜ ଲୁଗା ଅମ୍ବର ଚରଖା ସୂତାରେ ପ୍ରସ୍ତୁତ ହେବ । ୧୯୫୮-୫୯ରେ ସୁଣକୋଟି ଗଜ ଅମ୍ବର ଚରଖା ଲୁଗା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୧୯୫୮-୫୯ରେ ଏକ ଲକ୍ଷ ଅଧିକ ଅମ୍ବର-ଚରଖା ସ୍କୁଲ୍ କରାଯିବ । ସେଥିରୁ ଚଳିତ ବର୍ଷ ୮୫,୦୦୦ ଚରଖା ସ୍କୁଲ୍ କରାଯିବ ବୋଲି ମଧ୍ୟ ସ୍ଥିର ହୋଇଛି । ଅମ୍ବର ଚରଖା କାର୍ଯ୍ୟକ୍ରମ କପରି ଆଗେଇ ଚାଲିଛି, ସେ ସମ୍ପର୍କରେ ଚଳିତ ବର୍ଷର ମଧ୍ୟଭାଗରେ ଆଲୋଚନା କରାଯିବ ।

୧୯୫୭ ଡିସେମ୍ବର ଶେଷସୁଦ୍ଧା ଅମ୍ବର ଚରଖା କାର୍ଯ୍ୟକ୍ରମରେ ପ୍ରାୟ ୧,୨୦,୦୦୦ ଜଣ ଲୋକ ନିଯୁକ୍ତ ଥିଲେ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧,୨୫,୦୦୦ ଜଣ ସୂତାକଟାଳୀ ଅମ୍ବର ଚରଖା ଚଳାଇବାରେ ତାଲିମ ପାଇସାରିଛନ୍ତି ଏବଂ ୧,୫୦,୦୦୦ଟି ଚରଖା ତିଆରି ହେଲଣି । ସେଥିରୁ ୧,୦୭,୦୦୦ଟି ଚରଖା ସୂତାକଟାଳୀମାନଙ୍କୁ ଦେଇ ଦିଆଗଲଣି ।

ଅମ୍ବର ଚରଖା ନିର୍ମାଣ ପାଇଁ ୧୦୮ଟି କାରଖାନା ସ୍ଥାପନ କରାଗଲଣି । ଅମ୍ବର ଚରଖା ସାହାଯ୍ୟରେ ସୂତାକଟା ଶିଖାଇବାପାଇଁ ପ୍ରାୟ ୭୦୦ଟି କେନ୍ଦ୍ର ମଧ୍ୟ ସ୍ଥାପନ କରାଗଲଣି । ଖୁବ୍ ଶୀଘ୍ର ଅମ୍ବର ଚରଖା ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଯିବାର ସମ୍ଭାବନା ରହିଛି ।

---

## ଟଙ୍କା ବ୍ୟବହାର କରୁଥିବା ପର୍ଯ୍ୟଟକମାନଙ୍କପାଇଁ ଚେକ୍

ଭାରତରେ ଓ ଭାରତ ବାହାରେ ଭ୍ରମଣ କରୁଥିବା ବ୍ୟକ୍ତିମାନଙ୍କ ସୁବିଧା ନିମନ୍ତେ ଟଙ୍କା ମୂଲ୍ୟର ଚେକ୍ ଚଳାଇବାପାଇଁ ଭାରତର ଷ୍ଟେଟ୍ ବ୍ୟାଙ୍କ୍ ସିଦ୍ଧାନ୍ତ କରିଛନ୍ତି ।

ଭ୍ରମଣକାରୀମାନେ ଦେଶ ବିଦେଶ ଭ୍ରମଣ କଲାବେଳେ ଏହି ଚେକ୍ ଯେ କୌଣସିଠାରେ ଭଙ୍ଗାଇ ପାରିବା ବ୍ୟବସ୍ଥା କରାଯାଇଛି । ବ୍ୟାଙ୍କର ଅଫିସ ସମୟ ବାହାରେ ମଧ୍ୟ ଚେକ୍ ଭଙ୍ଗାଇ ପାରିବେ । ଭ୍ରମଣକାରୀଙ୍କ ହାତରେ ଯେଉଁ ମୂଲ୍ୟର ଚେକ୍ ଥିବ; ସେ ତାହାର ଏକ ଅଂଶ ମଧ୍ୟ ଭଙ୍ଗାଇ ପାରିବେ ।

# ସମସ୍ତଙ୍କ ଜାଣିବାପାଇଁ

## ହାଡ଼ ନିୟନ୍ତ୍ରଣ ଓ ବଣ୍ଟନ ଆଦେଶ

ଓଡ଼ିଶା ସରକାରଙ୍କ ପ୍ରକାଶ ବିଭାଗ ଜଣାଇଛନ୍ତି:—

ଓଡ଼ିଶା ସରକାର ଗତ ତା ୨୫।୨।୫୮ ରିଖ ତାରୁ "ଓଡ଼ିଶା ହାଡ଼ (ନିୟନ୍ତ୍ରଣ ଓ ବଣ୍ଟନ) ଆଦେଶ, ୧୯୫୮" ନାମରେ ଗୋଟିଏ ଆଦେଶନାମା ଜାରି କରିଅଛନ୍ତି ଓ ଏହା ପ୍ରକାଶିତ ହେବା ଦିନଠାରୁ କାର୍ଯ୍ୟକାରୀ ହୋଇଅଛି।

ଏହି ଆଦେଶ ଅନୁଯାୟୀ କୌଣସି ବ୍ୟକ୍ତି ବିନା ଲାଇସେନ୍‌ସରେ ବ୍ୟବସାୟ-ବାଣିଜ୍ୟ ପାଇଁ କୌଣସି ରକମ ହାଡ଼ କିଣି ପାରିବେ ନାହିଁ ବା ରପ୍ତାନି କରି ପାରିବେ ନାହିଁ। ଲାଇସେନ୍‌ସ ପାଇବା ପାଇଁ ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖରୁ ନିର୍ଦ୍ଧାରିତ ଦରଖାସ୍ତ ଫାରମରେ ଦରଖାସ୍ତ ଦେବାକୁ ହେବ। ସଂରକ୍ଷିତ ଜଙ୍ଗଲରୁ ହାଡ଼ ସଂଗ୍ରହ କରିବାକୁ ହେଲେ ଏହି ଦରଖାସ୍ତ ସମ୍ପୃକ୍ତ ଡିଭିଜନାଲ ଫରେଷ୍ଟ ଅଫିସରଙ୍କ ଜରିଆରେ ଓ ଅନ୍ୟତ୍ର ହାଡ଼ ସଂଗ୍ରହ କରିବାକୁ ହେଲେ ସଂପୃକ୍ତ ଜିଲ୍ଲା କୃଷି ଅଫିସରଙ୍କ ଜରିଆରେ ଦେବାକୁ ହେବ। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଫିସରୁ ନିର୍ଦ୍ଧାରିତ ଦରଖାସ୍ତ ଫାରମ ମିଳିବ। ଲାଇସେନ୍‌ସ ଫିସ୍ ବର୍ଷକୁ ବା ତହିଁର କୌଣସି ଅଂଶ ପାଇଁ ଟ୫୦୲ ଲାଗିବ। ଏହି ଲାଇସେନ୍‌ସ ସାନ କରିବାକୁ ବର୍ଷକୁ ଟ୧୦୲ ଫିସ୍ ଲାଗିବ। ଗ୍ରାମପଞ୍ଚାୟତ ବା ସମବାୟ ସମିତି ଲାଇସେନ୍‌ସ ପାଇଁ ଦରଖାସ୍ତ ଦେଲେ ଲାଇସେନ୍‌ସ-ଫିସ୍ ଟ୨୦୲ ଓ ସାନ ପାଇଁ ଫିସ୍ ଟ୫୲ ଲାଗିବ। ଏହି ଫିସ୍ ଟ୍ରେଜେରୀରେ "୨୪ (କ) କୃଷି ବିଭାଗୀୟ ଆଦାୟ--ହାଡ଼ ଲାଇସେନ୍‌ସ ବାବଦ ଆଦାୟ" ଲେଖା ଶୀର୍ଷରେ ଜମା ଦେବାକୁ ହେବ।

ଯେଉଁ ଦରଖାସ୍ତକାରୀ ହାଡ଼ଗୁଣ୍ଡ ତିଆରି କରିବା ଉଦ୍ଦେଶ୍ୟରେ ହାଡ଼ କିଣିବା ଓ ରପ୍ତାନି କରିବାକୁ ଲାଇସେନ୍‌ସ ଚାହିଁବେ, ତାଙ୍କୁ ଲାଇସେନ୍‌ସ ଦେବା କଥା ଆଗ ବିଚାର କରାଯିବ। ବିଭିନ୍ନ ଦରଖାସ୍ତକାରୀଙ୍କ ଦରଖାସ୍ତ ନିମ୍ନ କ୍ରମରେ ବିଚାର କରାଯାଇ ଲାଇସେନ୍‌ସ ମଞ୍ଜୁର କରାଯିବ:—

୧। ଯେଉଁ ଗ୍ରାମପଞ୍ଚାୟତ ସାଧାରଣତଃ ଚାଷୀମାନଙ୍କ ଚାହିଦା ପୂରଣ କରେ;
୨। ବହୁସଂଖ୍ୟକ ତଫସିଲଭୁକ୍ତ ଜାତିଙ୍କୁ ନେଇ ଗଠିତ ହୋଇଥିବା ସମବାୟ ସମିତି;
୩। ଅନ୍ୟାନ୍ୟ ସମବାୟ ସମିତିମାନ; ଓ
୪। ବ୍ୟକ୍ତିବିଶେଷ।

କୌଣସି ବ୍ୟକ୍ତି ବିନା ପରମିଟ୍‌ରେ ରେଳପଥ, ସଡ଼କ, ଜଳପଥ ବା ଅନ୍ୟ କୌଣସି ଉପାୟରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଗୋଟିଏ ଅଞ୍ଚଳକୁ ବା ରାଜ୍ୟ ବାହାରକୁ ହାଡ଼ ରପ୍ତାନି କରି ପାରିବେ ନାହିଁ କି ନେଇ ପାରିବେ ନାହିଁ। କୃଷି ବିଭାଗୀୟ ଡିରେକ୍ଟର ନିର୍ଦ୍ଧାରିତ ଫାରମରେ ଏହି ପରମିଟ ବା ଅନୁମତିପତ୍ର ଦେବେ।

ଲାଇସେନ୍‌ସ ପାଇଥିବା ବ୍ୟକ୍ତି ହାଡ଼ ଉତ୍ପାଦନକାରୀମାନଙ୍କଠାରୁ କେଉଁ ଦରରେ ହାଡ଼ ଖରିଦ କରିବେ, ଜିଲ୍ଲା ମାଜିଷ୍ଟ୍ରେଟମାନେ କୃଷି ବିଭାଗୀୟ ଡିରେକ୍ଟରଙ୍କ ସହ ପରାମର୍ଶ କରି ତାହା ଥରକୁ ଥର ଧାର୍ଯ୍ୟ କରିବେ। ହାଡ଼ର ମୂଲ୍ୟ ବା କିସମ ନେଇ

କୌଣସି ବିବାଦ ଉପୁଜିଲେ ଜିଲା ମାଜିଷ୍ଟ୍ରେଟ ତାହା ନିଷ୍ପତ୍ତି କରିଦେବେ ଓ ତାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଧରାଯିବ । ହାଡ଼ ସାଇତା ହୋଇ ରହିଥିବା ସ୍ଥାନ ଓ ଯାନବାହନମାନଙ୍କୁ ଜିଲା ମାଜିଷ୍ଟ୍ରେଟ ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତି ଇଚ୍ଛାକଲେ ଯାଇ ପାରିବେ, ପରିଦର୍ଶନ କରିପାରିବେ, ବଳପୂର୍ବକ ଦ୍ୱାର ଭାଙ୍ଗି ପାରିବେ ଓ ଅନୁସନ୍ଧାନ କରି ପାରିବେ । ହାଡ଼ କାରବାର ସଂପର୍କୀୟ ହିସାବପତ୍ର ଦେଖାଇବା ପାଇଁ ମଧ୍ୟ ଏ ସବୁ ସ୍ଥାନ ଓ ଯାନବାହନ ଦାୟିତ୍ୱରେ ଥିବା ଲୋକଙ୍କୁ ସେମାନେ ଆଦେଶ ଦେଇ ପାରିବେ । ଇଚ୍ଛାକଲେ ସେମାନେ ଏହି ସବୁ ହିସାବପତ୍ର ଚିପି ନେଇ ପାରିବେ ଏବଂ ଜମାଥିବା ହାଡ଼କୁ ଜବତ କରି ପାରିବେ ଓ ନେଇ ପାରିବେ ।

କୌଣସି ବ୍ୟକ୍ତି ଏହି ଆଦେଶର ବିଧାନ ଲଘନ ବା କୌଣସି ଲାଇସେନ୍ସ ଫାରମରେ ଉଲ୍ଲେଖଥିବା ସର୍ତ୍ତ ଖିଲାପ କଲେ, ତାଙ୍କର ଦୋଷ ବିଚାର କରୁଥିବା ବିଚାରାଳୟ ଅନ୍ୟାନ୍ୟ ଦଣ୍ଡ ସମେତ ମାମଲା ସଂପର୍କୀୟ ହାଡ଼ ଓ ତାହା ଯେଉଁଥିରେ ରଖାଯାଇଥିବ, ବନ୍ଧା ଯାଇଥିବ, ତାହା ମଧ୍ୟ ସରକାର ବାଜ୍ୟାପ୍ତ କରି ପାରିବା ମର୍ମେ ଆଦେଶ ଦେଇ ପାରିବେ । ଏହାଛଡ଼ା ସଂପୃକ୍ତ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରିବ ।

---

## ଓଡ଼ିଶାରେ ବରଫକଳ ଓ ଶୀତଳଭଣ୍ଡାର ବସାଇବାପାଇଁ ସରକାରୀ ସାହାଯ୍ୟ

ମତ୍ସ୍ୟ-ବିଭାଗର ଡିରେକ୍ଟର ଜଣାଇଛନ୍ତି:

ମାଛ ବ୍ୟବସାୟ ସକାଶେ ଓଡ଼ିଶାରେ ବରଫକଳ ଓ ଶୀତଳ ଭଣ୍ଡାର ବସାଇବା ପାଇଁ ଯଥେଷ୍ଟ ସୁବିଧା ରହିଛି । ବ୍ୟକ୍ତିଗତ ପ୍ରଚେଷ୍ଟା ବା ସମବାୟ ସୂତ୍ରରେ ଯେଉଁମାନେ ଏହା ସ୍ଥାପନ କରିବାକୁ ଚାହାନ୍ତି, ସେମାନଙ୍କୁ ସରକାର ଋଣ ଦେବାକୁ ଇଚ୍ଛୁକ ଅଛନ୍ତି । ଯେଉଁମାନେ ଏ ଉଦ୍ୟମରେ ଭାଗ ନେବାକୁ ଚାହାନ୍ତି, ସେମାନେ ବିସ୍ତୃତ ବିବରଣୀପାଇଁ ମତ୍ସ୍ୟ-ବିଭାଗର ଡିରେକ୍ଟର, ଓଡ଼ିଶା, କଟକଙ୍କ ସହିତ କଥାବାର୍ତ୍ତା କରିବାକୁ ଅନୁରୋଧ ।

---

## ଚୁରବାଟିଆ ଆଶ୍ରୟପ୍ରାର୍ଥୀଙ୍କ ସଂବନ୍ଧରେ ସମ୍ବାଦ

ଓଡ଼ିଶା ସରକାରଙ୍କ ସାହାଯ୍ୟ ଓ ପୁନର୍ବସତି ବିଭାଗ ଜଣାଇଛନ୍ତି :—

ଗତ ତା ୪ । ୩ । ୪୮ ରିଖରେ ଚୁରବାଟିଆ ଶରଣାର୍ଥୀ ଶିବିରରେ ଯେଉଁ ମୃଦୁ ଲାଠି ଚାଳନା ହୋଇଥିଲା ଓ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା, ସେ ସଂପର୍କରେ କଲିକତା ଓ ସ୍ଥାନୀୟ କେତେକ ସଂବାଦ ପତ୍ରରେ ଯେଉଁ ବିବରଣୀ ପ୍ରକାଶିତ ହୋଇଛି ତାହା ଠିକ୍ ନୁହେଁ ଓ ଏହା ଫଳରେ ଭ୍ରାନ୍ତ ଧାରଣା ସୃଷ୍ଟି ହେବାର ଆଶଙ୍କା ରହିଛି । ଏହି ଅଶୋଭନୀୟ ପରିସ୍ଥିତି ଯେଉଁ କାରଣରୁ ଘଟିଥିଲା ତାହା ନିମ୍ନରେ ଦିଆଗଲା :—

ଦାର୍ଜିଲିଙ୍ଗଠାରେ ପୁନର୍ବସତି ବିଭାଗୀୟ ମନ୍ତ୍ରୀ-ମାନଙ୍କର ଗତ ବୈଠକରେ ସ୍ଥିର ହୋଇଥିଲା ଯେ ବିଭିନ୍ନ ଆଶ୍ରୟପ୍ରାର୍ଥୀ ଶିବିରରେ ଥିବା ଶରଣାର୍ଥୀ-ମାନଙ୍କୁ ଯେତେ ଶୀଘ୍ର ସମ୍ଭବ ପୁନର୍ବସତି କେନ୍ଦ୍ରମାନଙ୍କୁ ପଠାଇ ଦିଆଯିବ । ତଦନୁଯାୟୀ ବିଭିନ୍ନ ପୁନର୍ବସତି କେନ୍ଦ୍ରକୁ ଏହି ଶରଣାର୍ଥୀମାନଙ୍କୁ ପଠାଇଦେବା ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଇଥିଲା ଓ ତାହାକୁ କାର୍ଯ୍ୟକାରୀ କରିବାପାଇଁ ବ୍ୟବସ୍ଥା କରାଯାଇଥିଲା ।

ଉପରୋକ୍ତମତେ ରାଜ୍ୟ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଥିଲେ ତଦନୁଯାୟୀ ଯେଉଁ ଶରଣାର୍ଥୀ ଯେଉଁ ପୁନର୍ବସତି କେନ୍ଦ୍ରକୁ ଯିବେ, ତାହାର ନୋଟିସ ସେମାନଙ୍କୁ ୧ । ୨ । ୪୮ରେ ଦିଆଯାଇଥିଲା । ଏହି ନୋଟିସରେ କୁହାଯାଇଥିଲା ଯେ ଶରଣାର୍ଥୀମାନେ

ପୁନର୍ବସତି କେନ୍ଦ୍ରକୁ ନ ଗଲେ ସେମାନଙ୍କୁ ଦିଆଯାଉଥିବା ସାହାଯ୍ୟ ବନ୍ଦକରି ଦିଆଯିବ । ୧୫ । ୨ । ୫୮ ତାରିଖରେ ୧୫୦ଟି ପରିବାରଙ୍କର ଦୁଷନ୍ତପୁର କଣ୍ଟିଲ୍ଲପୋଥା କେନ୍ଦ୍ରକୁ ଯିବାର ଥିଲା । ଏଥିରୁ ୭୨ଟି ପରିବାର ପ୍ରକୃତରେ ଗଲେ । ୨୭।୨।୫୮ ତାରିଖରେ ଆହୁରି ୫ଟି ପରିବାର ସେଠାକୁ ଗଲେ । ସେହି ଦିନ ଆହୁରି ୫୦ଟି ପରିବାର କଟକ ଜିଲ୍ଲାର ବରଜବାହାଲୁଦକୁ ଯିବାର ଥିଲା । କିନ୍ତୁ ପ୍ରକୃତରେ ଏଥିରୁ ୪୭ଟି ପରିବାର ଗଲେ ଓ ବାକିତକ ଯିବାକୁ ନାହିଁ କଲେ । ୧୨ । ୨ । ୫୮ରେ ୨୮ଟି ପରିବାର ଛଣୁଆକୁ ଗଲେ ଓ ୨ଟି ପରିବାର ଯିବାକୁ ନାହିଁ କଲେ । ଯେଉଁମାନେ ନ ଗଲେ, ସେମାନେ ତାଙ୍କର ମନୋଭାବ ନ ବଦଳାଇଲେ ସେମାନଙ୍କୁ ଦିଆଯାଉଥିବା ସାହାଯ୍ୟ ବନ୍ଦ କରି ଦିଆଯିବ ବୋଲି କୁହାଯାଇଥିଲା । ଏମାନେ ଓଡ଼ିଶାରେ ବାସ କରିବା ବିରୁଦ୍ଧରେ ଥିଲେ ଓ ସେମାନଙ୍କୁ ପଶ୍ଚିମ-ବଙ୍ଗକୁ ପଠାଇଦେବା ନିମନ୍ତେ ଅଡ଼ି ବସିଥିଲେ । ଆଶ୍ରୟପ୍ରାର୍ଥୀ ଶିବିରରୁ ପୁନର୍ବସତି କେନ୍ଦ୍ରକୁ ନ ଗଲେ ସେମାନଙ୍କ ସାହାଯ୍ୟ ବନ୍ଦ କରି ଦିଆଯିବ ଓ ପରିଶେଷରେ ସେମାନଙ୍କୁ ଶିବିରରୁ ବାହାର କରି ଦିଆଯିବ ବୋଲି ବହୁବାର ପରିଷ୍କାର ବୁଝାଇ ଦିଆଯାଇଥିଲା ।

କିନ୍ତୁ ସେମାନେ ତାଙ୍କ ଜିଦ୍ ଛାଡ଼ି ନ ଥିଲେ ଏବଂ ବହୁତ ପ୍ରରୋଚନା ସତ୍ତ୍ୱେ ଯାଇ ନ ଥିଲେ ।

ଗତ ୩ । ୩ । ୫୮ ତାରିଖରେ ସେମାନେ ଓଡ଼ିଶାର ସ୍ୱାହାଯ୍ୟ ଓ ପୁନର୍ବସତି ବିଭାଗ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଦେଖା କରି ସାହାଯ୍ୟ ପାଇବା ପାଇଁ ଓ ପଶ୍ଚିମ-ବଙ୍ଗରେ ସେମାନଙ୍କୁ ଥଇଥାନ କରିବାପାଇଁ ଦାବି କରିଥିଲେ । ମନ୍ତ୍ରୀ ମହୋଦୟ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ସାହାଯ୍ୟ ଦିଆଯାଇ ପାରିବ ନାହିଁ ବୋଲି ବୁଝାଇ ଦେଇ ସେମାନେ ନିଜ ନିଜ ସ୍ୱାର୍ଥଦୃଷ୍ଟିରୁ ଓଡ଼ିଶାରେ ଥିବା ପୁନର୍ବସତି କେନ୍ଦ୍ର-ମାନଙ୍କୁ ଯିବାପାଇଁ ବୁଝାଇଥିଲେ ।

ଆଜି ମଧ୍ୟ ସେ କହିଥିଲେ ଯେ ପଶ୍ଚିମ-ବଙ୍ଗରେ ସେମାନଙ୍କୁ ଥଇଥାନ କରିବାର କୌଣସି ସମ୍ଭାବନା ନାହିଁ । ସେମାନେ ସେହି ଦିନ ପୁନର୍ବସତି କେନ୍ଦ୍ରମାନଙ୍କୁ ଯିବାକୁ ସ୍ୱୀକାରହେଲେ ୧୫ ଦିନର ସାହାଯ୍ୟ ପାଇବେ ଓ ଅବଶିଷ୍ଟ ୧୫ ଦିନର ସାହାଯ୍ୟ ସେମାନଙ୍କୁ ପୁନର୍ବସତି କେନ୍ଦ୍ରକୁ ଯିବାକୁ ସରକାର ଯେଉଁ ଦିନ ଧାର୍ଯ୍ୟ କରି ଦେବେ, ସେହି ଦିନ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସେମାନେ ଅବୁଝା ହୋଇ ଉପରୋକ୍ତ ସର୍ତ୍ତରେ ସାହାଯ୍ୟ ନେବାକୁ ମନା କରି ଦେଇଥିଲେ । ସେମାନେ ସେହି ଦିନ ସନ୍ଧ୍ୟା ବେଳେ ଖୁରବାଟିଆ ଫେରିଯାଇଥିଲେ । ତହିଁ ପରଦିନ ଅର୍ଥାତ୍ ତା ୪ । ୩ । ୫୮ ରିଖ ଅପରାହ୍ଣ ପ୍ରାୟ ୪ଟାବେଳେ ଆଶ୍ରୟପ୍ରାର୍ଥୀ ପୁରୁଷ, ସ୍ତ୍ରୀ ଓ ପିଲାମାନେ ଦଳ ଦଳ ହୋଇ କ୍ୟାମ୍ପ ଅଫିସ ଚଡ଼ାଉ କରିଥିଲେ ଓ ସେମାନଙ୍କୁ ତୁରନ୍ତ ସାହାଯ୍ୟ ଦେବାପାଇଁ ଚିତ୍କାର ଧ୍ୱନି କରି ଅଫିସ ଭିତରକୁ ଜବରଦସ୍ତି ପଶିବାକୁ ଚେଷ୍ଟା କରିଥିଲେ । କ୍ୟାମ୍ପ ଅଫିସର ଅଫିସଦ୍ୱାର ବନ୍ଦ କରି ଦେଇଥିଲେ ସୁଦ୍ଧା ଆକ୍ରମଣକାରୀମାନେ ଦୁଆର ଓ ଝରକା ବାଡ଼େଇବାକୁ ଲାଗିଲେ । ତେଣୁ ସେମାନେ ଯେପରି ଏସବୁ ଦୁଆର ଝରକା ଭାଙ୍ଗି ନ ପାରିବେ, ସେଥିପାଇଁ ପୁଲିଶ ପହରା ନିଯୁକ୍ତ କରାଗଲା । ଏଭଳି ଗୁଣ୍ଡାମିରୁ ସେମାନଙ୍କୁ ନିବର୍ତ୍ତାଇବା ନିମନ୍ତେ ସେଠାରେ ଥିବା ମାଜିଷ୍ଟ୍ରେଟ ଓ ପୁଲିଶ ଅଫିସର-ମାନେ ଯେତେ ଚେଷ୍ଟା କଲେ ମଧ୍ୟ ତାହା ବିଫଳ ହୋଇଥିଲା । ସନ୍ଧ୍ୟା ପାଖେଇ ଆସିଲାବେଳକୁ ଆଶ୍ରୟ-ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା ଓ ଜନତାକୁ ସମ୍ଭାଳିବା ପୁଲିଶ ଓ ମାଜିଷ୍ଟ୍ରେଟଙ୍କ ପକ୍ଷରେ ବିଶେଷ କଷ୍ଟକର ହୋଇଥିଲା । ଅଫିସରେ ପ୍ରାୟ ୬ଘଣ୍ଟା କାଳ ବନ୍ଦ ହୋଇଥିବା କ୍ୟାମ୍ପ ଅଫିସରମାନଙ୍କୁ ଉଦ୍ଧାର କରିବା ଏକ ସମସ୍ୟା ହୋଇଥିଲା । ତେଣୁ ମାଜିଷ୍ଟ୍ରେଟ ଅଧିକ ପୁଲିଶ ସାହାଯ୍ୟ ମାଗିଥିଲେ । ଓଡ଼ିଶା ସାମରିକ ପୁଲିଶବାହିନୀରୁ ଆହୁରି ଦଳେ ସତ ପ୍ରାୟ

୧୦ ଘଣ୍ଟାବେଳେ ପହଞ୍ଚିଥିଲେ । ଜମା ହୋଇଥିବା ଲୋକଙ୍କୁ ସେଠାରୁ ଘୁଞ୍ଚିଯିବା ପାଇଁ ଓ ସେମାନଙ୍କ ଦ୍ୱାରା ଅବରୁଦ୍ଧ ହୋଇଥିବା ସରକାରୀ କର୍ମଚାରୀମାନଙ୍କୁ ମୁକ୍ତ କରିଦେବା ନିମନ୍ତେ ମାଜିଷ୍ଟ୍ରେଟ ପୁଣି ଥରେ ଅନୁରୋଧ କରିଥିଲେ । କିନ୍ତୁ ଏଥିରେ କିଛି ଫଳ ହୋଇ ନ ଥିଲା । ଏହାପରେ ସେ ଉକ୍ତ ଜମାଏତକୁ ବେଆଇନ ଘୋଷଣା କରିଥିଲେ ଓ ଲୋକେ ଘୁଞ୍ଚି ନ ଗଲେ ଲୁହବୁହା ବାଷ୍ପ ପ୍ରୟୋଗ କରାଯିବ ବୋଲି ଯଥାବିଧି ସାବଧାନ କରାଇ ଦେଇଥିଲେ । ଶେଷରେ ଲୁହବୁହା ବାଷ୍ପ ପ୍ରୟୋଗ କରାଗଲା ଓ ଗଣ୍ଡଗୋଳକାରୀମାନେ ଢେଲା ପଥର ପକାଇଥିଲେ । ଫଳରେ ମାଜିଷ୍ଟ୍ରେଟ ଓ ୧୧ ଜଣ ପୁଲିସ ଆହତ ହୋଇଥିଲେ । ଏହାପରେ ଲୋକଙ୍କୁ ଘଉଡ଼ାଇବା ନିମନ୍ତେ ଥ୍ରେଟ ଲାଠିରେ ମୃଦୁ ଲାଠିଚାଳନା କରିବା ସକାଶେ ମାଜିଷ୍ଟ୍ରେଟ ଆଦେଶ ଦେଇଥିଲେ । ଏହାପରେ ଲୋକମାନେ ଘୁଞ୍ଚିଯାଇଥିଲେ ଏବଂ ମାଜିଷ୍ଟ୍ରେଟ ଓ ଶୋଲାଣ କ୍ୟାମ୍ପ କମାଣ୍ଡାଣ୍ଟ ଓ ଅନ୍ୟ କର୍ମଚାରୀମାନଙ୍କୁ ମୁକ୍ତ କରିଥିଲେ । ଏହି ଗଣ୍ଡଗୋଳ ସମୟରେ ଜମାଏତ ପକ୍ଷରୁ ଘର ପୋଡ଼ିବା ଚେଷ୍ଟା ମଧ୍ୟ ହୋଇଥିଲା । କିନ୍ତୁ ସଙ୍ଗେ ସଙ୍ଗେ ଏହାକୁ ଦବାଇ ଦିଆଯାଇଥିଲା । ଘଟଣା ସ୍ଥଳରେ ୪୧ ଜଣ ଗଣ୍ଡଗୋଳକାରୀଙ୍କୁ ଗିରଫ କରାଯାଇଥିଲା ଓ ପରେ ବହୁ ପଳାତକ ଆସାମୀ ଧରା ପଡ଼ିଥିଲେ । ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ପ୍ରାୟ ୧୯ ଜଣ ଲାଠିମାଡ଼ରେ ସାମାନ୍ୟ ଆହତ ହୋଇଥିଲେ । ସେମାନଙ୍କୁ ସଙ୍ଗେ ସଙ୍ଗେ କ୍ୟାମ୍ପ ହାସପାତାଳକୁ ନିଆଯାଇଥିଲା ଓ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା ।

ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣ ଶାନ୍ତ ଅଛି । ୪୦ଟି ପରିବାର ପୁନର୍ବସତି କେନ୍ଦ୍ରକୁ ଯିବାକୁ ସ୍ୱତଃପ୍ରବୃତ୍ତ ହୋଇ ବାହାରି ଅଛନ୍ତି ଓ ସେମାନେ ୧୫ ଦିନର ସାହାଯ୍ୟ ନେଲେଣି । ଅନ୍ୟମାନେ ମଧ୍ୟ ସେହି ପନ୍ଥା ଅନୁସରଣ କରିବେ ବୋଲି ଆଶା କରାଯାଏ । କାରଣ ଏହି ସକ୍ରିୟ ଅସହଯୋଗ ଆନ୍ଦୋଳନକୁ ଉତ୍ତେଜିତ କରୁଥିବା ମୁଖ୍ୟ ନେତାମାନଙ୍କ ପ୍ରଭାବରୁ ସେମାନେ ବର୍ତ୍ତମାନ ମୁକ୍ତ ହୋଇ ଅଛନ୍ତି ।

ଆଶ୍ଚର୍ଯ୍ୟର କଥା ଏହି ଯେ କାଟିଲଗୋଠା (କୃଷ୍ଣପୁର) ପୁନର୍ବସତି କେନ୍ଦ୍ରରେ ପାଣି ଅଭାବ ପଡ଼ିବ ବୋଲି ଆଶ୍ରୟପ୍ରାର୍ଥୀମାନେ ପୂର୍ବରୁ କ୍ୟାମ୍ପ ଅଫିସର ବା ମନ୍ତ୍ରୀଙ୍କୁ ଜଣାଇ ନ ଥିଲେ ମଧ୍ୟ ବର୍ତ୍ତମାନ ସେହି ଆଳ ଦେଖାଇ ସେମାନେ ସେଠାକୁ ଯିବାକୁ ନାହିଁ କରୁଛନ୍ତି । ସରକାର ଏକଥା ପରିଷ୍କାର ଜଣାଇ ଦେବାକୁ ଚାହାନ୍ତି ଯେ ଆଶ୍ରୟପ୍ରାର୍ଥୀମାନେ ଯେଉଁ କାଣ୍ଡ କଲେ, ତାହାକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପରେ ଏଭଳି ଗୋଟିଏ ଆଳ ଦେଖାଉ ଅଛନ୍ତି । ଯୁକ୍ତ ଅଫିସର ଓ ସେଠାକୁ ୧୫ ଦିନ ଆଗରୁ ଯାଇଥିବା ସେମାନଙ୍କର ବନ୍ଧୁମାନଙ୍କଠାରୁ ସେମାନେ ଆଗରୁ ବୁଝିଥିଲେ ଯେ ସେଠାରେ ଏକାଧିକ ପ୍ରାକୃତିକ ଝରଣା ଅଛି ଓ ସେଥିରୁ ସବଦା ୩ କ୍ୟୁସେକ୍ ପାଣି ବାହାରୁଅଛି । ଏହାଛଡ଼ା ସାମୟିକ ଜଳ ଯୋଗାଇବା ନିମନ୍ତେ ପ୍ରଚୁର ଜଳ ଥିବା ୩ଟି ଅସ୍ଥାୟୀ କୂଅ ଖୋଳା ଯାଇଅଛି । ଆଉ ମଧ୍ୟ ଗାଧୁଆ ପାଧୁଆ ପାଇଁ ଗୋଟିଏ ପୋଖରୀ ଅଛି । ଆଶ୍ରୟପ୍ରାର୍ଥୀମାନେ ସେଠାକୁ ଯାଇ ସାରିଲେ ସ୍ଥାୟୀ କୂଅ ଖୋଳାଯିବ ଓ ଅନ୍ୟାନ୍ୟ ସ୍ଥାୟୀ ନିର୍ମାଣ କାର୍ଯ୍ୟ କରାଯିବ ।

---

## ଜୀବନବୀମା କର୍ପୋରେଶନ କର୍ମଚାରୀଙ୍କ ଚାକିରୀ ସର୍ତ୍ତ
## ଓଡ଼ିଶାର କୌଣସି ପ୍ରତିନିଧି ଦଳ ଅର୍ଥମନ୍ତ୍ରୀଙ୍କୁ ଭେଟି ନାହାନ୍ତି

ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଅର୍ଥ ଉପମନ୍ତ୍ରୀ ଶ୍ରୀ ବି. ଆର. ଭଗତ ଜଣାଇଛନ୍ତି ଯେ ଭାରତ ସରକାର ଭାରତର ଜୀବନ-ବୀମା କର୍ପୋରେଶନ କର୍ମଚାରୀମାନଙ୍କ ସହିତ କୌଣସି

ତାକୁ ରଦ୍ଦ କରି ନାହାନ୍ତି । ସେମାନଙ୍କ ବେତନହାର ଆଦି ସମ୍ପର୍କରେ ଜୀବନବୀମା କର୍ପୋରେଶନ କର୍ତ୍ତୃକ ପଠା-ଯାଇଥିବା କେତେକ ପ୍ରସ୍ତାବ କର୍ମଚାରୀ ପ୍ରତିନିଧିମାନଙ୍କ ସହିତ ଆଲୋଚନା ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିଲା ଏବଂ ୧୯୫୭ ଜୁନ ଷଷ୍ଠ ଦିନ ଏକ ଆଦେଶନାମା ଆକାରରେ ତାହା ଜଣାଇ ଦିଆଯାଇଥିଲା । ଏହି ଆଦେଶନାମାର ବ୍ୟବସ୍ଥାଗୁଡ଼ିକ ଜୀବନବୀମା କର୍ପୋରେଶନର ଦକ୍ଷିଣାଞ୍ଚଳ ସଂସ୍ଥା ସମେତ ସକଳ ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହୋଇଛି ।

ଏ ସମ୍ପର୍କରେ କର୍ମଚାରୀମାନଙ୍କ ପକ୍ଷରୁ କୌଣସି ଅଭିଯୋଗ ମିଳିନାହିଁ ବୋଲି ଏକ ପ୍ରଶ୍ନର ଉତ୍ତରରେ ଉପମନ୍ତ୍ରୀ ଜଣାଇଥିଲେ ।

ଓଡ଼ିଶାର ଜୀବନବୀମା କର୍ପୋରେଶନ କର୍ମଚାରୀ-ମାନଙ୍କ ପକ୍ଷରୁ କୌଣସି ପ୍ରତିନିଧିଦଳ ନିଜର ଦାବୀ ଜଣାଇବା ପାଇଁ ସମ୍ପ୍ରତି ଅର୍ଥମନ୍ତ୍ରୀଙ୍କୁ ଭେଟିଥିଲେ କି ବୋଲି ଶ୍ରୀ ବୃନ୍ଦାବନ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଭଗତ ନାହିଁ କହିଥିଲେ ।

## ରାଉରକେଲା ଇସ୍ପାତ କାରଖାନାରେ ଆଦିବାସୀଙ୍କ ନିଯୁକ୍ତି

ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଇସ୍ପାତ, ଖଣି ଓ ଇନ୍ଧନ ମନ୍ତ୍ରୀ ସର୍ଦ୍ଦାର ସ୍ୱରଣ ସିଂହ କହିଛନ୍ତି ଯେ ରାଉରକେଲା ଇସ୍ପାତ୍ କାରଖାନାରେ ନିୟମିତ କାମ କରୁଥିବା କର୍ମଚାରୀଙ୍କ ସଂଖ୍ୟା ବର୍ତ୍ତମାନ ୧,୬୦୭ । ସେମାନଙ୍କ ମଧ୍ୟରୁ ୭୭ ଜଣ ହେଉଛନ୍ତି ବାସଚ୍ୟୁତ ବ୍ୟକ୍ତି । ଏହାଛଡ଼ା ୭,୯୨୮ ଜଣ ସାମୟିକ କର୍ମଚାରୀ ଏଠାରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରେ ବାସଚ୍ୟୁତ ବ୍ୟକ୍ତିଙ୍କ ସଂଖ୍ୟା ୧,୦୮୭ ।

ସର୍ଦ୍ଦାର ସ୍ୱରଣ ସିଂହ ଆହୁରି ମଧ୍ୟ ପ୍ରକାଶ କଲେ ଯେ କାରଖାନା ନିକଟରେ କାମ କରୁଥିବା ଭିନ୍ନ କଣ୍ଟ୍ରାକ୍ଟରମାନେ ପ୍ରାୟ ୩,୦୦୦ ବାସଚ୍ୟୁତ ବ୍ୟକ୍ତିଙ୍କୁ କାମରେ ନିଯୁକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ।

ବାସଚ୍ୟୁତ ଆଦିବାସୀମାନଙ୍କୁ ଇସ୍ପାତ୍ କାରଖାନା କାମରେ ଉପଯୁକ୍ତ ଭାବରେ ନିଯୁକ୍ତ କରାଯାଉ ନାହିଁ ବୋଲି ସରକାର କୌଣସି ଅଭିଯୋଗ ପାଇଛନ୍ତି କି ବୋଲି ପଚରା ଯିବାରେ ସେ କହିଲେ ଯେ ଯୋଜନାରେ ସମସ୍ତ ବାସଚ୍ୟୁତ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଉ ନାହିଁ ବୋଲି ମଝିରେ ମଝିରେ କୁହାଯାଉଛି; ମାତ୍ର ବାସଚ୍ୟୁତ ଆଦିବାସୀଙ୍କ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିନାହିଁ ।

## ବସ୍ତି ସଫେଇ ପରିକଳ୍ପନା : ଦ୍ୱିତୀୟ ଯୋଜନାକାଳରେ ଓଡ଼ିଶା କେନ୍ଦ୍ରରୁ ୯ ଲକ୍ଷ ଟଙ୍କା ପାଇବ

ଚଳିତ ୧୯୫୮ ମସିହା ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ବସ୍ତି ସଫେଇ ପରିକଳ୍ପନା ଅନୁଯାୟୀ କେନ୍ଦ୍ର ପୂର୍ତ୍ତ, ଗୃହନିର୍ମାଣ ଓ ଯୋଗାଣ ମନ୍ତ୍ରଣାଳୟ ଓଡ଼ିଶା ସମେତ ଦଶଟି ରାଜ୍ୟର ୭୨ଟି ବସ୍ତି ସଫେଇ ଯୋଜନା ମଞ୍ଜୁର କରିଛନ୍ତି । ଏହି ଯୋଜନାଗୁଡ଼ିକ ଅନୁଯାୟୀ ୧୮,୦୯୧ଟି ବାସଗୃହ ନିର୍ମିତ ହେବ ଏବଂ ୫,୯୭୫ଟି ଗଡ଼ିଆ ଜମିକୁ ବାସୋପଯୋଗୀ କରାଯିବ । ଏଥିପାଇଁ ୬ କୋଟି ୪୭ ଲକ୍ଷ ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି ।

ଯୋଜନାଗୁଡ଼ିକ ପାଇଁ ଅନୁମୋଦିତ ମୋଟ ବ୍ୟୟ ମଧ୍ୟରୁ କେନ୍ଦ୍ର ସରକାର ୪ କୋଟି ୮୪ ଲକ୍ଷ ଟଙ୍କା ଦେବେ । ତାର ଦୁଇ-ତୃତୀୟାଂଶ ଋଣରୂପେ ଏବଂ ଏକ-ତୃତୀୟାଂଶ ସାହାଯ୍ୟରୂପେ ମିଳିବ । କେନ୍ଦ୍ର ସରକାର ନିଜର ଆର୍ଥିକ ସାହାଯ୍ୟ ଦେୟ ବାବଦରେ ଯେଉଁ ଟଙ୍କା ମଞ୍ଜୁର କରି ସାରିଲେଣି,

ସେଥିମଧ୍ୟରୁ ୧୯୫୮ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ୫୪ ଲକ୍ଷ ୮୭ ହଜାର ଟଙ୍କା ବଣ୍ଟନ କରାଯାଇଛି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବସ୍ତି ସଫେଇ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି । ସେଥିମଧ୍ୟରୁ ୫ କୋଟି ଟଙ୍କା ରାଜ୍ୟ ସରକାରମାନେ ଯୋଗାଡ଼ କରିବେ; ଅବଶିଷ୍ଟ କେନ୍ଦ୍ର ସରକାର ଯୋଗାଇବେ । କେନ୍ଦ୍ର ସରକାରଙ୍କ ଦେୟ ମଧ୍ୟରୁ ୧୧ କୋଟି ୧୪ ଲକ୍ଷ ଟଙ୍କା ବିଭିନ୍ନ ରାଜ୍ୟ ନାମରେ ବରାଦ ହୋଇ ସାରିଲାଣି । ୧୯୫୭-୫୮ ଆର୍ଥିକ ବର୍ଷ ପାଇଁ ଏକ କୋଟି ଟଙ୍କା ରଖାଯାଇଛି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ବିଭିନ୍ନ ରାଜ୍ୟକୁ ଯେଉଁ ଅର୍ଥ ବରାଦ ହୋଇଛି, ସେଥିମଧ୍ୟରୁ ଓଡ଼ିଶା ଭାଗରେ ୯ ଲକ୍ଷ ଟଙ୍କା ପଡ଼ିଛି । ୧୯୫୭-୫୮ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ୭୫ ହଜାର ଟଙ୍କା ବରାଦ କରିଛନ୍ତି ।

---

## ଓଡ଼ିଶାର କେନ୍ଦୁପତ୍ର ବ୍ୟବସାୟ

ଓଡ଼ିଶା ସରକାରଙ୍କ ପ୍ରକାଶ ବିଭାଗ ଜଣାଇ ଅଛନ୍ତି :—

ଗତ ବର୍ଷ ଫେବୃୟାରି ୨୦ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲାର ଗୁରୁଗୁଡ଼ିଆଠାରେ ହୋଇଥିବା ଓଡ଼ିଶା ଜଙ୍ଗଲ ବିଭାଗୀୟ ଅଫିସର ସମ୍ମିଳନୀରେ ଜଙ୍ଗଲ ବିଭାଗ ସମ୍ପର୍କୀୟ କେତେକ ଗୁରୁତର ବିଷୟ ଆଲୋଚିତ ହୋଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ କେନ୍ଦୁପତ୍ର ବ୍ୟବସାୟ ବିଷୟ ମଧ୍ୟ ଉଠିଥିଲା ଓ କେନ୍ଦୁପତ୍ର ଠିକାଦାର, ପ୍ରଜା ଓ ତୋଳାଳୀଙ୍କ ସ୍ୱାର୍ଥ ଉପରେ କୌଣସି ଆଞ୍ଚ ନ ଆଣି ଏହି ବ୍ୟବସାୟକୁ କିପରି ନିୟନ୍ତ୍ରିତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ବିସ୍ତୃତଭାବରେ ଆଲୋଚନା କରି ସରକାର ନିଯୁକ୍ତ କରିଥିବା ଜଙ୍ଗଲ ତଦନ୍ତ କମିଟିର ବିଚାର ନିମନ୍ତେ ସମ୍ମିଳନୀ କେତେକ ଗୁରୁତ୍ୱ ସୁପାରିଶ କରିଥିଲେ । ଗତ ତା ୧ । ୩ । ୫୮ ରିଖର ଅମୃତ ବଜାର ପତ୍ରିକାରେ ପ୍ରକାଶିତ ହୋଇଛି ଯେ ବିନା ଲାଇସେନ୍ସରେ କୌଣସି ବ୍ୟକ୍ତି ଏକ ମହଣରୁ ଅଧିକ କେନ୍ଦୁପତ୍ର ଜମାଇ ରଖି ପାରିବେ ନାହିଁ ବୋଲି ବର୍ତ୍ତମାନ ଯେଉଁ କଟକଣା ଅଛି, ତାହା ଉଠିଗଲେ ଓ ପ୍ରଜାମାନେ ଏଣିକି ସେମାନଙ୍କ ଜମିରୁ କେନ୍ଦୁପତ୍ର ସଂଗ୍ରହ କରି ରଖିପାରିବେ । ତେବେ ସେମାନେ ସେମାନଙ୍କ ଅଞ୍ଚଳରେ କେନ୍ଦୁପତ୍ର ଠିକା ନେଇଥିବା ଠିକାଦାର ଛଡ଼ା ଅନ୍ୟ ଲୋକଙ୍କୁ ତାହା ବିକି ପାରିବେ ନାହିଁ । ମୂଲ୍ୟ ନିର୍ଦ୍ଧାରଣ କମିଟି ଯେଉଁ ଦର ଧାର୍ଯ୍ୟ କରିଦେବେ ସେହି ଦରରେ ପ୍ରଜାମାନେ କେନ୍ଦୁପତ୍ର ବିକିବେ ।

କେତେକ ସମ୍ପୃକ୍ତ ପକ୍ଷ ଏହି ସମ୍ବାଦର ନାନା ଭୁଲ ଅର୍ଥ କରିବାଫଳରେ ଜନସାଧାରଣ; ବିଶେଷ କରି କେନ୍ଦୁପତ୍ର ଠିକାଦାରଙ୍କ ମନରେ କେତେକ ସନ୍ଦେହ ଉପୁଜି ସେମାନେ କେନ୍ଦୁପତ୍ର ବ୍ୟବସାୟରେ ବିପଦ ଆଶଙ୍କା କରୁଥିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଛି ।

ପ୍ରକୃତପକ୍ଷେ କେନ୍ଦୁପତ୍ର ଠିକାଦାରଙ୍କ ସ୍ୱାର୍ଥରେ ବାଧା ଉପୁଜାଇବା ଭଳି କୌଣସି କଥା ଉକ୍ତ ସମ୍ମିଳନୀ ସରକାରଙ୍କୁ ସୁପାରିଶ କରି ନାହାନ୍ତି । ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରି ନାହାନ୍ତି । ବିନା ଲାଇସେନ୍ସରେ ବିକିବା ଉଦ୍ଦେଶ୍ୟରେ ମହଣକରୁ ବେଶି କେନ୍ଦୁପତ୍ର କେହି ଜମାଇ ରଖି ପାରିବେ ନାହିଁ ବୋଲି ୧୯୪୯ ମସିହାର କେନ୍ଦୁପତ୍ର ନିୟନ୍ତ୍ରଣ ଆଦେଶରେ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ଏବେ ମଧ୍ୟ ବଳବତ୍ତ ଅଛି ।

---

## ଗୁଡ଼ଲ ଉପରେ ବିକ୍ରିକର ବସିଲା

ଓଡ଼ିଶା ସରକାରଙ୍କ ଅର୍ଥବିଭାଗ ନିମ୍ନଲିଖିତ ପ୍ରେସନୋଟ ପ୍ରକାଶ କରନ୍ତି :—

ତା ୧ । ୪ । ୫୮ ମସିହାଠାରୁ ଗୁଡ଼ଲ ଉପରେ ଶତକଡ଼ା ୧ ହିସାବରେ ବିକ୍ରିକର ବସାଇବା ପାଇଁ ସରକାର ସ୍ଥିର କରିଛନ୍ତି । ମାଲର ଶେଷ ବିକ୍ରି ସ୍ଥଳରେ ଏହା ଆଦାୟ କରାଯିବ । ଟଙ୍କାକରେ ୧ନୂଆ ପଇସା ହିସାବରେ ଏହି କର ଆଦାୟ କରାଯାଉଥିବାରୁ ଗୁଡ଼ଲର ଖୁଚୁରା ମୂଲ୍ୟ ଏଥିଯୋଗୁଁ ବିଶେଷ ବୃଦ୍ଧି ପାଇବ ନାହିଁ ବୋଲି ସରକାର ଆଶା କରନ୍ତି ।

(୨) ଖୁଚୁରା ବେପାରୀମାନେ ହିସାବପତ୍ର ରଖିବା ଓ ସେଲ୍‌ଟେକସ ଅଫିସରଙ୍କ ନିକଟରେ ରିଟର୍ଣ୍ଣ ବା ହିସାବ ବିବରଣ ଦାଖଲ କରିବାରେ ଯେଉଁ ସବୁ ଅସୁବିଧା ଭୋଗ କରୁଛନ୍ତି ବୋଲି ଥରକୁ ଥର ଅଭିଯୋଗ କରିଛନ୍ତି, ସରକାର ସେ ସବୁ ବିଷୟରେ ସତର୍କତା ସହ ବିଚାର କରିଛନ୍ତି । ବର୍ତ୍ତମାନ ସରକାର ସ୍ଥିର କରିଛନ୍ତି ଯେ ଯେଉଁମାନଙ୍କର ବିକ୍ରି ଟ ୨୫,୦୦୦ରୁ ଅଧିକ ନୁହେଁ, ସେମାନଙ୍କ ପକ୍ଷରେ ଦୈନିକ ସବୁ ପ୍ରକାର ମାଲର ଖୁଣ୍ଟିନାଟି ବିକ୍ରୟ ହିସାବ ରଖିବା ପରିବର୍ତ୍ତେ ପୁଙ୍ଖାନୁପୁଙ୍ଖ ଖରିଦ ହିସାବ ଓ ଦୈନିକ ମୋଟ ବିକ୍ରୟର ଗୋଟିଏ ସରଳ ହିସାବ ରଖିଲେ ଯଥେଷ୍ଟ ହେବ । ଏହାଛଡ଼ା ସରକାର ଆଉ ଏକ ପଦ୍ଧତି ଚଳାଇବା ସ୍ଥିର କରିଛନ୍ତି; ଯାହା ଫଳରେ ବେପାରୀମାନେ ମାସରେ ଥରେ ବା ତିନି ମାସରେ ଥରେ ସ୍ଥିର କରାଯାଇଥିବା ମୋଟ ଟଙ୍କା ଉପରେ ହାରାହାରି ଦରରେ ଟିକସ ଦେଇ ପାରିବେ । ଏଥିପାଇଁ ବେପାରୀମାନଙ୍କୁ ନିମ୍ନ ପ୍ରକାରେ ତିନି ଶ୍ରେଣୀରେ ବିଭକ୍ତ କରାଯିବ ଓ ପ୍ରତି ଶ୍ରେଣୀ ପାଇଁ ମୋଟ କେତେ ଟଙ୍କାରୁ କେତେ ଟଙ୍କା ମଧ୍ୟରେ ଟିକସ ଦେବାକୁ ହେବ, ତାହା ସ୍ଥିର କରାଯିବ ।

| | |
|---|---|
| ଟ ୧୦,୦୦୦୲ଠାରୁ | ଟ ୧୫,୦୦୦୲ |
| ଟ ୧୫,୦୦୧୲ଠାରୁ | ଟ ୨୦,୦୦୦୲ |
| ଟ ୨୦,୦୦୧୲ଠାରୁ | ଟ ୨୫,୦୦୦୲ |

ପ୍ରତ୍ୟେକ ଶ୍ରେଣୀର ବେପାରୀମାନଙ୍କୁ କେତେ ଟିକସ ଦେବାକୁ ହେବ, ତାହା ଓଡ଼ିଶା ବିକ୍ରିକର ଆଇନର ଏକ ନିୟମ ଆକାରରେ ଅଳ୍ପଦିନ ମଧ୍ୟରେ ଘୋଷଣା କରାଯିବ ସମ୍ପୃକ୍ତ ବ୍ୟକ୍ତିମାନେ ଏହା ଉପରେ ନିଜ ନିଜ ମତାମତ ଦେବା ପାଇଁ ଆଇନାନୁଯାୟୀ ଯଥେଷ୍ଟ ସମୟ ପାଇବେ । ଏ ସବୁ ମତାମତର ବିଚାର ପରେ ଉକ୍ତ ନିୟମକୁ ଚୂଡ଼ାନ୍ତ କରାଯିବ । ୧୯୫୮-୫୯ର ପ୍ରଥମ ତିନି ମାସର ଟିକସ ଧାର୍ଯ୍ୟ କରିବା ସମୟ ହେବା ପୂର୍ବରୁ ଏ ବ୍ୟବସ୍ଥାର ଚୂଡ଼ାନ୍ତ ନିଷ୍ପତ୍ତି କରାଯିବ । ଆଶା କରାଯାଏ ଯେ, ସରକାରଙ୍କ ଏ ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିବେ ଓ ବେପାରୀମାନେ ଏହାର ପୂର୍ଣ୍ଣ ସଦୁପଯୋଗ କରିବେ ।

---

## ସୀତାମାଢ଼ିରେ ରାମ-ନବମୀ ମେଳା

ଓଡ଼ିଶାର ସ୍ୱାସ୍ଥ୍ୟ ଡିରେକ୍ଟର ଜଣାଇ ଅଛନ୍ତି ଯେ ବିହାର ରାଜ୍ୟର ମୁଜାଫରପୁର ଜିଲ୍ଲା ସୀତାମାଢ଼ିଠାରେ ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖଠାରୁ ରାମନବମୀ ମେଳା ଆରମ୍ଭ ହୋଇଅଛି । ଏହି ମେଳା ଶେଷ ହେଲେ ଉକ୍ତ ଜିଲ୍ଲାର ସିଂହର ଓ ଗରସାଉଣ୍ଡିଠାରେ ମଧ୍ୟ ମେଳା ଅନୁଷ୍ଠିତ ହେବ । ଏହି ସବୁ ମେଳାକୁ ଦେଶର ବିଭିନ୍ନ ଅଞ୍ଚଳରୁ ବହୁ ଯାତ୍ରୀ ଯାଉ ଅଛନ୍ତି ।

ଏହି ସବୁ ମେଳାରେ ହଇଜା ଓ ବସନ୍ତ ଯେପରି ନ ବ୍ୟାପିବ, ସେ ଦୃଷ୍ଟିରୁ ସେଠାକୁ ଯାଉଥିବା ଯାତ୍ରୀମାନେ ହଇଜା ପ୍ରତିଷେଧକ ଇଂଜେକସନ ଓ ବସନ୍ତ ପ୍ରତିଷେଧକ ଟିକା ନେବା ଆବଶ୍ୟକ ।

ଓଡ଼ିଶାରୁ ଯେଉଁମାନେ ଏହି ସବୁ ମେଳାକୁ ଯିବେ, ସେମାନେ ନିଜ ନିଜର ଜିଲ୍ଲା ସିଭିଲସର୍ଜନ, ଜିଲ୍ଲା ସ୍ୱାସ୍ଥ୍ୟ ଅଫିସର ବା ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ଅଫିସରଙ୍କ

ଠାରୁ ମାଗଣାରେ ହଇଜା ଓ ବସନ୍ତର ପ୍ରତିଷେଧକ ଇଂଜେକସନ ଓ ଟିକା ନେଇ ତହିଁର ପ୍ରମାଣପତ୍ର ପାଇପାରିବେ । ଏହି ପ୍ରମାଣପତ୍ର ସେମାନଙ୍କୁ ମେଳା ଅଞ୍ଚଳରେ ପ୍ରବେଶ କରିବା ପୂର୍ବରୁ ଦେଖାଇବାକୁ ପଡ଼ିବ ।

---

## ଓଡ଼ିଶା ଛାତ୍ରଙ୍କ ଜାଣିବା ପାଇଁ

ଓଡ଼ିଶାର ଡେପୁଟି ଶିଳ୍ପ ଡିରେକ୍ଟର (ବୈଷୟିକ) ଜଣାଇଛନ୍ତି :—

ଓଡ଼ିଶା ଛାତ୍ରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି, ଯେଉଁମାନେ ଯାଦବପୁରସ୍ଥ ଇଞ୍ଜିନିୟରିଂ ଓ ଟେକ୍‌ନୋଲଜି କଲେଜରେ ୧୯୫୮-୫୯ ମସିହାରେ ନାମ ଲେଖାଇବାକୁ ଚାହାନ୍ତି, ସେମାନେ ଯାଦବପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କଲିକତା-୩୨ଙ୍କୁ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫାରମରେ ଦରଖାସ୍ତ ଦିଅନ୍ତୁ । ଏହି ଦରଖାସ୍ତ ଫାରମପାଇଁ ୧୨ ନୂଆ ପଇସା ମୂଲ୍ୟର ଡାକଟିକଟ ଯାଦବପୁର ବିଶ୍ୱବିଦ୍ୟାଳୟ ଅଫିସକୁ ଏପ୍ରିଲ ୨୫ ତାରିଖ ସୁଦ୍ଧା ପଠାଇବାକୁ ହେବ ।

ଦରଖାସ୍ତକାରୀମାନେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତରେ ଅନ୍ତତଃ ପକ୍ଷେ ଆଇ. ଏସ୍‌ସି. ପାଶ କରିଥିବେ ଓ ଗଣିତରେ ଶତକଡ଼ା ୫୦ ନମ୍ବର ରଖିଥିବେ । ସେମାନଙ୍କର ବୟସ ୧୭ ବର୍ଷରୁ କମ୍ ହୋଇ ନ ଥିବ । ଆଇ. ଏସ୍‌ସି. ପାଶ ପ୍ରାର୍ଥୀଙ୍କ ବୟସ ନାମ ଲେଖାଇବା ଦିନ ୨୦ ବର୍ଷରୁ ଓ ବି. ଏସ୍‌ସି. ପାଶ ପ୍ରାର୍ଥୀଙ୍କ ବୟସ ୨୨ ବର୍ଷରୁ ବେଶି ହୋଇ ନ ଥିବ ।

ଉକ୍ତ କଲେଜର ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍‌ଟ୍ରିକାଲ୍ ଇଞ୍ଜିନିୟରିଂ, ଟେଲି କମ୍ୟୁନିକେଶନ ଇଞ୍ଜିନିୟରିଂ, ସିଭିଲ ଇଞ୍ଜିନିୟରିଂ ଓ ମେକାନିକାଲ୍ ଇଞ୍ଜିନିୟରିଂ ବିଷୟରେ ଶିକ୍ଷା ଦିଆଯିବ ।

---

## ବୈଷୟିକ ଅଭିଜ୍ଞତାପାଇଁ ଛାତ୍ର ବିନିମୟ

ଭାରତ ସରକାରଙ୍କ ଶିକ୍ଷା ଓ ବୈଜ୍ଞାନିକ ଗବେଷଣା ମନ୍ତ୍ରଣାଳୟ ଜଣାଇ ଅଛନ୍ତି :—

ବୈଷୟିକ ଅଭିଜ୍ଞତା ହାସଲ କରିବାପାଇଁ ଯେଉଁ ଆନ୍ତର୍ଜାତିକ ଛାତ୍ର ବିନିମୟ ସଙ୍ଘ ଅଛି, ତାହାର ଆନୁକୂଲ୍ୟରେ ସୁଇଡେନରେ ଜଣେ ଭାରତୀୟ ଛାତ୍ର ମେକାନିକାଲ୍ ଇଞ୍ଜିନିୟରିଂରେ ବାରମାସ ବାସ୍ତବ ତାଲିମ ପାଇବାର ବ୍ୟବସ୍ଥା ହୋଇଅଛି ।

ଏଥିପାଇଁ ଯେଉଁମାନେ ପ୍ରାର୍ଥୀ ହେବେ, ସେମାନେ ୧୯୫୬ ବା ୧୯୫୭ ମସିହାରେ ମେକାନିକାଲ୍ ଇଞ୍ଜିନିୟରିଂରେ ଦ୍ୱିତୀୟ ଶ୍ରେଣୀ ଉପାଧି ପାଇଥିବା ଆବଶ୍ୟକ । ଉପାଧିପ୍ରାପ୍ତି ପରେ ସେମାନଙ୍କର ୬ ମାସରୁ ବେଶି ବାସ୍ତବ ଅଭିଜ୍ଞତା ଥିବ ଓ ୧୯୫୮ ମସିହା ଏପ୍ରିଲ ୨୬ ତାରିଖ ସୁଦ୍ଧା ସେମାନଙ୍କର ବୟସ ୨୫ ବର୍ଷରୁ କମ୍ ହୋଇଥିବ ।

ମନୋନୀତ ପ୍ରାର୍ଥୀ ସୁଇଡେନର ଯେଉଁ ପ୍ରତିଷ୍ଠାନରେ ତାଲିମ ପାଇବେ, ସେଠାରୁ ତାଙ୍କୁ ମାସକୁ ପ୍ରାୟ ଟ ୫୨୫୯ ପାରିଶ୍ରମିକ ମିଳିବ । ଯିବା ଆସିବା ଖର୍ଚ୍ଚ ପ୍ରାର୍ଥୀଙ୍କୁ ନିଜେ ବହନ କରିବାକୁ ପଡ଼ିବ ।

ଏଥିପାଇଁ ଦରଖାସ୍ତ ଫାରମ ଓ ଅନ୍ୟାନ୍ୟ ବିବରଣୀ ଭାରତ ସରକାରଙ୍କ ଶିକ୍ଷା ଓ ବୈଜ୍ଞାନିକ ଗବେଷଣା ମନ୍ତ୍ରଣାଳୟ ( ବୃତ୍ତି ବିଭାଗ ଏସ୍. ୪ ) ନୂଆ ଦିଲ୍ଲୀରୁ ମିଳିବ । ଦରଖାସ୍ତ ସେଠାରେ ୧୯୫୮ ମସିହା ଏପ୍ରିଲ ୨୬ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।

# ବିଭିନ୍ନ ଜିଲ୍ଲାର ଅଗ୍ରଗତି

## ସମ୍ବଲପୁର ଜିଲ୍ଲା

### ଡାଲୁଅ ଧାନଚାଷ

ଏ ବର୍ଷ ସମ୍ବଲପୁର ଜିଲ୍ଲାରେ ୮୨୧୦ ଏକର ଜମିରେ ଡାଲୁଅ ଧାନଚାଷ ହୋଇଛି । ଗ୍ରାମପଞ୍ଚାୟତ ଓ ରେଭେନ୍ୟୁ ଅଫିସରମାନଙ୍କ ଜରିଆରେ ବିହନ ବଣ୍ଟାଯାଇଥିଲା । ଏଥିପାଇଁ ୨ଟି ପଦ୍ଧତି ଅବଲମ୍ବନ କରାଯାଇଛି । ଗୋଟିଏ ପଦ୍ଧତିରେ ଚାଷୀମାନଙ୍କୁ ଶତକଡ଼ା ୬୫ ସୁଧରେ ବିହନ ଋଣ ସ୍ୱରୂପ ଦିଆଯାଉଛି । ଅନ୍ୟ ପଦ୍ଧତିରେ ସରକାର ଚାଷୀଙ୍କୁ ଯେତିକି ଡାଲୁଅ ଧାନ ଦେଇଥିବେ, ତାହାଠାରୁ ସେତିକି ସାଧାରଣ ବିହନ ନେବେ ଏବଂ ଡାଲୁଅ ଧାନର ଦାମ ଯାହା ହେବ, ତାହାର ଶତକଡ଼ା ସାଢ଼େ ୧୨ ଭାଗ ମଧ୍ୟ ଚାଷୀଙ୍କୁ ଦେବେ ।

---

## କୋରାପୁଟ ଜିଲ୍ଲା

### ପଶୁମେଳା

ଏ ଜିଲ୍ଲାର ସ୍ଥାନୀୟ ପଶୁଡାକ୍ତରଖାନା ହତାରେ ମାର୍ଚ୍ଚ ୧୭ ତାରିଖରେ ଗୋଟିଏ ପଶୁମେଳା ଅନୁଷ୍ଠିତ ହୋଇଥିଲା । ଭଲ ଗୋରୁଗାଈ ଆଣିଥିବା ଲୋକମାନଙ୍କୁ ପୁରସ୍କାର ଦିଆଯାଇଥିଲା ।

---

## ବଲାଙ୍ଗୀର ଜିଲ୍ଲା

### ସାକାମା ଗ୍ରାମପଞ୍ଚାୟତ

ବଲାଙ୍ଗୀର ଜାତୀୟ ସଂପ୍ରସାରଣ ବ୍ଲକ ଆନୁକୂଲ୍ୟରେ ଫେବୃଆରୀ ମାସରେ ସାକାମା ଗ୍ରାମପଞ୍ଚାୟତ ଅଞ୍ଚଳରେ ୧୯ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା । ୫ଟି ଆଦର୍ଶ ଗୃହ ନିର୍ମିତ ହୋଇଥିଲା । ୨୨୦ ଏକର ଜମିରେ ଜାପାନ ପ୍ରଣାଳୀରେ ଚାଷ ହୋଇଥିଲା । ୨ ଏକର ଜମିରେ ଡାଲୁଅ ଧାନଚାଷ ହୋଇଥିଲା । ସ୍ଥାନୀୟ ପଶୁଚିକିତ୍ସା ବିଭାଗ କର୍ମଚାରୀମାନେ ୪୨୮ଟି ରୋଗାକ୍ରାନ୍ତ ପଶୁ ଚିକିତ୍ସା କରିଥିଲେ । ୮ଟି କୂଅ ଖୋଳା ଯାଇଥିଲା ଓ ସଂଶୋଧିତ ହୋଇଥିଲା । ଫେବୃଆରୀ ମାସ ଶେଷଭାଗ ସୁଦ୍ଧା ସୋନପୁର ଜାତୀୟ ସଂପ୍ରସାରଣ ବ୍ଲକରେ ୧୧ଟି ନୈଶ ବିଦ୍ୟାଳୟରେ ୩୩୦ ଜଣ ପ୍ରୌଢ଼ ଶିକ୍ଷା କରୁଥିଲେ । ଏପରି ପ୍ରତ୍ୟେକ ସ୍କୁଲକୁ ୫ଟି କରି ଲଣ୍ଠନ, ୩୦ଟି ବହି ଓ ଗୋଟିଏ ଲେଖାଏଁ କଳାପଟା ଦିଆଯାଇଛି । ଗୋଛିବିମୁଣ୍ଡା ଓ ବାଦେଯୋଡ଼ାଠାରେ ଟ ୧,୩୦୦୲ ଲେଖାଏଁ ଟଙ୍କା ବ୍ୟୟରେ ୨ଟି ନୂଆ ସ୍କୁଲ ଖୋଲାଯାଇଛି । ପାଟଣାଗଡ଼ ସବ୍‌ଡିଭିଜନର ଲଇସିଂହାଠାରେ ଗୋଟିଏ ନୂଆ ସ୍କୁଲ ଖୋଲିବାପାଇଁ ଟ ୧୦୦୦୲ ମଞ୍ଜୁର କରାଯାଇଛି ।

## ବଲାଙ୍ଗୀର ସଂପ୍ରସାରଣ ବ୍ଲକରେ କାର୍ଯ୍ୟ

ଗତ ଫେବୃଆରୀ ମାସରେ ଏହି ବ୍ଲକରେ ୧୯ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା ଓ ମହଣେ ସାର ବଣ୍ଟାଯାଇଥିଲା । ୧୦ ଏକର ଜମିରେ ଫଳଚାଷ କରାଯାଇଥିଲା । ୯ ଏକର ଜମିରେ ପରିବାଚାଷ କରାଯାଇଥିଲା । ୨୨ ଏକର ପଡ଼ିଆ ଜମି ଉଠିଆ କରାଯାଇଥିଲା ଓ ଅତିରିକ୍ତ ୩ ଏକର ଜମିରେ ଜଳସେଚନ କରାଯାଇଥିଲା ।

ଏହି ମାସରେ ୩୧୧ଟି ବାଛୁରୀ ଖାସି ହୋଇଥିଲେ, ୧୫୫୪ଟି ପଶୁଙ୍କୁ ଟିକା ଦିଆଯାଇଥିଲା ଓ ୧୬୨୨ଟି ପଶୁ ଚିକିତ୍ସିତ ହୋଇଥିଲେ । ୩୨ଟି ପାଣି ଶୋଷିନେବା ଖାତ, ୧୦ଟି ଗାଡ଼ିଆ ପାଇଖାନା, ୫୦୦ ଗଜ ନର୍ଦ୍ଦମା ଓ ୫ଟି କୂଅ ତିଆରି କରାଯାଇଥିଲା । ୪୯୫ ଜଣ ରୋଗୀଙ୍କର ଚିକିତ୍ସା କରାଯାଇଥିଲା । ୩୪ଟି କୂଅ ଉଦ୍ଧୁଳା ଯାଇଥିଲା ଓ ବିଶୋଧିତ ହୋଇଥିଲା । ୫୯୮ ଜଣଙ୍କୁ ଟିକା ଓ ଇଞ୍ଜେକ୍ସନ ଦିଆଯାଇଥିଲା । ୨୪ଟି ମେଳାମହୋତ୍ସବ କରାଯାଇଥିଲା । ଶ୍ରମଦାନ ଜରିଆରେ ½ ମାଇଲ କଚ୍ଚା ରାସ୍ତା ତିଆରି ହୋଇଥିଲା, ୧୬ଟି ଘର ନୂଆ ତିଆରି ହୋଇଥିଲା ଓ ୬ଟି ଘର ମରାମତି କରାଯାଇଥିଲା ।

## ପାଟଣାଗଡ଼ ଜାତୀୟ ସଂପ୍ରସାରଣ ବ୍ଲକରେ କାମ

୧୯୫୮ ମସିହା ଫେବୃଆରୀ ମାସରେ ଏଠାରେ ନିମ୍ନଲିଖିତ କାର୍ଯ୍ୟ କରାଯାଇଛି :—

କୃଷି :—୧୩ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା । ୨୩ ଏକର ଜମିରେ ପନିପରିବା ଚାଷ ହୋଇଥିଲା ଓ ୮୩ ଏକର ପଡ଼ିଆ ଜମି ଉଠିଆ କରାଯାଇଥିଲା ।

ପଶୁପାଳନ :—୧୫୦୨ଟି ପଶୁଙ୍କୁ ଟିକା ଓ ଇଞ୍ଜେକ୍ସନ ଦିଆଯାଇଥିଲା ଓ ୧୦୪୫ଟି ରୋଗାକ୍ରାନ୍ତ ପଶୁଙ୍କୁ ଚିକିତ୍ସା କରାଯାଇଥିଲା ।

ସ୍ୱାସ୍ଥ୍ୟ:—୪୯୩୨ ଗଜ ନର୍ଦ୍ଦମା ଓ ୫ଟି କୂଅ ତିଆରି ହୋଇଥିଲା ଏବଂ ୩ଟି କୂଅ ଉଦ୍ଧୁଳା ଯାଇଥିଲା ।

ଶିକ୍ଷା :—୮ଟି ନୂଆ ପ୍ରୌଢ଼ଶିକ୍ଷା କେନ୍ଦ୍ର ଖୋଲାଯାଇଥିଲା, ୨୯୮ ଜଣ ପ୍ରୌଢ଼ ଶିକ୍ଷାଲାଭ କରିଥିଲେ ଏବଂ ୧୪୨ଟି ଗୋଷ୍ଠୀ ଆମୋଦପ୍ରମୋଦ ସଂଗଠିତ ହୋଇଥିଲା ।

ରାସ୍ତାଘାଟ :—୭ ମାଇଲ କଚ୍ଚା ରାସ୍ତା ତିଆରି ହୋଇଥିଲା ।

---

# ସୁନ୍ଦରଗଡ଼ ଜିଲା

## ସୁନ୍ଦରଗଡ଼ ବହୁଳବିକାଶ ବ୍ଲକ

ଗତ ଫେବୃଆରୀ ମାସରେ ନିମ୍ନଲିଖିତ କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ଦେଖାଯାଇଥିଲା :—

କୃଷି:—୧୯ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା, ୭ ମହଣ ୧୧ ସେର ରାସାୟନିକ ସାର, ୬ଟି କୃଷି ଉପକରଣ ଓ ୧୦ ମହଣ ଉନ୍ନତ ବିହନ ବଣ୍ଟାଯାଇଥିଲା । ଅତିରିକ୍ତ ୩୦ ଏକର ଜମିରେ ପନିପରିବାଚାଷ କରାଯାଇଥିଲା । ଏକରେ ପଡ଼ିଆ ଜମିକୁ ଉଠିଆ କରାଯାଇଥିଲା ଓ ଟେଣ୍ଡା ସାହାଯ୍ୟରେ ଅଧିକା ୧୬ ଏକର ଜମିରେ ପାଣି ମଡ଼ାଯାଇଥିଲା ।

ପଶୁପାଳନ ଓ ପଶୁଚିକିତ୍ସା :—୮୧ଟି ବାଛୁରୀ ଖାସି ହୋଇଥିଲେ, ୧୦୫୪ଟି ପଶୁଙ୍କୁ ଟିକା ଦିଆଯାଇଥିଲା; ୭୨୧ଟି ରୋଗାକ୍ରାନ୍ତ ପଶୁଙ୍କର ଚିକିତ୍ସା କରାଯାଇଥିଲା ଓ ୩ଟି ଗୁହାଳ ତିଆରି କରାଯାଇଥିଲା । ଉନ୍ନତ ଛୁଆ ପାଇବା ନିମନ୍ତେ ଲୋକଙ୍କୁ ୧୧୧ଟି ଅଣ୍ଡା ବଣ୍ଟାଯାଇଥିଲା ।

ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ :—୮ଟି ପାଣି ଶୋଷିନେବା ଖାତ, ୪ଟି ଗାଡ଼ିଆ ପାଇଖାନା ଓ ୪ଟି କୂଅ ଖୋଳାଯାଇଥିଲା । ୨ଟି କୂଅ ସଂଶୋଧନ କରାଯାଇଥିଲା ଓ ଗାଁଗଣ୍ଡା ପରିଷ୍କାର କରିବାପାଇଁ ୨ ଥର ଅଭିଯାନ ଚଳାଯାଇଥିଲା । ପିଇବା ପାଣି ଯୋଗାଇବା ପାଇଁ ୫ଟି କୂଅ ଖୋଳାଯାଇଥିଲା ।

ସାମାଜିକ ଶିକ୍ଷା :—୩୨ଟି ମେଳାମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ଗମନାଗମନ ଓ ନିର୍ମାଣ କାର୍ଯ୍ୟ :—ମାଇଲିଏ କଚ୍ଚା ରାସ୍ତା ଓ ୫ଟି ନୂଆ ଘର ତିଆରି ହୋଇଥିଲା ଓ ୮ଟି ଘର ମରାମତି ହୋଇଥିଲା ।

ଖର୍ଚ୍ଚ :—ଏହିସବୁ କାର୍ଯ୍ୟପାଇଁ ଲୋକମାନେ ଶ୍ରମ ଆକାରରେ ଟ ୩୧୭୨୮ ଦେଇଥିଲେ ଓ ନଗଦ ଟ ୨୧୭୭୯ ଖର୍ଚ୍ଚ ହୋଇଥିଲା ।

---

# କେନ୍ଦୁଝର ଜିଲ୍ଲା

## କେନ୍ଦୁଝରଗଡ଼ ଜାତୀୟ ସଂପ୍ରସାରଣ ବ୍ଲକ

ଗତ ଫେବୃଆରି ମାସରେ ୩ଟି କମ୍ପୋଷ୍ଟ ଖାତ ଖୋଳାଯାଇଥିଲା । ମ୩।୧୮ ସେର ସାର ଓ ୧ ମହଣ ବିହନ ବଣ୍ଟାଯାଇଥିଲା । ୧୪୧ଟି ପଶୁଙ୍କୁ ଟିକା ଦିଆଯାଇଥିଲା ଓ ୧୧୯ଟି ବାହୁଙ୍ଗ ଧରା ହୋଇଥିଲେ । ୭.୫୦ ଏ: ଜମିରେ ପରିବାଚାଷ କରାଯାଇଥିଲା ଓ ଅଧିକା ୧୫୨ ଏକରରେ ଜଳସେଚନର ସୁବିଧା କରାଯାଇଥିଲା । ଗୋଟିଏ ପାଣି ଶୋଷିନେବା ଖାତ, ୩୩୦୦ ଗଜ ନର୍ଦ୍ଦମା ଏବଂ ୧୧୦୦ ଗଜ କଚ୍ଚା ରାସ୍ତା ତିଆରି ହୋଇଥିଲା । ଏସବୁ ଉନ୍ନୟନ କାର୍ଯ୍ୟପାଇଁ ଲୋକେ ଶ୍ରମ ଆକାରରେ ଟ ୨୮୪୨ ଦେଇଥିଲେ ।

---

# ବାଲେଶ୍ୱର ଜିଲ୍ଲା

## ପରିବାର ନିୟନ୍ତ୍ରଣ କେନ୍ଦ୍ର

ମାର୍ଚ୍ଚ ୧୬ ତାରିଖରେ ବାଲେଶ୍ୱର ସଦର ହାସପାତାଳରେ ଗୋଟିଏ ପରିବାର ନିୟନ୍ତ୍ରଣ କେନ୍ଦ୍ର ଖୋଲା ହୋଇଥିଲା । ଏହାକୁ ମିଶାଇ ଏ ଜିଲ୍ଲାରେ ଏପ୍ରକାର ୨ଟି କେନ୍ଦ୍ର ହେଲା ।

---

# ମୟୂରଭଞ୍ଜ ଜିଲ୍ଲା

ମାର୍ଚ୍ଚ ମାସ ୧୪ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗ୍ରିପୋଷିଠାରେ ଟ ୩୭,୦୦୮ ବ୍ୟୟରେ ଗୋଟିଏ ଟସର ବିହନ କେନ୍ଦ୍ର ଖୋଲାଯାଇଛି । ଟସରପୋକ ପାଳୁଥିବା ଲୋକଙ୍କୁ ଏଠାରୁ ନିରୋଗ ଟସର ଅଣ୍ଡା ଯୋଗାଇ ଦିଆଯିବ ।

୧୯୫୫ ଫେବୃଆରି ମାସରେ ଏହି ଜିଲ୍ଲାରେ ୧୭୭୧୨ଟି ପଶୁଙ୍କର ଚିକିତ୍ସା କରାଯାଇଥିଲା, ୧୩୩୩୧ଟି ପଶୁଙ୍କୁ ଟିକା ଦିଆଯାଇଥିଲା, ୪୧୩୭ଟି ବାହୁଙ୍ଗ ଧରାଯାଇଥିଲେ, ୨୧୪ଟି ଗାଈଙ୍କଠାରେ କୃତ୍ରିମ ଗର୍ଭଧାରଣ ପନ୍ଥା ପ୍ରୟୋଗ କରାଯାଇଥିଲା ଏବଂ ଭଲ କୁକୁଡ଼ା ଉତ୍ପାଦନ ପାଇଁ ୬୦ଟି ଅଣ୍ଡା ବଣ୍ଟାଯାଇଥିଲା ।

କପ୍ତିପଦା ସବ୍‌ଡିଭିଜନର ପେଡ଼ାଗଡ଼ସ୍ଥ ଭ୍ରାମ୍ୟମାଣ ସମବାୟ ସମିତିର ସଭ୍ୟମାନେ ମାର୍ଚ୍ଚ ୩ ତାରିଖରେ ଗୋଟିଏ ନାଟକ ଅଭିନୟ କରି ଟିକଟ ବିକ୍ରିଲବ୍‌ଧ ଟ ୬୦/ରୁ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଆକାରରେ ସମିତି ନାମରେ ଜମା କରିଥିଲେ ।

## ଫୁଲବାଣୀ ଜିଲା

ଗତ ମାର୍ଚ୍ଚ ୧୫ରୁ ୨୧ ତାରିଖ ଯାଏ ବାଲିଗୁଡ଼ା ଜାତୀୟ ସମ୍ପ୍ରସାରଣ ବ୍ଲକ ଆନୁକୂଲ୍ୟରେ କମ୍ପୋଷ୍ଟ-ତାଲିମ ଶିବିର ସଂଗଠିତ ହୋଇଥିଲା । ଏଥିରେ ପ୍ରାୟ ୪୦ ଜଣ କୃଷୀ ଯୋଗ ଦେଇଥିଲେ ।

## କଟକ ଜିଲା

ଗ୍ରାମପଞ୍ଚାୟତ ସମ୍ପାଦକ ତାଲିମପାଇଁ କଟକ ସଦର ସବ୍‌ଡିଭିଜନର କେନ୍ଦ୍ରପାଟଣାଠାରେ ଗୋଟିଏ ଶିବିର ମାର୍ଚ୍ଚ ୧୩ ତାରିଖରୁ ଅପ୍ରେଲ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସମବାୟ, ମାଛଚାଷ, ଶିକ୍ଷା ଓ ପଞ୍ଚାୟତ ପରିଚାଳନା ସମ୍ପର୍କରେ ବିଭିନ୍ନ ଦିବସରେ ବିଭିନ୍ନ ଅଭିଜ୍ଞ ବ୍ୟକ୍ତିମାନେ ବକ୍ତୃତା ଦେଇଥିଲେ । ଏତଦୁପଲକ୍ଷେ ଗୋଟିଏ ପଶୁ, ଶିଳ୍ପ ଓ କୃଷି ପ୍ରଦର୍ଶନୀ ହୋଇଥିଲା । ଗତ ୭ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ଏହି ପ୍ରଦର୍ଶନୀ ଉଦ୍‌ଘାଟନ କରି ଏ ରାଜ୍ୟର ପ୍ରଚଳିତ ଶାସନ ଓ ପଞ୍ଚାୟତମାନଙ୍କ ଦାୟିତ୍ୱ ସମ୍ପର୍କରେ ଏକ ଭାଷଣ ଦେଇଥିଲେ ।



୫ ଏକାଧାରେ ପାଞ୍ଚଟି ଗୁଣ ସମନ୍ୱିତ

# କାଲ୍‌କେମିକୋର ନୀମ୍ ଟୁଥ୍ ପେଷ୍ଟ




**କାଲ୍ କେମିକୋର**

ନୀମ ଟୁଥ୍‌ପେଷ୍ଟ ବ୍ୟବହାର କଲେ ମୁହଁର ଦୁର୍ଗନ୍ଧ ଲୋପ ପାଇବ, କଣ୍ଟୁ ଗୁଣ ଦାନ୍ତ ମୂଳର ହିତ କରିବ ।

କେତେକ ବିଶେଷ ଉପାଦାନରେ ଏହା ତିଆରି ହୋଇ ଥିବାରୁ ଏଥିରେ ଦାନ୍ତ ପୋକ ଖାଇବ ନାହିଁ ବା ଦାନ୍ତମୂଳ ପାଚିବ ନାହିଁ । ଏଥିରେ କାଲ୍‌ସିଅମ୍ କାର୍ବନ୍ ଓ ଅନ୍ୟାନ୍ୟ ଉପକରଣ ମିଶିଥିବାରୁ ଦାନ୍ତର କ୍ଷୟ ଓ ଅନ୍ୟାନ୍ୟ ପୀଡ଼ା ଦୂରୀଭୂତ ହୁଏ । ଏଥିରେ ପିପରମେଣ୍ଟ ତେଲ୍ ମିଶିଥିବାରୁ ମୁହଁରୁ ସୁବାସିତ ଗନ୍ଧ ବାହାରେ ।

ଦ କାଲକାଟା
କେମିକାଲ କୋ: ଲି:
କଲିକତା-୨୯

## ନବବର୍ଷର ଅର୍ଚ୍ଚନା

ଲୁଗା ଧୋଇବା ପାଇଁ ଏକମାତ୍ର ନିର୍ଭରଯୋଗ୍ୟ

# "କପିଳାସ ସାବୁନ"

ଆପଣଙ୍କ ପ୍ରଦେଶରୁ ସାବଶାସ୍ତ୍ର ବିଦେଶୀ ଲୁଗାଧୁଆ ସାବୁନକୁ ପଛରେ ପକାଇ ଆପଣଙ୍କ ସହାନୁଭୂତି, ସୁଦୃଷ୍ଟି ଓ ଆଶୀର୍ବାଦ ଫଳରେ **କପିଳାସ ସାବୁନ** ଆଗେଇ ଚାଲିଲା, କାରଣ ଏହା ଉନ୍ନତ ପ୍ରକାର ଅଖାଦ୍ୟ ବନଜ ତୈଳବୀଜରେ ପ୍ରସ୍ତୁତ ହୋଇଛି ଏବଂ ସମବାୟ ସମିତି ଜରିଆରେ ଏହାର ଜନ୍ମ; ଏଣୁ ଖୁବ ଶସ୍ତା ମଧ୍ୟ । ଲୁଗାକୁ ଅତିଶୟ ଧୋବ ଫରଫର କରୁଛି । ଆପଣ ଆହୁରି ସହାନୁଭୂତି ଦେଖାନ୍ତୁ; ଏଥି ସଙ୍ଗେ ଆପଣଙ୍କ ବନ୍ଧୁ ଓ ପରିଚିତ ବ୍ୟକ୍ତିମାନଙ୍କୁ **କପିଳାସ ସାବୁନର** ସନ୍ଦେଶ ଦେଇ ଏହାର ସେବା ଗ୍ରହଣ କରନ୍ତୁ ।

ବିଶେଷ ବିବରଣୀ ପାଇଁ ଲେଖିବାକୁ ଅନୁରୋଧ ।

ପ୍ରାପ୍ତିସ୍ଥାନ
**ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି**
ଢେଙ୍କାନାଳ

# ପ୍ରଚଳିତ ମୁଦ୍ରା ଓ ନୂଆ ଦଶମିକ ମୁଦ୍ରାର ଦେଣନେଣ ଫର୍ଦ୍ଦ

ପ୍ରଚଳିତ ୧ ପଇସା = ନୂଆ ୨ ପଇସା, ପ୍ରଚଳିତ ୨ ପଇସା = ନୂଆ ୩ ପଇସା, ପ୍ରଚଳିତ ୩ ପଇସା = ନୂଆ ୫ ନୂଆ ପଇସା, ଅଣାମାନ ଓ ଅଣାମାନଙ୍କ ଉପରକୁ ପଇସାମାନ ନୂଆ ପଇସା ହିସାବରେ କେତେ କେତେ ତାହା ତଳଲିଖିତ ଫର୍ଦ୍ଦରେ ଦ୍ରଷ୍ଟବ୍ୟ ।

| ପ୍ରଚଳିତ ଅଣା | ନୂଆ ପଇସା | ଅଣା ଉପରେ ଏକ ପଇସା | ଅଣା ଉପରେ ଦୁଇ ପଇସା | ଅଣା ଉପରେ ତିନି ପଇସା |
|---|---|---|---|---|
| ୧ | ୬ | ୮ | ୯ | ୧୧ |
| ୨ | ୧୨ | ୧୪ | ୧୬ | ୧୭ |
| ୩ | ୧୯ | ୨୦ | ୨୨ | ୨୩ |
| ୪ | ୨୫ | ୨୭ | ୨୮ | ୩୦ |
| ୫ | ୩୧ | ୩୩ | ୩୪ | ୩୬ |
| ୬ | ୩୭ | ୩୯ | ୪୧ | ୪୨ |
| ୭ | ୪୪ | ୪୫ | ୪୭ | ୪୮ |
| ୮ | ୫୦ | ୫୨ | ୫୩ | ୫୫ |
| ୯ | ୫୬ | ୫୮ | ୫୯ | ୬୧ |
| ୧୦ | ୬୨ | ୬୪ | ୬୬ | ୬୭ |
| ୧୧ | ୬୯ | ୭୦ | ୭୨ | ୭୩ |
| ୧୨ | ୭୫ | ୭୭ | ୭୮ | ୮୦ |
| ୧୩ | ୮୧ | ୮୩ | ୮୪ | ୮୬ |
| ୧୪ | ୮୭ | ୮୯ | ୯୧ | ୯୨ |
| ୧୫ | ୯୪ | ୯୫ | ୯୭ | ୯୮ |
| ୧୬ | ୧୦୦ | ... | ... | ... |

AS a leader in the aluminium cable-making business, we have always acted in the best interests of our employees, our shareholders and our customers. For instance, not long ago, we signed a comprehensive, four-year agreement with our employees . . . a human document based on mutual respect and consideration for the problems and viewpoints of each other.

# The Grand Alliance

This 'grand alliance' between ourselves and our employees includes, among several good things, provisions for ;

(i) Orderly collective bargaining relations ;

(ii) Continuous joint consultation machinery for improving working conditions and for facilitating redressal of day-to-day grievances ; and

(iii) Facilities to Unions for collection of their dues on company premises and the display of their notices on Notice Boards provided by the company.

A highlight of our agreement is that bonus will be based on production, not on profit.

The agreement confers on our employees, during the period of its operation, financial benefits amounting to Rs. 25 lakhs.

Yes, the customer is the boss! And if he is served by the shareholder with his savings, he is served by the employee with his mind and muscle.

*Our business is to act in the best interests of all three. The wheels of industry must go on turning without let or hindrance!*



## THE ALUMINIUM INDUSTRIES LTD

*India's largest manufacturers of aluminium cables and accessories*

KUNDARA KERALA STATE

Managing Agents: SESHASAYEE BROS. (TRAV.) PRIVATE LTD

AL 480

Vol. XIII No. 9 UTKAL PRASANGA · Regd.
License No. C. R. N. P. 5, Licensed to post without prepayment.




Published by the Home (Public Relations) Department,
Government of Orissa
New Capital, Bhubaneswar.

COVER
Engraved and Printed by
BENGAL PHOTOTYPE CO. (Private)
46-1, Amherst Street, Calcutta-9.